

ପ୍ରଥମ ଥର ରଣଜୀ ଫାଇନାଲ୍‌ରେ ଜମ୍ମୁ କାଶ୍ମୀର

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-234 ◆THURSDAY ◆19 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୩୪ ◆ଗୁରୁବାର ◆୧୯ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






Now open in Chandrashekharpur

Tanishq Gold coin and other exciting offers on purchase*

19th Feb to 23rd Feb

A TATA PRODUCT

Shop online at TANEIRA.com TATACLiQ Myntra amazon taneira_sarees +91 8147 349 464

Ground Floor, DD Complex, Plot no. 332/1803/2028 (42/8, 42/9), Beside Tanishq, Chandrasekharpur, Bhubaneswar, Mob. : 7788011102

Enquire about our purchase plan
Golden Cocoon
Own Your Dream Weave

### ବିଡିଓ ହଟାଅ ଦାବିରେ ତାତିଲେ ଆନ୍ଦୋଳନକାରୀ

# ବିଡିଓଙ୍କ ଗାଡ଼ି ଭଙ୍ଗାରୁଜା, ପୁଲିସ ସହ ଧସ୍ତାଧସ୍ତି

ଖୋର୍ଦ୍ଧା,୧୮।୨(ସମିସ): ବୋଲଗଡ ବିଡିଓ ସୁମନସୁଧା କୁଣ୍ଡୁଙ୍କ ବିରୋଧରେ ବ୍ଲକ ସମ୍ମୁଖରେ ଜନପ୍ରତିନିଧି ଓ ଜନସାଧାରଣଙ୍କ ଗଣଧାରଣା ନବମ ଦିନରେ ପହଁଚିଛି। ଆଜି ଉଗ୍ରରୂପ ନେଇଛି ଏହି ଆନ୍ଦୋଳନ। ବୋଲଗଡ଼ ବ୍ଲକ ପରିସରରେ ବିଡିଓ ବିବାଦକୁ ନେଇ ଉତ୍ତେଜନା ଦେଖାଯାଉଥିବା ବେଳେ ବିଡିଓଙ୍କ ଗାଡି ଭଙ୍ଗାରୁଜା କରିଛନ୍ତି ଆନ୍ଦୋଳନକାରୀ। ପୁଲିସ ସହ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି।

ଘଟଣାରୁ ଜଣାଯାଇଛି, ଆଜି ଆନ୍ଦୋଳନ ସ୍ଥଳରୁ ବ୍ଲକ ଅଧକ୍ଷାଙ୍କ ସହିତ କେତକ ଆନ୍ଦୋଳନକାରୀମାନେ ବ୍ଲକ କାର୍ଯ୍ୟାଳୟ ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କୁ କାର୍ଯ୍ୟାଳୟ ଭିତରକୁ ପୁଲିସ ଛାଡିନଥିଲା। ଯାହାକୁ ନେଇ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଏହି ସମୟରେ ସୁରକ୍ଷାକର୍ମୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ଜନବିରୋଧି ବିଡ଼ିଓ ବଦଳି ଦାବୀ ନାରାବାଜି କରିବା ସହିତ ପୁଲିସ ମଧ୍ୟରେ ଧସ୍ତା ଧସ୍ତି ଠେଲା ପେଲା ପ୍ରାୟ ଅଧଘଂଟା ଧରି ହୋଇଥିଲା। ଏହି ସମୟରେ ବିଡ଼ିଓଙ୍କ ଗାଡିର କାଚକୁ ଆନ୍ଦୋଳନକାରୀଙ୍କ ମଧ୍ୟରୁ କେହି ଭାଙ୍ଗିଦେଇଥିବା ଜଣାପଡିଛି। ଆଗକୁ ଆନ୍ଦୋଳନ ଜାରିରଖିବା ସହ ପରିସ୍ଥିତି ଭୟଙ୍କର ରୂପ ନେବା ନେଇ ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। ଘଟଣାସ୍ଥଳରେ ୪ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଅତିରିକ୍ତ ଏସ୍‌ପି ଅନାଦି ସେଠୀ, ଏସଡିପିଓ ନିହାର ପ୍ରଧାନ ଓ ଜଙ୍କଆ, ବେଗୁନିଆ ଓ ବୋଲଗଡ ଥାନାର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।





ଅନ୍ୟପକ୍ଷରେ କାର୍ଯ୍ୟାଳୟରେ ପଶି ଗାଡି ଭଙ୍ଗାରୁଜା କରିଥିବା ନେଇ ବୋଲଗଡ ଥାନାରେ ବିଡିଓ ଅଭିଯୋଗ କରିଛନ୍ତି। ମାତ୍ର ରିପୋର୍ଟ ଲେଖାହେବା ଯାଏଁ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ପୁଲିସ ସୂଚନା ଦେଇଛି।

ପ୍ରକାଶଯେ, ବୋଲଗଡ଼ ସରକାରୀ ବାମନ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଆସୁଥିବା ବ୍ଲକସ୍ତରୀୟ ସାଧାରଣ ତନ୍ତ୍ର ଦିବସରରେ ମିଳିତ ପରେଡ ଆୟୋଜନ ପାଇଁ ବ୍ଲକ ପ୍ରଶାସନ ର ଉଦାସୀନତା ସାଥୀକୁ ବିଡ଼ିଓଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ସ୍ଥାନୀୟ ବିଭିନ୍ନ ସଂଗଠନର ନାଗରିକ ସମାଜ ପକ୍ଷରୁ ବିଡ଼ିଓଙ୍କ ବଦଳି ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ପରେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ପାଳଙ୍କ ନିକଟରେ ଅଭିଯୋଗ କରାଯିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଏହି ସାମୁହିକ ଧାରଣା ଆରମ୍ଭ ହୋଇଥିଲା। ଏହି ଧାରଣାକୁ ସ୍ଥାନୀୟ ବିଧାୟକ ପ୍ରଦୀପ କୁମର ସାହୁ, ବିଜେଡି ର ବୋଲଗଡ଼ ବ୍ଲକ ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ବାନାମ୍ବର ମାଝୀ, ସ୍ଥାନୀୟ ପଂଚାୟତ ସମିତି ଅଧକ୍ଷା ହୁଲ୍ଲାସ ପ୍ରଧାନ, ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଛୋଟରାୟ,ସୁବାସ ଚନ୍ଦ୍ର ରାୟଗୁରୁ, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶୁଭେନ୍ଦୁ କୁମାର ସାହୁ ଓ ବିଭିନ୍ନ ପଂଚାୟତ ର ସରପଂଚ ଓ ସମିତି ସଭ୍ୟ ଓ ପ୍ରତିନିଧିମାନେ ଧାରଣାରେ ଯୋଗଦେଇ ଦେଇ ବିଡ଼ିଓ ସୁମନ ସୁଦ୍ଧା କୁଣ୍ଡୁଙ୍କୁ ତୁରନ୍ତ ବଦଳି କରାଯିବାକୁ ପ୍ରଶାସନ ତଥା ସରକାର ପଦକ୍ଷେପ ନେବାକୁ ଦାବି କରୁଛନ୍ତି।

ଏଥିରେ ଧାରଣା ସ୍ଥଳରେ ଆଜି ବେଗୁନିଆଁ ବ୍ଲକ ଅଂଚଳର କେତକ ପଂଚାୟତ ପ୍ରତିନିଧି ମାନେ ପହଁଚି ଧାରଣାରେ ସାମିଲ ହୋଇଥିଲେ। ଏହି ଧାରଣାରେ ଭିନ୍ନ ଭିନ୍ନ ଦିନ ରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ସଦସ୍ୟମାନେ ଆସି ଜନବିରୋଧି ବିଡ଼ିଓ ବଦଳି ଦାବୀ ଆନ୍ଦୋଳନକୁ ସମର୍ଥନ ଜଣାଇ ଥିଲେ। ତେବେ ଆନ୍ଦୋଳନକୁ ୯ଦିନ ବିତିଥିଲେ ମଧ ଆନ୍ଦୋଳନକାରୀଙ୍କ ପାଖରେ ଜିଲ୍ଲାର କୌଣସି ଅଧିକାରୀ ନପହଁଚିବା ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଛି। କାହା ଚାପରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଚାପି ହୋଇରହିଛନ୍ତି ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆରମ୍ଭ ହେଲା +୨ ପରୀକ୍ଷା



ଭୁବନେଶ୍ୱର, ୧୮ ।୨(ସମିସ): ସାରା ରାଜ୍ୟରେ ଉଚ୍ଚ ମାଧମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କ ଏମ୍‌ଆଇଏଲ୍ (ଓଡ଼ିଆ) ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। ଓଡ଼ିଆରେ କୌଣସି ପିଲା ଏକ୍ସ ଫେଲ୍ ହୋଇ ନାହାନ୍ତି। ପରୀକ୍ଷାରେ କୌଣସି ବିଭ୍ରାଟ ମଧ୍ୟ ଦେଖାଦେଇ ନାହିଁ। ସେହିପରି ମୋଟ୍ ୯୬ ହଜାର ୯୨୯ ଜଣ ପିଲା ଓଡ଼ିଆ ପରୀକ୍ଷା ଦେଇଥିବାବେଳଏ ମାତ୍ର ୧୫୭ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି।

**ଓଡ଼ିଆ ପରୀକ୍ଷାରେ ୧୫୭ ଅନୁପସ୍ଥିତ**

ପ୍ରଥମ ଦିନରେ ମୋଟ୍ ୨୧୧ ଟି ହବ୍‌ରୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ବାହାରି ସମସ୍ତ ୧୩୬୪ ଟି ପରୀକ୍ଷା କେନ୍ଦ୍ରରେ ସକାଳ ସାଢ଼େ ୮ ସୁଦ୍ଧା ପ୍ରଶ୍ନପତ୍ର ପ୍ୟାକେଟ୍ ପହଞ୍ଚିଥିଲା। ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କଡ଼ାକଡ଼ି ଭାବେ କପି ଯାଞ୍ଚ କରିଥିବାବେଳେ କେଣ୍ଟ୍ରାଲ୍ ସ୍କ୍ୱାଡ୍ ଅତର୍କିତ ଯାଞ୍ଚ କରିଥିଲେ। ପରୀକ୍ଷା ସରିବା ପୂର୍ବରୁ ପ୍ରଶ୍ନପତ୍ର ଯେପରି ବାହାରକୁ ନ ଆସିବ, ସେଥିପାଇଁ ମୋବାଇଲ୍ ପରୀକ୍ଷା କେନ୍ଦ୍ର ବାହାରେ ରଖାଯାଇଥିଲା। ପରୀକ୍ଷା ସରିବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଥିଲା। ଆଶାନୁରୂପ ପ୍ରଶ୍ନପତ୍ର ଆସିଥିବା କହି ଅନେକ ଛାତ୍ରଛାତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଆସନ୍ତାକାଲି ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ରହିଥିବାବେଳେ ତା ପର ଦିନ ଅର୍ଥାତ୍ ଶୁକ୍ରବାର ଠାରୁ କଳା ଓ ବାଣିଜ୍ୟ ପିଲାଙ୍କ ଏମ୍‌ଆଇଏଲ୍ (ଓଡ଼ିଆ) ପରୀକ୍ଷା ଅନୁଷ୍ଠିତ ହେବ।

### ସ୍ୱାମୀ ସାଜିଲା ଦାନବ

# ଶଶୁର ଘରେ ସ୍ତ୍ରୀକୁ ଜାଳିଦେବାକୁ ଉଦ୍ୟମ

ବାଲିଆପାଳ, ୧୮।୨ (ସମିସ): ସ୍ୱାମୀ ସାଜିଲା ଦାନବ। ଶଶୁର ଘରେ ସ୍ତ୍ରୀକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା କରିବାକୁ ଉଦ୍ୟମ କରି ଗିରଫ ହୋଇଛି। ତେବେ ଝିଅକୁ ବଞ୍ଚାଇବାକୁ ଯାଇ ବାପା ପୋଡ଼ି ହୋଇ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନାରାୟଣପୁର ଗ୍ରାମରେ ଗତକାଲି ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

**ଝିଅକୁ ବଞ୍ଚାଇବାକୁ ଯାଇ ବାପା ଗୁରୁତର**

ପୁଲିସ ସୂଚନା ଅନୁଯାୟୀ, ଗ୍ରାମର ରାଜେନ୍ଦ୍ର ସାମନ୍ତରାୟ ତାଙ୍କ ଝିଅ ଯୋଗମାୟାଙ୍କୁ ସୋର ଅଞ୍ଚଳ ମାଳତ୍ରୀ ଗ୍ରାମର କରୁଣାକର କବିଙ୍କ ସହ ୭ ବର୍ଷ ପୂର୍ବେ ବିବାହ ଦେଇଥିଲେ। ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ କରି ଯୋଗମାୟା ଆଇନର ଆଶ୍ରୟ ନେଇଥିଲେ। ଏକ ମାସ ହେବ ସେ ନିର୍ଯାତନା ସହି ନ ପାରି ଲୁଚିକରି ବାପ ଘରକୁ ପଳାଇ ଆସିଥିଲେ। ମଙ୍ଗଳବାର ରାତିରେ କରୁଣାକର ଶଶୁର ଘରକୁ ଆସି ସ୍ତ୍ରୀ ଯୋଗମାୟା ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲା। ଏଥିରେ ଯୋଗମାୟା ବର୍ତ୍ତିଯାଇଥିବା ବେଳେ ତାଙ୍କୁ ବଞ୍ଚାଇବାକୁ ଯାଇ ରାଜେନ୍ଦ୍ରଙ୍କ ଶରୀରର ୪୦% ପୋଡି ଯାଇଥିଲା। ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମବାସୀ ଅଭିଯୁକ୍ତ କରୁଣାକରକୁ ଧରି ଥାନା ଜିମା ଦେଇଥିଲେ। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଆଜିଠୁ ମାଟ୍ରିକ ପରୀକ୍ଷା

# ଏଆଇ ନଜରରେ ୫.୬ ଲକ୍ଷ ପରୀକ୍ଷାର୍ଥୀ

କଟକ,୧୮।୨(ସମିସ): ଆସନ୍ତାକାଲି ଫେବୃଆରୀ ୧୯ରୁ ସାରା ରାଜ୍ୟରେ ଆରମ୍ଭ ହେଉଛି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ବା ମାଟ୍ରିକ ପରୀକ୍ଷା। ପ୍ରଥମ ଦିନରେ ପରୀକ୍ଷାର୍ଥୀମାନେ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେବେ। ଏହି ପରୀକ୍ଷା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ରାଜ୍ୟର ମୋଟ ୩୦୮୨ଟି କେନ୍ଦ୍ରରେ ୫ ଲକ୍ଷ ୬୧ ହଜାର ୯୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ପ୍ରସ୍ତୁତ ହୋଇଛନ୍ତି। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ତେବେ ଜରୁରୀକାଳୀନ ପରିସ୍ଥିତି ପାଇଁ ପରୀକ୍ଷାର୍ଥୀଙ୍କୁ କେନ୍ଦ୍ରରେ ପ୍ରବେଶ ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ପ୍ରଦାନ କରାଯାଇଛି। ଚଳିତ ବର୍ଷ ପରୀକ୍ଷାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବୋର୍ଡ ପକ୍ଷରୁ ଅଭୂତପୂର୍ବ ବ୍ୟବସ୍ଥା କରାଯାଇଛି। ସମସ୍ତ ୩୦୮୨ଟି ପରୀକ୍ଷା କେନ୍ଦ୍ର ସିସିଟିଭି ନଜରରେ ରହିବ। ବିଶେଷ କରି ୩୨୨ଟି ନୋଡାଲ ସେଣ୍ଟରରେ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' (ଏଆଇ) କ୍ୟାମେରା ଏବଂ ଅନ୍ୟ କେନ୍ଦ୍ରଗୁଡ଼ିକରେ ହାଇ ଡେଫିନେସନ (ଏଚଡି) କ୍ୟାମେରା ଲଗାଯାଇଛି। ଏହି ସମସ୍ତ କ୍ୟାମେରାର ଲାଇଭ୍ ଫିଡ୍ ବୋର୍ଡର କେନ୍ଦ୍ରୀୟ କମାଣ୍ଡ କଣ୍ଟ୍ରୋଲ ରୁମ୍ ସହ ସଂଯୋଗ ହୋଇଛି। କଣ୍ଟ୍ରୋଲ ରୁମ୍‌ରେ ୧୫ଟି ବଡ଼ ଏଲଇଡି ସ୍କ୍ରିନ୍ ମାଧ୍ୟମରେ ୨୦ରୁ ଅଧିକ ଟେକ୍ନିସିଆନ୍ ଓ ବୋର୍ଡ ଅଧିକାରୀମାନେ ପ୍ରତିଟି ଗତିବିଧି ଉପରେ କଡ଼ା ନଜର ରଖିବେ। ସେହିପରି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ କିମ୍ବା କୌଣସି ବୈଦ୍ୟୁତିକ ସରଞ୍ଜାମ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। କେବଳ ପରୀକ୍ଷାର୍ଥୀ ନୁହନ୍ତି, କେନ୍ଦ୍ରରେ ନିୟୋଜିତ ଶିକ୍ଷକମାନେ ମଧ ପରୀକ୍ଷା ସମୟରେ ମୋବାଇଲ୍ ବ୍ୟବହାର କରିପାରିବେ ନାହିଁ। କପି ରୋକିବା ପାଇଁ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଫ୍ଲାଇଂ ସ୍କ୍ୱାର୍ଡ ଗଠନ କରାଯାଇଛି ଏବଂ ସମ୍ବେଦନଶୀଳ କେନ୍ଦ୍ରଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ସମସ୍ତ ନୋଡାଲ ସେଣ୍ଟରରେ ପର୍ଯ୍ୟାପ୍ତ ପୁଲିସ ବନ୍ଦୋବସ୍ତ କରାଯାଇଥିବା ବୋର୍ଡ ସଭାପତି ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀଙ୍କୁ ମାନସିକ ଭାବେ ଉତ୍ସାହିତ କରିବା ପାଇଁ ଅନେକ ସେଣ୍ଟରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କଟକର ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି କରାଯାଇଛି। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ଗ୍ରାଉଣ୍ଡ ଫ୍ଲୋରରେ ସିଟିଂ ଆରେଞ୍ଜମେଣ୍ଟ୍ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଇଛି। ଛାତ୍ର ଓ ଛାତ୍ରୀଙ୍କ ଯାଞ୍ଚ ପାଇଁ ପୃଥକ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପୂର୍ବରୁ ସଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚିବାକୁ ଏବଂ ଆଡମିଟ୍ କାର୍ଡ ସହ ସମସ୍ତ ନିୟମ ପାଳନ କରିବାକୁ ବୋର୍ଡ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି।

- ପ୍ରଥମ ଦିନ ମାତୃଭାଷା ପରୀକ୍ଷା
- କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ହେବ ତଦାରଖ
- କପି ରୋକିବାକୁ ଫ୍ଲାଇଂ ସ୍କ୍ୱାଡ୍ ପ୍ରସ୍ତୁତ

### ଠିକା କଂପାନୀକୁ ମିଳିଲାନି ସାଢ଼େ ୯ କୋଟିର କ୍ଷତିପୂରଣ ଅର୍ଥ

# ରାଜସ୍ୱ ପର୍ଷଦ ଜମି ରେକର୍ଡ ଓ ଯୋବ୍ରା ଭୂ-ବନ୍ଦୋବସ୍ତ କାର୍ଯ୍ୟାଳୟରେ ଝୁଲିବ ତାଲା !

କଟକ,୧୮ ।୨(ସମିସ): ତହସିଲ ରେକର୍ଡ ରୁମ୍ ଆଧୁନିକୀକରଣ କାର୍ଯ୍ୟ କରିଥିବା ଏକ ଠିକା ସଂସ୍ଥାକୁ ରାଜସ୍ୱ ବିଭାଗ ଟଙ୍କା ନ ଦେବା କାରଣରୁ ରାଜସ୍ୱ ପର୍ଷଦର ଜମି ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକଙ୍କ ଅଫିସ ଏବଂ ଯୋବ୍ରାସ୍ଥିତ ଭୂ-ବନ୍ଦୋବସ୍ତ(ସେଟଲ୍‌ମେଣ୍ଟ) କାର୍ଯ୍ୟାଳୟର ସମସ୍ତ ସମ୍ପତ୍ତି ଆଟାଚ୍ ହେବାକୁ ଯାଉଛି। କଟକ ବରିଷ୍ଠ ସିଭିଲ ଜଜ୍ (କମର୍ସିଆଲ) ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଏହି ସମ୍ପତ୍ତି ସହିତ ଏକ ବ୍ୟାଙ୍କ ଆକାଉଣ୍ଟ ଜବତ ପାଇଁ ନିର୍ଦ୍ଦେଶ ରହିଥିଲା। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଆଜି ପଦକ୍ଷେପ ନିଆଯାଇଥିଲା। ତେବେ ବର୍ତ୍ତମାନ ବିଧାନସଭା ଚାଲିଥିବାରୁ ଆବଶ୍ୟକ ପୁଲିସ ଫୋର୍ସ ଯୋଗାଇବାକୁ କଟକ ଡିସିପି ଅସହାୟତା ପ୍ରକାଶ କରି ଆଉ ଗୋଟିଏ ତାରିଖ ଧାର୍ଯ୍ୟ କରିବାକୁ ଅନୁରୋଧ କରିବାରୁ ଜବତ ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରଖାଯାଇଛି।

ସୂଚନା ଅନୁସାରେ, ରାଜ୍ୟର ତହସିଲଗୁଡିକର ରେକର୍ଡରୁମ୍‌ର ଆଧୁନିକୀକରଣ କରାଯିବାକୁ ୨୦୧୨ ମସିହାରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସିଲଭାସା ଇନ୍‌ଫୋଟେକ୍ ପ୍ରାଇଭେଟ ଲିମିଟେଡକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ୩ ମାସ ଭିତରେ ଶେଷ କରିବାକୁ ସର୍ତ୍ତ ରଖାଯାଇଥିଲା। ଧାର୍ଯ୍ୟ ସମୟ ସୁଦ୍ଧା କାମ ଆରମ୍ଭ ହୋଇପାରୁ ନ ଥିବାରୁ ସରକାରଙ୍କୁ ଅବଧି ବଢ଼ାଇବାକୁ କମ୍ପାନୀ ଅନୁରୋଧ କରି ନିରାଶ ହୋଇଥିଲା ବେଳେ ସରକାର ସଂସ୍ଥାକୁ କଳା ତାଲିକାଭୁକ୍ତ କଲେ। ତେବେ ଏହାକୁ କଂପାନୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବାରୁ ୨୦୧୫ରେ କଳାତାଲିକାରୁ ଏହି ସଂସ୍ଥାର ନାମ ହଟାଯିବା ପରେ ୨୦୧୭ରେ କାମ ଶେଷ ହୋଇଥିଲା। ତେବେ ସମ୍ପୃକ୍ତ ସଂସ୍ଥାକୁ ଚୂଡ଼ାନ୍ତ ବିଲ୍ ପୈଠ କରା ନ ଯାଇ ରାଜସ୍ୱ ବିଭାଗ ପକ୍ଷରୁ ୮୦ଲକ୍ଷ ୩୫ ହଜାର ୯୧୩ ଟଙ୍କାର ଜରିମାନା ଲଗାଯାଇଥିଲା। ମଧ୍ୟସ୍ଥତା ଜରିଆରେ କ୍ଷତିପୂରଣ ରାଶି ୭ କୋଟି ୪୬ ଲକ୍ଷ ୪୫ ହଜାର ୨୨୭ ଟଙ୍କା ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ ଏହା ଦିଆ ନ ଯିବାରୁ ସଂପୃକ୍ତ ସଂସ୍ଥା କଟକ ବରିଷ୍ଠ ସିଭିଲ ଜଜ୍ (କମର୍ସିଆଲ) ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଆବେଦନର ଶୁଣାଣି କରି ଅଦାଲତ ମୂଳ କ୍ଷତିପୂରଣ ରାଶି ସହିତ ୧୦ ପ୍ରତିଶତ ସୁଧ ମିଶାଇ ଉକ୍ତ କଂପାନୀକୁ ମୋଟ ୯କୋଟି ୪୪ଲକ୍ଷ ୪୧ହଜାର ୫୫୦ ଟଙ୍କା ପ୍ରଦାନ କରିବାକୁ ଗତ ଜାନୁଆରୀ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଟଙ୍କା ପୈଠ କରା ନ ଯିବାରୁ ଆବେଦନକାରୀଙ୍କ ଦାବି ଅନୁସାରେ ରାଜସ୍ୱ ପର୍ଷଦର ଜମି ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକଙ୍କ ଅଫିସର ସମସ୍ତ ଉପକରଣ ସହିତ ଯୋବ୍ରା ସେଟଲମେଣ୍ଟ କାର୍ଯ୍ୟାଳୟର ସଂପତ୍ତି ଆଟାଚ୍ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜ୍ୟୋତିର୍ମୟ ପ୍ରସାଦ ବେହେରା ମାମଲା ପରଚାଳନା କରୁଛନ୍ତି।

**ସମ୍ପତ୍ତି ଓ ବ୍ୟାଙ୍କ ଆକାଉଣ୍ଟ ଆଟାଚ୍ ନିର୍ଦ୍ଦେଶ କାର୍ଯ୍ୟକାରୀ ସାମୟିକ ସ୍ଥଗିତ**

# ହାଟପଦାରେ ଦିନ ଦ୍ୱିପ୍ରହରରେ ଛୁରାମାଡ଼

ବରଗଡ଼,୧୮।୨(ସମିସ): ବରଗଡ଼ ସହର ପୁଣି ଅଶାନ୍ତ ହୋଇଛି। ଅଳ୍ପଦିନ ପୂର୍ବରୁ ଗୋଷ୍ଠୀ ସଂଘର୍ଷ ଓ ସର୍ବସମ୍ମୁଖରେ ମାର ହାଣ ଘଟଣା ପରେ ବୁଧବାର ହାଟପଦା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଛୁରାମାଡ ଘଟଣା ସହରରେ ଆତଙ୍କ ସୃଷ୍ଟି କରିଛି। ସୂଚନାନୁଯାୟୀ, ବିହାରୀ ହୋଟେଲ ମାଲିକ ଉଦ୍ଧବ ଡାଗଙ୍କ ପୁଅ ନବକିଶୋର ଡାଗଙ୍କୁ କିଛି ଦୁର୍ବୃତ୍ତ ଛୁରାମାଡ କରିଛନ୍ତି। ଏଥିରେ ନବକିଶୋର ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ସମୟରେ ପୁଲିସ ସେ ଅଞ୍ଚଳରେ ଉପସ୍ଥିତ ଥିବା ସତ୍ତ୍ୱେ ଏପରି ଘଟଣା ଘଟିଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଆହତ ନବକିଶୋର ଡାଗଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ହୋଇଛି। ଆଜି ଆହତ ଯୁବକ ଓ ପଡାବାସୀ ଟାଉନ ଥାନାକୁ ଯାଇ ଘଟଣା ସମ୍ବନ୍ଧରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ।



**ହୋଟେଲ ମାଲିକଙ୍କ ପୁଅ ଗୁରୁତର**

କିଛିଦିନ ପୂର୍ବରୁ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଘଟିଥିବା ସଂଘର୍ଷରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେହି ଘଟଣା ପରେ ମଧ ଅଞ୍ଚଳରେ ଅସନ୍ତୋଷ ଜାରି ରହିଥିବା ସୂଚନା ମିଳିଛି। ନିଶା କାରବାରକୁ କେନ୍ଦ୍ର କରି ଏପରି ଘଟଣାର ପୁନରାବୃତ୍ତି ହେଉଥିବାରୁ ସ୍ଥାନୀୟ ବାସିନ୍ଦା ପୁଲିସ ବିଭାଗର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ହାଟପଦା ଅଞ୍ଚଳରେ ଆଇନ ଶୃଙ୍ଖଳାର ସୁଧାର ଓ ନିଶା କାରବାର ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# 'ପଲଙ୍କ' ଗଲା ସାତକୋଶିଆ

ଭୁବନେଶ୍ୱର,୧୮।୨(ସମିସ): ଭରତପୁର ଜଙ୍ଗଲରେ ୧୨ ଘଣ୍ଟା ଧରି ଅପରେସନ ପରେ ଟ୍ରାଙ୍କୁଲାଇଜ ହେଲା ଦନ୍ତା ହାତୀ 'ପଲଙ୍କ'। ଏହି ହାତୀର ଲଗାତାର ଭାବେ ଆଚରଣରେ ଭିନ୍ନତା ଆସୁଥିବା ହେତୁ ଏହାର ଗତିବିଧି ଉପରେ ନଜର ରଖିବାକୁ ବନ ବିଭାଗ ଯୋଜନା କରିଛି। ତେଣୁ ଟ୍ରାଙ୍କୁଲାଇଜ୍ କରି ହାତୀର ବେକରେ 'ରେଡିଓ କଲାର' ଲଗାଯାଇଛି। ଫଳରେ ଏଣିକି ପଲଙ୍କର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିବାକୁ ବନ ବିଭାଗ ସକ୍ଷମ ହୋଇଛି। ଏହି ସମସ୍ତ କାର୍ଯ୍ୟପରେ ହାତୀକୁ ସୁରକ୍ଷିତ ଭାବେ ଅନୁଗୋଳର ସାତକୋଶିଆ ଜଙ୍ଗଲକୁ ସ୍ଥାନାନ୍ତର କରାଯାଇଛି ।

**ଟ୍ରାଙ୍କୁଲାଇଜ୍ ପରେ ଲାଗିଲା ରେଡିଓ କଲାର**

ଡିଏଫଓ ବିନୋଦ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଚନ୍ଦକା ଡିଭିଜନ ଓ ଭୁବନେଶ୍ୱର ଆର୍‌ଆରଟି ଟିମ୍ ମଙ୍ଗଳବାର ବିଳମ୍ବିତ ରାତିରେ ପଲଙ୍କକୁ ଟ୍ରାଙ୍କୁଲାଇଜ କରିଥିଲେ। ଏହାପରେ ତା ବେକରେ ରେଡିଓ କଲାର ଲଗାଯିବା ସହ ଟ୍ରକ୍‌ରେ ନେଇ ସାତକୋଶିଆରେ ଛଡ଼ାଯାଇଥିଲା। କିଛି ଦିନ ହେଲା ଭରତପୁର ଜଙ୍ଗଲରେ ଦନ୍ତାହାତୀ ପଲଙ୍କ ଉତ୍ପାତ କରୁଥିଲା। ବନ ବିଭାଗ ଜାଣିବା ପରେ ଟ୍ରାଙ୍କୁଲାଇଜ କରିବା ପାଇଁ ୩୦ରୁ ଅଧିକ ବନ କର୍ମଚାରୀ ଲାଗିଥିଲେ। ଏହି କାର୍ଯ୍ୟପାଇଁ ପ୍ରାୟ ୧୨ ଘଣ୍ଟା ଧରି ଟିମ୍‌କୁ ନାକେଦମ ହେବାକୁ ପଡ଼ିଥିଲା।

ପଲଙ୍କ ଭରତପୁର ଜଙ୍ଗଲରେ ରାଜ୍ କରିବା ସହ ବାରମ୍ବାର ସହରମୁହାଁ ହେଉଥିଲା। କେତେବେଳେ ପଥରଗଡ଼ିଆ ପଟେ ପାଚେରୀ ଭାଙ୍ଗି ଶିଖରଚଣ୍ଡୀ



ମୁଣ୍ଡିଆ ତ ଆଉ କେତେବେଳେ ଏକାମ୍ର ପାର୍କ ଭିତରେ ପଶି ଭଙ୍ଗାରୁଜା କରୁଥିଲା। ବାରମ୍ବାର ପଲଙ୍କ ଏପରି କରିବାରୁ ତାକୁ ଟ୍ରାଙ୍କୁଲାଇଜ୍ କରି ବେକରେ ରେଡିଓ କଲାର ବାନ୍ଧିବା ପାଇଁ ବନବିଭାଗ ଯୋଜନା କରିଥିଲା। ଚନ୍ଦକା ଡିଏଫ୍‌ଓଙ୍କ ନେତୃତ୍ୱରେ ଏସିଏଫ୍, ବନବିଭାଗର କର୍ମଚାରୀ, ଓୟୁଏଟି ଓ ନନ୍ଦନକାନନର ଟ୍ରାଙ୍କୁଲାଇଜ୍ ଟିମ୍‌କୁ ମିଶାଇ ପ୍ରାୟ ୩୦ ଜଣ ଏହି ଅପରେସନରେ ସାମିଲ ହୋଇଥିଲେ।

### ବଜେଟ ଅର୍ଥ ଖର୍ଚ୍ଚ କରି ପାରୁନାହାନ୍ତି ସରକାର

# ଆର୍ଥିକ ବର୍ଷର ୧୦ ମାସ ପରେ ମାତ୍ର ୫୭% ଖର୍ଚ୍ଚ: କଂଗ୍ରେସ

ଭୁବନେଶ୍ୱର,୧୮।୨(ସମିସ): ଚଳିତ ଆର୍ଥିକ ବର୍ଷ ସରିବାକୁ ମାତ୍ର ଆଉ ଦୁଇଟି ମାସ ବାକି ଅଛି; କିନ୍ତୁ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କରିଥିବା ବଜେଟ୍ ବରାଦର ୫୦% ବି ଖର୍ଚ୍ଚ କରିପାରି ନାହାନ୍ତି ।୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତାବ ବିଧାନସଭାରେ ପାରିତ କରିଥିଲେ। କିନ୍ତୁ ୨୦୨୬ ଜାନୁୟାରୀ ମାସ ଶେଷ ସୁଧା ମାତ୍ର ୧ ଲକ୍ଷ ୬୩ ହଜାର ୬୬୪ କୋଟି ଟଙ୍କା ବ୍ୟୟ କରିବାକୁ ସମର୍ଥ ହୋଇଛନ୍ତି। ୧୦ ମାସରେ ବଜେଟ ବରାଦର ୫୭ ପ୍ରତିଶତ ଖର୍ଚ୍ଚ ହୋଇଥିବାବେଳେ ଆଉ ଦୁଇମାସରେ କିପରି ୪୩% ଅର୍ଥ ଖର୍ଚ୍ଚ ହେବ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ଏହା ସହିତ ରାଜ୍ୟ ସରକାରଙ୍କୁ ଅପଦାର୍ଥ ଓ ବିକାଶ ବିରୋଧୀ ବୋଲି ମଧ କଂଗ୍ରେସ ଅଭିଯୋଗ କରିଛି।

ଧାନ କିଣା ସମସ୍ୟା ଓ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ପ୍ରସଙ୍ଗକୁ ନେଇ ଆଜି ସରକାରଙ୍କୁ କାଠଗଡ଼ାରେ ଠିଆ କରିଛି କଂଗ୍ରେସ। ସ୍ଥାନୀୟ କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ ରାଜ୍ୟରେ ସମୁଦାୟ ଋଣ




ଭାର ୨୦୨୬-୨୭ ସୁଧା ୧ ଲକ୍ଷ ୫୦ ହଜାର କୋଟି ଟଙ୍କା ଛୁଇଁବ। ରାଜ୍ୟର ଋଣ ଭାର ବିଗତ ୨ ବର୍ଷ ମଧ୍ୟରେ ଦୁଇଗୁଣ ହେବାକୁ ବସିଛି। ଚାଷୀମାନଙ୍କ ପାଖରୁ ଧାନ ଉଠାଯାଉନାହିଁ। ଚାଷୀଙ୍କ କଥା ଏ ସରକାର ଶୁଣୁନାହିଁ। ବିଧାନସଭାରେ ରାଜ୍ୟପାଳଙ୍କ ମୁହଁରେ ସରକାର ସମ୍ପୂର୍ଣ୍ଣ ମିଛ କୁହାଇଛନ୍ତି ବୋଲି ଶ୍ରୀ ସାଲୁଜା କହିଛନ୍ତି । ଅନୁରୂପ ଭାବରେ ବିଧାୟକ ପବିତ୍ର ସାଉଁତା ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଚରମସୀମାରେ ପହଂଚି ସାରିଛି ବୋଲି କହି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ରାଜ୍ୟ ସରକାର ବଜେଟ ରାଶି ଖର୍ଚ୍ଚ କରିପାରୁ ନ ଥିବାବେଳେ କାହିଁକି ସପ୍ଲିମେଂଟାରୀ ବଜେଟ ଆଣିଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଦଳର ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଘୋଷଣା କରିଛନ୍ତି। ଏଥିପାଇଁ ୨୦୦ କୋଟି ଟଙ୍କା ବଜେଟ ବରାଦ ବି କରିଥିଲେ। କିନ୍ତୁ ବର୍ଷ ପୂରିଗଲା, ଏଥିରୁ ୨ କୋଟି ବି ଖର୍ଚ୍ଚ ହୋଇ ପାରିଲା ନାହିଁ। ସେହିପରି ନଦୀ ଜଳକୁ ସଂରକ୍ଷଣ କରିବା ପାଇଁ ୮୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା, କିନ୍ତୁ ଏହି ସମୟ ମଧ୍ୟରେ କୌଣସି ଗୋଟିଏ ନଦୀରେ ଜଳ ସଂରକ୍ଷଣ କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ରାଜ୍ୟରେ ମଡେଲ ମଣ୍ଡି କରିବା ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା କିନ୍ତୁ ଏ ପର୍ଯ୍ୟନ୍ତ କେଉଁଠି ମଡେଲ ମଣ୍ଡି ହୋଇଛି ତାହା ସରକାର ନିଜେ ଜାଣନ୍ତି ନାହିଁ। ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଗ୍ରାମାଞ୍ଚଳ ବିକାଶ ଓ ସ୍ୱାସ୍ଥ୍ୟ କ୍ଷେତ୍ର ଭଳି ବିଭାଗରେ ମାତ୍ର ୪୪ ରୁ ୫୦ ପ୍ରତିଶତ ଖର୍ଚ୍ଚ ହୋଇଛି। ଏ ପର୍ଯ୍ୟନ୍ତ ଏକ ସିଂହ ବାଘ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଛି ବୋଲି କଂଗ୍ରେସ ଦଳ କହିଛି।

**ଡ଼ବ୍ଲୁଡ଼ିସିର ୨୦୦ କୋଟିରୁ ଖର୍ଚ୍ଚ ହୋଇନାହିଁ ୨ କୋଟି**




ଦୁବେଙ୍କ ବିସ୍ଫୋରକ ଅର୍ଦ୍ଧଶତକ
▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-234 ♦THURSDAY ♦19 FEBRUARY 2026 ♦PAGE-12 ♦₹ 7.00
♦ବର୍ଷ-୪୩ ♦ସଂଖ୍ୟା-୨୩୪ ♦ଗୁରୁବାର ♦୧୯ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଇରାନ ଅଭିମୁଖେ ଆମେରିକାର ୫୦ ଲଢୁଆ ଜେଟ୍



## ଏଫ୍-୨୨, ଏଫ୍-୩୫, ଏଫ୍-୧୬ ସାମିଲ

■ ୱାସିଂଟନ, ୧୮ ।୨ (ଏଜେନ୍ସି): ପରମାଣୁ ଶକ୍ତି ନେଇ ଆମେରିକା ଓ ଇରାନ ମଧ୍ୟରେ ଓମାନ ମଧ୍ୟସ୍ଥତାରେ କଥାବାର୍ତ୍ତା ଚାଲିଛି। ତେବେ କଥାବାର୍ତ୍ତାରୁ ବର୍ତ୍ତମାନ ସୁଦ୍ଧା ବିଶେଷ ଉତ୍ସାହଜନକ ଫଳ ମିଳୁନଥିବାରୁ କ୍ଷୁବ୍ଧ ହୋଇଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ଇରାନ ଉପରେ ଆକ୍ରମଣ ଉଦ୍ଦେଶ୍ୟରେ ଆମେରିକା ଗତ ୨୪ ଘଣ୍ଟା ମଧ୍ୟରେ ମଧ୍ୟପ୍ରାଚ୍ୟକୁ ୫୦ରୁ ଅଧିକ ଲଢୁଆ ଜେଟ୍‌କୁ ପଠାଇଛି। ଫ୍ଲାଇଟ୍ ଟ୍ରାକିଂ ଡାଟା ଅନୁଯାୟୀ, ଅନେକ ଏଫ୍-୨୨, ଏଫ୍-୩୫ ଓ ଏଫ୍-୧୬ ଫାଇଟର ଜେଟ୍ ମଧ୍ୟ ପ୍ରାଚ୍ୟ ଆଡ଼କୁ ଯାଉଥିବା ରେକର୍ଡ କରାଯାଇଛି। ଏହି ସୂଚନା ମଙ୍ଗଳବାର ଜେନେଭାରେ ଆମେରିକା ଓ ଇରାନ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ସମୟରେ ସାମ୍ନାକୁ ଆସିଛି। ପରମାଣୁ ଚୁକ୍ତି ସହ ଜଡ଼ିତ ପ୍ରସଙ୍ଗରେ ଉଭୟ ଦେଶ ମଧ୍ୟରେ ମତଭେଦ ଜାରି ରହିଛି। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ଥିର କରାଯାଇଥିବା ସର୍ତ୍ତକୁ ଇରାନ ମାନିବାକୁ ପ୍ରସ୍ତୁତ ନୁହେଁ। ଟ୍ରମ୍ପ ପୂର୍ବରୁ ଚେତାବନୀ ଦେଇଛନ୍ତି ଯେ, ଯଦି ଇରାନ ଦାବି ନମାନେ, ତେବେ ଆମେରିକା ଶକ୍ତି ପ୍ରୟୋଗ କରିବ।

ଫାଇଟର ଜେଟ୍ ସହିତ ଆମେରିକା ଆକାଶମାର୍ଗରେ ଇନ୍ଧନ ଭରିବା ପାଇଁ ଟ୍ୟାଙ୍କର ମଧ୍ୟ ପଠାଇଛି। ଏହା ସହ 'ୟୁଏସ୍ଏସ୍ ଜେରାଲ୍ଡ ଆର୍. ଫର୍ଡ' ଏୟାରକ୍ରାଫ୍ଟ କ୍ୟାରିୟର ଓ ୩ଟି ଗାଇଡ଼େଡ ମିସାଇଲ ଡେଷ୍ଟ୍ରୋୟର ମଧ୍ୟ ପ୍ରାଚ୍ୟ ଅଭିମୁଖେ ଯାତ୍ରା କରୁଛନ୍ତି। ଅନ୍ୟପଟେ ଇରାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ'ର କିଛି ଅଂଶକୁ ସାମୟିକ ଭାବେ ବନ୍ଦ କରି ସମରାଭ୍ୟାସ ଆରମ୍ଭ କରିଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ରାସ୍ତା ଦେଇ ହୋଇଥିଲା। ପରମାଣୁ କାର୍ଯ୍ୟକ୍ରମକୁ ବାଦ୍ ଦେଲେ ଆମେରିକା ଓ ଇରାନ ମଧ୍ୟରେ ବାଲାଷ୍ଟିକ୍ ମିସାଇଲ ପ୍ରସଙ୍ଗରେ ମଧ୍ୟ ବିବାଦ ଅଟକିଛି। ଇରାନ ଏହାକୁ ନିଜର ସୁରକ୍ଷା ପାଇଁ ଜରୁରୀ ବୋଲି କହି ଏହା ଉପରେ କୌଣସି ଆଲୋଚନା କରିବାକୁ ମନା କରିଦେଇଛି। ▸ପୃଷ୍ଠା-୭

# ବିଧାନସଭାରେ ମଣ୍ଡି ତାତି

## ଚାଷୀ ସମସ୍ୟା ସମାଧାନ ନ ହେଲା ଯାଏଁ ଗୃହ ଚଳାଇ ନ ଦେବାକୁ ବିରୋଧୀଙ୍କ ଚେତାବନୀ



### ଗୃହରେ ଧାନ ଅଜାଡ଼ି ବିଜେଡିର ପ୍ରତିବାଦ
### ପ୍ଲାକାର୍ଡ ଧରି କଂଗ୍ରେସ ସଦସ୍ୟଙ୍କ ବିରୋଧ
### ପୂରା ଦିନରେ ଗୃହ ଚାଲିଲା ମାତ୍ର ୭ ମିନିଟ

■ ଭୁବନେଶ୍ୱର, ୧୮ ।୨ (ସମିସ): ମଣ୍ଡିରେ ଯଦି ଚାଷୀଙ୍କ ସ୍ୱର ଶୁଣା ନ ଗଲେ ଏହା ପ୍ରତିଧ୍ୱନୀ ବିଧାନସଭାରେ ପ୍ରତିଧ୍ୱନିତ ହେବ। ବିଜେଡି ବିଧାୟକ ଦଳ ବୈଠକରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯେଉଁ ଚେତାବନୀ ଦେଇଥିଲେ, ତାହାର ପ୍ରତିଫଳନ ଆଜି ବିଧାନସଭାରେ ଦେଖିବାକୁ ମିଳିଛି। ଆଜି ବଜେଟ ଅଧିବେଶନର ଦ୍ୱିତୀୟ ଦିନରେ ବିଜେଡି ବିଧାୟକ ଧାନ କିଣା ସମସ୍ୟା ଏବଂ ଚାଷୀ ପ୍ରସଙ୍ଗକୁ ଗୃହକୁ କମ୍ପମାନ କରିଛନ୍ତି। ବ୍ୟାନର , ପ୍ଲାକାର୍ଡ ପ୍ରଦର୍ଶନ ସହ ଗୃହ ମଧ୍ୟସ୍ଥ ରିପୋର୍ଟର୍ସ ଟେବୁଲ ଉପରେ ଧାନ ଅଜାଡ଼ି ଦୃଢ଼ ପ୍ରତିବାଦ କରିଛନ୍ତି। ଅନୁସରୂପ ଭାବରେ କଂଗ୍ରେସ ବିଧାୟକମାନେ ମଧ୍ୟ ସମାନ ପ୍ରସଙ୍ଗକୁ ନେଇ ପ୍ଲାକାଡର୍ ପ୍ରଦର୍ଶନ କରିଛନ୍ତି ଓ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହ ଆଜି ମାତ୍ର ୭ ମିନିଟ ଚାଲିପାରିଛି। ପ୍ରଶ୍ନକାଳ, ଶୁନ୍ୟକାଳ, ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ସମ୍ଭବ ହୋଇପାରି ନାହିଁ।

ବୁଧବାର ପୂର୍ବାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବାକ୍ଷଣି ପ୍ଲାକାର୍ଡ ଓ ଧାନ ଧରି ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲି ଆସିଥିଲେ। 'ଚାଷ ଜମି ଯାହାର, ସର୍ବନାଶ ତାହାର', 'ଡବଲ ଇଞ୍ଜିନ: ଡବଲ କଟନି ଛଟନି ଡବଲ ଧୋକା', ମା କାନ୍ଦୁଛି-ଚାଷୀ କାନ୍ଦୁଛି-ମୋହନ ସରକାର ଛି ଛି' ଲେଖାଥିବା ପ୍ଲାକାର୍ଡ ଧରି ବିଜେଡି ▸ପୃଷ୍ଠା-୭

### ମାନିଲେ ମନ୍ତ୍ରୀ
## ଚାଷୀଙ୍କୁ ମିଳୁନାହିଁ ୮୦୦ ଟଙ୍କା

■ ଭୁବନେଶ୍ୱର, ୧୮ ।୨ (ସମିସ): ନିର୍ବାଚନ ସମୟରେ କ୍ଷମତାକୁ ଆସିଲେ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ଦେବାକୁ ବିଜେପି ଘୋଷଣା କରିଥିଲା। ମାତ୍ର ଏବେ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳୁନାହିଁ ବୋଲି ବୋଲି ବିଧାନସଭାରେ ସ୍ୱୀକାର କରିଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଯାହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ସରକାର ନିଜ ପ୍ରତିଶ୍ରୁତିରୁ ଓହରି ଯାଇ ରାଜ୍ୟର ଚାଷୀଙ୍କୁ ପ୍ରତାରଣା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବିଧାନସଭାରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପ୍ରଶ୍ନରେ ଯୋଗାଣ ▸ପୃଷ୍ଠା-୭

### ଆଇପାକ୍ ମାମଲା: ସୁପ୍ରିମକୋର୍ଟରେ ମମତା-ଏଜେନ୍ସି ମୁହାଁମୁହିଁ
# ଇଡି କେନ୍ଦ୍ରର ଅସ୍ତ୍ର ପାଲଟିଛି



## ରାଜ୍ୟ ସରକାର ଧମକାଉଛନ୍ତି: ଇଡ଼ି

■ ନୂଆଦିଲ୍ଲୀ, ୧୮ ।୨ (ଏଜେନ୍ସି): ପଶ୍ଚିମବଙ୍ଗର ଆଇ-ପାକ ସହ ଜଡ଼ିତ ଇଡି ଚଢ଼ାଉ ମାମଲାରେ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ସମୟରେ ମମତା ସରକାର ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି)କୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ଅନ୍ୟପଟେ କେନ୍ଦ୍ରୀୟ ଏଜେନ୍ସି ଇଡ଼ି ଏହାର ପାଲଟା ଜବାବ ଦେଇ କହିଛି ଯେ, ଆମେ କାହାର ଅସ୍ତ୍ର ନୁହେଁ, ବରଂ ରାଜ୍ୟରେ ମମତା ସରକାର ଆମକୁ ଧମକ ଦେଇଛନ୍ତି। ଉଭୟ ପକ୍ଷରୁ ଯୁକ୍ତି ଶୁଣିବା ପରେ ସୁପ୍ରିମକୋର୍ଟ କହିଛନ୍ତି ଯେ, କାହାକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି ଏବଂ କାହାକୁ ଧମକ ଦିଆଯାଉଛି, ତାହା କୋର୍ଟ ସ୍ଥିର କରିବ। ଏହି ମମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୮ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।

ଉଲ୍ଲେଖଥାଉ କି, ଆଇ-ପାକ ହେଉଛି ଏକ ରାଜନୈତିକ ପରାମର୍ଶଦାତା କମ୍ପାନୀ ଓ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବିରୋଧରେ କୋଇଲା ଚୋରି ଦୁର୍ନୀତିରୁ ମିଳିଥିବା ଟଙ୍କାକୁ ମନି ଲଣ୍ଡରିଂ କରିଥିବା ଅଭିଯୋଗ ହୋଇଛି। ୨୦୨୬ ଜାନୁଆରୀ ୮ରେ ଇଡ଼ି କୋଲକାତରେ ଆଇ-ପାକ ଅଫିସ୍‌ରେ ଚଢ଼ାଉ କରିଥିଲା। ଇଡ଼ି ଦାବି କରିଛି ଯେ, ଚଢ଼ାଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ସେଠାରେ ପହଞ୍ଚି, ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ ଇଲେକଟ୍ରୋନିକ୍ସ ଡିଭାଇସ୍ ନେଇ ପଳାଇଯାଇଥିଲେ। ବଙ୍ଗଳା ପୁଲିସ ଇଡ଼ି ଅଧିକାରୀଙ୍କ ମୋବାଇଲ ଛଡ଼ାଇ ନେଇଯାଇଥିଲା ଓ ସେମାନଙ୍କ ▸ପୃଷ୍ଠା-୭

# ବନ୍ଧୁକ ଦେଖାଇ ଠିକାଦାରଙ୍କୁ ଧମକ



ଦୁଇଟି ଦେଶୀ ବନ୍ଧୁକ ଓ ଗୁଳି ଜବତ

■ ଭବାନୀପାଟଣା, ୧୮ ।୨ (ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ଜଣେ ଠିକାଦାରଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ଟଙ୍କା ମାଗିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିବା ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ତେବେ ନିକଟରେ ଥିବା ଜଣେ ଯୁବକ ସେ ସମୟରେ ଦୁର୍ବୃତ୍ତଙ୍କ ହାତ ଉପରକୁ ଉଠାଇ ଦେଇଥିଲେ। ଫଳରେ ଗୁଳି ଠିକାଦାରଙ୍କ ଦେହରେ ନବାଜି ଜୀବନ ବଞ୍ଚି ଯାଇଛି। ଏନେଇ ବୁଧବାର ସକାଳରେ ଠିକାଦାର ମନ୍ଦାର ବଗିଚାପଡାର ପ୍ରଦୀପ ନିଆଲ (୨୬) ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଟାଉନ ଥାନା ପୁଲିସ ୬୪/୨୬ରେ ମାମଲା ରୁଜୁ କରି ଘଟଣାରେ ସଂପୃକ୍ତ ଥିବା ଭବାନୀପାଟଣା ସହର ଅରକାବାହାଲିପଡାର ଯଶୋବନ୍ତ ନାଏକ (ଓରଫ) ଝସ୍ (୪୦)କୁ ଗିରଫ କରିଛି। ଅଭିଯୁକ୍ତଙ୍କ ଠାରୁ ପୁଲିସ ୨ଟି ଦେଶୀ ବନ୍ଧୁକ, ୪ଟି ଗୁଳି, ଗୋଟିଏ ମୋବାଇଲ ଫୋନ ଓ ସ୍କୁଟି ଜବତ କରିଛି। ଆଜି ଏ ଘଟଣାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ▸ପୃଷ୍ଠା-୭

# ମାର୍ଚ୍ଚ ୧୬ରେ ରାଜ୍ୟସଭା ନିର୍ବାଚନ

## ଓଡ଼ିଶାର ୪ଟି ସହ ଖାଲି ହେବ ମୋଟ ୩୭ ଆସନ


### ରାଜ୍ୟରେ ବଢ଼ିଲା ରାଜନୈତିକ ଉଷ୍ମତା

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮ ।୨ (ସମିସ): ଓଡ଼ିଶା ସମେତ ଦେଶର ୧୯ ରାଜ୍ୟର ୩୭ଟି ଆସନରେ ନିର୍ବାଚନ ଲାଗି ତାରିଖ ଘୋଷଣା କରିଛନ୍ତି ନିର୍ବାଚନ କମିଶନ। ମହାରାଷ୍ଟ୍ରରେ ୭, ତାମିଲନାଡୁର ୬, ବିହାରରେ ୫, ଓଡ଼ିଶାରେ ୪ଟି ଆସନ ସହ ଅନ୍ୟାନ୍ୟ ରାଜ୍ୟରେ ଖାଲି ହେଉଥିବା ରାଜ୍ୟସଭା ଆସନ ପାଇଁ ଆସନ୍ତା ମାର୍ଚ୍ଚ ୧୬ ତାରିଖରେ ନିର୍ବାଚନ ହେବ। ଖାଲି ହେବାକୁଥିବା ୩୭ଟି ଆସନ ମଧ୍ୟରୁ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ନିକଟରେ ୧୨ଟି ଏବଂ ଅବଶିଷ୍ଟ ୨୫ ଆସନରେ ବିରୋଧୀଙ୍କ କବ୍‌ଜାରେ ରହିଛି।

ଦେଶର ପ୍ରମୁଖ ନେତାଙ୍କ ମଧ୍ୟରେ ଶରଦ ପାୱାର, ରାମଦାସ ଅଠାବଲେ, କନିମୋଝୀ, ତିରୁଚି ଶିବା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କ ରାଜ୍ୟସଭା କାର୍ଯ୍ୟକାଳ ଏପ୍ରିଲ ୨ରେ ଶେଷ ହେଉଛି। ଅନୁରୂପ ଭାବରେ ସେହିଦିନ ଓଡ଼ିଶାର ମୁନ୍ନା ଖାଁ, ନିରଞ୍ଜନ ବିଶି, ମମତା ମହନ୍ତ ଓ ସୁଜିତ୍‌କୁମାରଙ୍କ କାର୍ଯ୍ୟକାଳ ମଧ୍ୟ ସରିବ। ମାର୍ଚ୍ଚ ୧୬ ସକାଳନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ବିଭିନ୍ନ ରାଜ୍ୟରେ ଏଥିପାଇଁ ମତଦାନ କରାଯିବ ଏବଂ ସେହିଦିନ ସନ୍ଧ୍ୟା ୫ଟାରେ ଗୋଟ ଗଣତି ହେବ।

୧୨ଟି ବିଜେପି ନେତୃତ୍ୱାଧୀନ ମେଣ୍ଟ ଏନ୍‌ଡିଏ ପାଖରେ ଥିବା ବେଳେ ୨୫ଟି ବିରୋଧୀଙ୍କ କବ୍‌ଜାରେ ରହିଛି। ସବୁଠାରୁ ଅଧିକ ମହାରାଷ୍ଟ୍ରରେ ୭ଟି, ତାମିଲନାଡୁରେ ୬ଟି ଓ ବିହାରରେ ୫ଟି ଲେଖାଏ ଆସନରେ ନିର୍ବାଚନ ହେବ। ଶରଦ ପାୱାର, ରାମଦାସ ଅଠାବଲେ, କନିମୋଝୀ, ତିରୁଚି ଶିବା ଏବଂ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂଙ୍କ କାର୍ଯ୍ୟକାଳ ଏପ୍ରିଲ ୨ରେ ଶେଷ ହେବାକୁ ଯାଉଛି। ରାଜ୍ୟସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅକସ୍ମାତ ରାଜ୍ୟରେ ରାଜନୈତିକ ମାହୋଲ ଗରମ ହୋଇ ▸ପୃଷ୍ଠା-୭

# ଭୋଜିରେ ଫୁଟିଲା ଗୁଳି; ଯୁବକ ମୃତ



■ କଟକ, ୧୮ ।୨ (ସମିସ): ଦିନ ଦ୍ୱିପ୍ରହରରେ କଟକରେ ପୁଣି ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ଜୀବନ ଯାଇଛି। ବୁଧବାର ସ୍ଥାନୀୟ ନୂଆପଡ଼ା ପ୍ରେସ୍ କଲୋନୀ ଅଞ୍ଚଳରେ କିଛି ଯୁବକ ଭୋଜି କରୁଥିବା ବେଳେ ହଠାତ୍ ଏହି ଅଘଟଣ ଘଟିଛି। ସୌମ୍ୟରଞ୍ଜନ ଜେନା ଓରଫ ରିଙ୍କୁ ନାମକ ଜଣେ ଯୁବକଙ୍କ ଛାତିରେ ଗୁଳି ବାଜିବାରୁ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡ଼ିଯାଇଥିଲେ। କିଏ ଓ କାହିଁକି ଗୁଳିମାଡ଼ କଲା ତାହା ଏବେ ଅସ୍ପଷ୍ଟ ରହିଛି। ଗୁଳି ଶବ୍ଦରେ ପୂରା ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଭୋଜି ଆସରରେ ଉପସ୍ଥିତ ଥିବା ଅନ୍ୟ ଯୁବକମାନେ ଭୟରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ସୌମ୍ୟରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ବଡ ମେଡିକାଲକୁ ▸ପୃଷ୍ଠା-୭






# ପୁଣି ମାତିଲା ମହଙ୍ଗା ଡାହାଣୀ



### ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମହଙ୍ଗା
### ଡାଲି, ତେଲଠାରୁ ସାବୁନ୍ ଯାଏ ସବୁର ଦର ବଢ଼ିଲା
### ଟଙ୍କା ଦୁର୍ବଳ; ଘରୋଇ ଖୁଚୁରା ବଜାର ସ୍ଥିତି ଖରାପ

■ ଭୁବନେଶ୍ୱର, ୧୮ ।୨ (ସମିସ): କେନ୍ଦ୍ର ସରକାର ଜିଏସ୍‌ଟି କମାଇଲେ। ଏହାକୁ ନେଇ ସାରା ଦେଶରେ ବିଜେପି ନେତାମାନେ ଏକପ୍ରକାର ଉତ୍ସବ ପାଳିଲେ। ବିଭିନ୍ନ ରାଜ୍ୟରେ ଦଳର ନେତାମାନେ ବିଭିନ୍ନ ସମାବେଶ କରି ଏହାକୁ ବେଶ୍ ପ୍ରଚାର କଲେ। ମାତ୍ର କେଇଟା ମାସ ଯାଇନାହିଁ ପୁଣି ଦେଶରେ ମାତିଛି ମହଙ୍ଗା ଡ଼ାହାଣୀ। ଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଜିଏସ୍‌ଟି ହ୍ରାସ ପୂର୍ବ ଅବଧିର ମୂଲ୍ୟକୁ ଅତିକ୍ରମ କରିଛି। ମାତ୍ର ମାସକ ମଧ୍ୟରେ ବଜାରରେ ଡାଲି ଦର କିଲୋ ପିଛା ୩୦ ଟଙ୍କା ପର୍ଯ୍ୟନ୍ତ ଓ ଖାଇବା ତେଲ ମୂଲ୍ୟ ଲିଟର ପିଛା ୨୦ ଟଙ୍କା ଯାଏ ବୃଦ୍ଧି ପାଇଛି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ଦୁର୍ବଳ ହେବା ଯୋଗୁ ଘରୋଇ ଖୁଚୁରା ବଜାରରେ ଏଭଳି ସ୍ଥିତି ଦେଖାଯାଇଥିବା କୁହାଯାଉଥିଲେ ହେଁ ଏ ଗତ ୧୦ମାସ ମଧ୍ୟରେ ମୁଦ୍ରାସ୍ଫୀତି ପ୍ରାୟ ଦୁଇଗୁଣ ବୃଦ୍ଧି ପାଇବା ଏହାର ପ୍ରମୁଖ କାରଣ ବୋଲି ମନେ କରାଯାଉଛି।

୨୦୨୫ ସେପ୍ଟେମ୍ବରରେ କେନ୍ଦ୍ର ସରକାର ଜିଏସ୍‌ଟି ହାର ହ୍ରାସ କରିଥିଲେ, ଯାହା ଅନେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପ୍ରଭାବ ପକାଇଥିଲା। ପରିଣତିସ୍ୱରୂପ ଏଫ୍‌ଏମ୍‌ସିଜି କମ୍ପାନୀଗୁଡ଼ିକ ଅନେକ ମୂଲ୍ୟ ହ୍ରାସ କରିଥିଲେ। ହେଲେ ଏବେ ଜାନୁଆରୀ ମାସର ଶେଷ ଭାଗରେ କମ୍ପାନୀଗୁଡ଼ିକ ସେମାନଙ୍କର ଉତ୍ପାଦର ମୂଲ୍ୟ ବୃଦ୍ଧି କରିଛନ୍ତି । ଫଳରେ ଖୁଚୁରା ବଜାରରେ ସ୍ଥିତି ବି ଅନୁରୂପ ବଦଳିଛି। ଚଳିତ (ଜାନୁଆରୀ-ମାର୍ଚ୍ଚ) ତ୍ରୟମାସିକ ଆରମ୍ଭରୁ ଡିଟରଜେଣ୍ଟ, କେଶ ତେଲ, ଚକୋଲେଟ୍, ବିସ୍କୁଟ ଏବଂ ନୁଡୁଲ୍ସ ଭଳି ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଉତ୍ପାଦରେ ନୂତନ ଏବଂ ଅଧିକ ମୂଲ୍ୟ ସହିତ ବଜାରକୁ ଆସିବା ଆରମ୍ଭ କରିଛି। ଗହମଜାତ ଅଟା, ମଇଦା, ସୁଜି ସହ ଶସ୍ୟଜାତ ସାମଗ୍ରୀ ଡ଼ାଲି, ବେସନ ଆଦିର ମୂଲ୍ୟ ବି ବଢ଼ିଛି। ଇତିମଧ୍ୟରେ ବଜାରରେ ହରଡ ଡାଲିଠାରୁ ଆରମ୍ଭ କରି ମୁଗ ଓ ମସୁର ସବୁର ଦର କିଲୋ ପିଛା ୨୦-୩୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି। ସୂର୍ଯ୍ୟମୁଖୀ ଓ ସୋୟାବିନ୍, ଚଷୁ ତେଲ (ରାଇସବ୍ରାନ) ଆଦିର ମୂଲ୍ୟ ଲିଟର ପିଛା ୧୫ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ତେଲ ମୂଲ୍ୟ ବୃଦ୍ଧିକୁ ଲୁଚାଇବା ପାଇଁ ଅଧିକାଂଶ କମ୍ପାନୀ ଏବେ ୧ ଲିଟର ▸ପୃଷ୍ଠା-୭

# ବ୍ୟାଙ୍କରେ ଟଙ୍କା ନାହିଁ

# ଘଣ୍ଟା ଘଣ୍ଟା ଅପେକ୍ଷା କରି ଗ୍ରାହକ କଳବଳ

କଳମପୁର, ୧୮ ।୨(ସମିସ)

ଚଳିତ ବର୍ଷ ଚାଷବାସ ସମୟରେ ଚାଷୀଙ୍କ ହାତରେ ନାହିଁ ଟଙ୍କା, ପୁଣି ବିବାହ ଉତ୍ସବ ସହିତ ଆସନ୍ନ ଯାନିଯାତ୍ରା ପାଇଁ ମୁଣ୍ଡ ଗୋଳମାଳ କରି ପକାଉଛି । ଯେନତେନ ପ୍ରକାରେ ଧାନ ବିକ୍ରୀ ହେଲା, ବିଳମ୍ବରେ ହେଲେ ମଧ ଟଙ୍କା ଆସି ବ୍ୟାଙ୍କରେ ଜମା ହେଲା, ହେଲେ ବ୍ୟାଙ୍କରେ ଟଙ୍କା ନାହିଁ। ଲକ୍ଷ ଲକ୍ଷ ଟଙ୍କା ଜମା ଭିତରୁ ବ୍ୟାଙ୍କ କାହାକୁ ଦୁଇ ହଜାର ତ ପୁଣି କାହାକୁ ତିନି ହଜାର ଦେଇ ସ୍ୱାନ୍ତନା କରୁଛି । କିନ୍ତୁ ଏହି ଟଙ୍କା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ କୌଣସି କାମରେ ଆସୁନାହିଁ । ଏଭଳି ସମସ୍ୟାରେ କଳମପୁର ଅଞ୍ଚଳର ଚାଷୀମାନେ ପେଶି ହୋଇ ପଡ଼ିଛନ୍ତି। ଏହାର କାରଣ କଣ ଜଣାପଡ଼ି ନ ଥିବା ବେଳେ ମାସ ମାସ ହେବ ଏଭଳି ଅଭିଯୋଗ ଲାଗି ରହିଥିଲେ ମଧ ସମାଧାନ କେବେ ହେବ କାହା ଠାରୁ କିଛି ସୂଚନା ମିଳି ପାରୁନାହିଁ।

ଅଞ୍ଚଳର ଭାରତୀୟ ଷ୍ଟେଟ ବ୍ୟାଙ୍କ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, କେନ୍ଦ୍ର ସମବାୟ ବ୍ୟାଙ୍କରେ ମଧ ସମସ୍ୟା ଲାଗି ରହିଛି। ଟଙ୍କା ବିହୁନେ ଲୋକଙ୍କ ସାଧାରଣ ଜୀବନଯାତ୍ରାରେ ମଧ ଅନେକ ସମସ୍ୟା ଦେଖା ଦେଇଛି। ବ୍ୟାଙ୍କ କାଉଣ୍ଟର ଆଗରେ ଲମ୍ବା ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିବା ବେଳେ ଅଧା ବାଟରେ ଟଙ୍କା ସରିଗଲେ ପୁଣି ଘରକୁ ନିରାଶରେ ଫେରିବାକୁ ପଡୁଛି । ନିଜ କଷ୍ଟ ଉପାର୍ଜିତ ଧାନ ବିକି କିଏ କେତେ କଣ କାମ କରିବାକୁ ଚିନ୍ତା କରିଥିବା ବେଳେ ବ୍ୟାଙ୍କରେ ଟଙ୍କାର ଅଭାବରୁ ଲୋକ କାମରେ ପ୍ରତିବନ୍ଧକ ସାଜିଛି ।ଉର୍ଦ୍ଧ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଡିଗ୍ରୀ ମହାବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

କୋକସରା, ୧୮ ।୨(ସମିସ): କୋକସରା ବ୍ଲକ ସଦର ମହକୁମା ସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ମାନସିକ ସ୍ୱାସ୍ଥ୍ୟ ସାମାଜିକ କର୍ମୀ ଅନାୟତ ମହମ୍ମଦ ଓ ମାନସିକ ସ୍ୱାସ୍ଥ୍ୟ ବିଭାଗର ନର୍ସ ରୋଜାଲିନା ମେକିକ୍ ଯୋଗଦେଇ ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଯୁବ ସମାଜ ସଚେତନ ହେବା ଆବଶ୍ୟକ ରହିଛି । ମାନସିକ ସେବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏଥି ମାନସିକ ସ୍ୱାସ୍ଥ୍ୟସେବାରୁ କେହି ବଞ୍ଚିତ ନ ହେବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଇଛି ବୋଲି ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପୁଷ୍ପରାଜ ମେହେର, ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଶ୍ୱିନୀ




କୁମାର ପଟ୍ଟନାୟକ, ଅଧ୍ୟାପିକା କନକ ମଞ୍ଜରୀ ବେହେରା, ବେଦମୟୀ ବାରିକ, ଶୁଭଶ୍ରୀ ସାହୁ, କର୍ମଚାରୀ ଜିତେନ୍ଦ୍ର ପ୍ରଧାନୀ, ପ୍ରତାପ ଚନ୍ଦ୍ର ବିଶି, ସୁନୀଲ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ପାଇଁ ପ୍ରସ୍ତୁତି

ଲାଞ୍ଜିଗଡ଼, ୧୮ ।୨(ସମିସ): ଲାଞ୍ଜିଗଡ଼ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କଳାହାଣ୍ଡି ମହାରାଣୀ କସ୍ତୁରୀ କାମୋଦିନୀ ଦେବୀ ଟ୍ରଷ୍ଟ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଆସନ୍ତା ୨୪ ତାରିଖରେ ଲାଞ୍ଜିଗଡ଼ ଠାରେ ଆୟୋଜିତ ଶିବିର ବିଷୟରେ ବିସ୍ତୃତ ଭାବେ



ଆଲୋଚନା ହୋଇଥିଲା ।ବୈଠକରେ ମହାରାଜା ଶ୍ରୀ ଦେଓଙ୍କ ସହିତ ଭବାନୀପାଟଣାରୁ ଅଶୋକ କୁମାର ନେଗି, ଲାଞ୍ଜିଗଡ଼ ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ହରିହର ସାଂସ୍କୃତିକ ସେବା ସମିତିର ସାଧାରଣ ସମ୍ପାଦକ କାମରାଜ ଦଳବେହେରା, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ବରିଷ୍ଠ ଆଇନଜୀବୀ ରଘୁନାଥ ମହାଖୁଡ, ଲାଞ୍ଜିଗଡ଼ ଯୁବକ ସଂଘ ପୂର୍ବତନ ସଭାପତି ଅଶୋକ ପଟ୍ଟନାୟକ, ଅବସରପ୍ରାପ୍ତ ଏବିଇଓ ଗୋପବନ୍ଧୁ ପୁଷ୍ଟି, ସୁବାସ ମହାପାତ୍ର, ଶ୍ରୀମୁଖ ଅଗସ୍ତି, ଶିଶିର ପୂଜାରୀ, ଅଭିମନ୍ୟୁ ପାତ୍ର, ତ୍ରିନାଥ ମହାଖୁଡ, ଲାଞ୍ଜିଗଡ଼ ଯୁବକ ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା ସମେତ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

● ଆଜିଠୁ ମାଟ୍ରିକ ପରୀକ୍ଷା

# ୧୧ ସେଣ୍ଟରରେ ୧୮୦୭ ପରୀକ୍ଷାର୍ଥୀ

କେସିଙ୍ଗା, ୧୮ ।୨(ସମିସ) ଆଜି ଠୁ ରାଜ୍ୟରେ ମାଟ୍ରିକ ପରୀକ୍ଷା ଆରମ୍ଭ। ଚଳିତ ବର୍ଷ ଓଡ଼ିଶାର ପ୍ରାୟ ୫ ଲକ୍ଷ ୬୨ ହଜାର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇ ପାଇଁ ଆବେଦନ କରିଥିବା ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ୱେବ୍ ସାଇଟ୍ ରୁ ଜଣାପଡ଼ିଛି ।କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକରେ ୧୧ ସେଣ୍ଟରରେ ୧୮୦୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। କେସିଙ୍ଗା ବିଦ୍ୟାପୀଠ ରେ ୨୬୯, କେସିଙ୍ଗା ସରସ୍ୱତୀ ବିଦ୍ୟା ମନ୍ଦିରରେ ୨୩୬, କନ୍ତେଶିର ଉଚ୍ଚ ବିଦ୍ୟାଳୟରେ ୧୫୩, ଉତ୍କେଲା ଚାଚା ନେହେରୁ ଉଚ୍ଚ ବିଦ୍ୟାଳୟରେ ୧୪୨, ଗାଇଗାଁ ଉଚ୍ଚ ବିଦ୍ୟାଳୟରେ ୧୩୫, ପାଷ୍ଟିକୁଡ଼ି ଉଚ୍ଚ ବିଦ୍ୟାଳୟ ରେ ୧୭୩, ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ କୁଣ୍ଡାବନ୍ଧରେ ୧୧୨, କାଣ୍ଡେଲ ଉଚ୍ଚ ବିଦ୍ୟାଳୟରେ ୧୯୯ ଜଣ, ଜନତା ଉଚ୍ଚ ବିଦ୍ୟାଳୟ କଣ୍ଟୁପଡ଼ାରେ ୧୪୩, ନୋଡାଲ ଉଚ୍ଚ ବିଦ୍ୟାଳୟ ତୁଣ୍ଡଲାରେ ୧୪୪ଓ ବେଲଖଣ୍ଡି ଉଚ୍ଚ ବିଦ୍ୟାଳୟରେ ୧୦୧ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ ।ସମସ୍ତ ପରୀକ୍ଷାର୍ଥୀଙ୍କୁ ସକାଳ ଓ ନନ୍ଦିଘୋଷ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି ।

# ମରାମତି ହେଲା ଅଚଳ ସୋଲାର ପ୍ରକଳ୍ପ

କୋକସରା, ୧୮ ।୨(ସମିସ): ବର୍ଷର୍ଷରୁ ଉର୍ଦ୍ଧ୍ୱ ହେଲା କୋକସରା ବ୍ଲକ ପୋଡାଗୁଡା ପଞ୍ଚାୟତର ରାଜୀବ କଲୋନୀରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ି ଥିଲା। ଯାହାଫଳରେ ପଡ଼ାବାସୀ ପାନୀୟ ଜଳ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ଫଳ ସ୍ୱରୂପ ଉକ୍ତ ଅଚଳ ସୋଲାର ପ୍ରକଳ୍ପକୁ ମରାମତି କରି ସଚଳ କରିଛି। ପ୍ରକଳ୍ପ ମରାମତି ହେବା ପରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହିତ 'ସକାଳ'କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି କଲୋନୀବାସୀ।

'ସକାଳ' ପ୍ରଭାବ



# ବାଲ୍ୟବିବାହ ଦୂରୀକରଣ ପାଇଁ ସଚେତନତା




ଥୁଆମୂଳରାମପୁର, ୧୮ ।୨(ସମିସ): ସମାଜରୁ ବାଲ୍ୟବିବାହ ଭଳି କୁସଂସ୍କାର ଦୂର କରିବା ଉଦ୍ଦେଶ୍ୟରେ ବୁଧବାର ତାଲୁକ ଆଇନ୍ ସେବା କମିଟି, ଥୁଆମୂଳ ରାମପୁର ପକ୍ଷରୁ କୁମ୍ଭାରକାନୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସଚେତନତା, ସମର୍ଥନ ଓ ସାହାଯ୍ୟମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଜେଏମ୍ଏଫ୍ସି ମାଜିଷ୍ଟ୍ରେଟ ଡାକ୍ତର ତାରିଣୀ ପ୍ରସାଦ ସାହୁ ଅଧକ୍ଷତା କରିଥିଲେ ।ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବାଲ୍ୟବିବାହର କୁପ୍ରଭାବ, ଆଇନଗତ ପରିଣାମ ଏବଂ ଶିକ୍ଷାର ଗୁରୁତ୍ୱ ବିଷୟରେ ସଚେତନ କରି ବକ୍ତବ୍ୟ ରଖିଥିଲେ । ଅପୂର୍ଣ୍ଣ ବୟସରେ ବିବାହ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଜୀବନ କିପରି ପ୍ରଭାବିତ ହୁଏ ତାହା ସେ ସ୍ପଷ୍ଟ କରିଥିଲେ। ଏପିପି ପ୍ରିୟଙ୍କା ମାଝୀ, ଆଇନଜୀବୀ ମନୋରଞ୍ଜନ ନାଏକ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଶୟ ଜାନୀ, ସହଶିକ୍ଷକ ଅମୀୟ କୁମାର ଜେନା ଓ ଆଇନଜୀବୀ ତୁଳସୀ ରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ସେମାନେ ସମାଜରେ ଥିବା ଏଭଳି କୁସଂସ୍କାର ପ୍ରତି ସଚେତନ ହେବା ସହ ଆଇନକୁ ସମ୍ମାନ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଜେଏମ୍ଏଫ୍ସିର ବରିଷ୍ଠ କିରାଣୀ ଅଶୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୁଚାରୁ ଭାବେ ଅନୁଷ୍ଠିତ ହୋଇଥିଲା । କୋର୍ଟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଜିଲ୍ଲା କଂଗ୍ରେସ ନୂତନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା

ନୂଆପଡ଼ା, ୧୮ ।୨(ସମିସ): ରାଜ୍ୟ କଂଗ୍ରେସ ସଭାପତିଙ୍କ ଅନୁମୋଦନକ୍ରମେ ନବ ନିଯୁକ୍ତ ଜିଲ୍ଲା କଂଗ୍ରେସର ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ ଦିଆଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଉପସଭାପତି ଭରତଲାଲ ରାଉତ, ମହମ୍ମଦ ଫାରୁକ, ହୀରାଲାଲ ପଟେଲ, ଈଶ୍ୱର ବୈଷ୍ଣବ, କୋଷାଧକ୍ଷ ମୃତ୍ୟୁଞ୍ଜୟଦତ୍ତ ଗୁରୁ, ସାଧାରଣ ସମ୍ପାଦକ ଦେବଦତ ଦିକ୍ଷୀତ, ଗୁଣମଣି ଶଗରିଆ, କ୍ଷୀରଧର ମାଝି, ନିଲେଶ ଶର୍ମା, ପ୍ରଶାନ୍ତ ପାଢ଼ୀ, ସମ୍ପାଦକ ହେମକୁମାର ନିଆଲ, ଅରିଫ ବେଗ, ବସନ୍ତ ସାହୁ, ହରି ମାଝି, ମନିକା ଲରେନ୍ସ, ବିଶ୍?ଜିତ ପଣ୍ଡା, ଲକ୍ଷ୍ମଣ ସାହୁ, ମାୟାଧର ଜଗତ, ନରେନ୍ଦ୍ର ନାଗ, ପିଲେଶ୍ୱର ସାହୁ, ସୁରେନ୍ଦ୍ର ସାହୁ, ଜିଲ୍ଲା ଏସ୍ଟି ସେଲ ସଭାପତି ଭକ୍ତରାମ ଶବର, ଜିଲ୍ଲା ଏସସି ସେଲ ସଭାପତି ଭୀଷ୍ମ ସୁନାନୀ, ନୂଆପଡ଼ା ବ୍ଲକ ସଭାପତି ସୌରଭ ଚନ୍ଦ୍ରକାର, କୋମନା ବ୍ଲକ ସଭାପତି ନୀଳାଚଳ ମହାନନ୍ଦ, ସିନାପାଲି ବ୍ଲକ ସଭାପତି ଗଜେନ୍ଦ୍ର କଟା, ବୋଡ଼େନ ବ୍ଲକ ସଭାପତି ଭାଗୀ ଦଣ୍ଡସେନା, ନୂଆପଡ଼ା ଏନ୍ଏସି ସଭାପତି ମହେଶ ନିଆଲ, ଖରିଆରରୋଡ଼



ଏନଏସି ସଭାପତି ପବନ ଶର୍ମା, ପିସିସି ସଦସ୍ୟ ପ୍ରମୋଦ ଚନ୍ଦ୍ରକାର, କାର୍ଯ୍ୟକାରୀ ସଦସ୍ୟ ରବି ମଙ୍ଗରାଜ, ଅନୀଲ ପଟେଲ, ଗଣେଶ ସାହୁ, ସଜନ ଧରୁଆ, ସୁରେନ୍ଦ୍ର ଚିନ୍ଦା, ପ୍ରୀତି ସାହୁ, ସିଦନଲାଲ ସାହୁ, ଗୋବିନ୍ଦ ସାହୁ, ଦେବେନ୍ଦ୍ର ବାଗ, ଅନନ୍ତ ସୁନାନୀ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସାହାରୁଖ ଖାନ, ବିମଳ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ସମସ୍ତେ ଏକଜୁଟ ହୋଇ ନିଷ୍ଠାପର ଭାବେ ଦଳକୁ ଭଲ ପାଇ ସାଧାରଣ ଜନତାଙ୍କ କାମ କଲେ କଂଗ୍ରେସ ଆଗକୁ ଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ମାଝି କହିଥିଲେ। ବରିଷ୍ଠ ନେତା ମନୁଲାଲ ଯାଦବ, ଜୟଦେବ ମାଝି, ଭୀମ ଯାଦବ, ସିଦନ ରାଉତ, ସନ୍ନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ସୁଧାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

# ପ୍ରଫେସର ସୁରଜିତ ସିଂଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା, ୧୮ ।୨(ସମିସ): ଅବସରପ୍ରାପ୍ତ ଅଧକ୍ଷ, କଳାହାଣ୍ଡି ବରପୁତ୍ର ସମ୍ମାନରେ ସମ୍ମାନିତ ଜଣେ ଦରଦୀ ହୃଦୟ ଥିଲେ ପ୍ରଫେସର୍ ସୁରଜିତ ସିଂ । ସେ ୧୯୭୦ ମସିହାରୁ ବିଜେବି ମହାବିଦ୍ୟାଳୟରୁ ରସାୟନ ବିଜ୍ଞାନ ଅଧାପକ ଭାବରେ ଅଧାପନା ଆରମ୍ଭ କରି ଭବାନୀପାଟଣା ମହାବିଦ୍ୟାଳୟ, ଜୟପୁର, ଢେଙ୍କାନାଳ, ରାଉରକେଲା, କେସିଙ୍ଗା ଓ ନୂଆପଡ଼ାମହାବିଦ୍ୟାଳୟରଅଧକ୍ଷଭାବରେଦୀର୍ଘ୩୩ବର୍ଷଅଧାପନାକରି୨୦୦୩ମସିହାରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ତାଙ୍କ ଅବସରକାଳୀନ ସମୟ ସେ ନିଜକୁ ବିଭିନ୍ନ ସାମାଜିକ ସଂଗଠନ କଳାହାଣ୍ଡି ଶିକ୍ଷା




ବିକାଶ ପରିଷଦ, କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ, ରୋଟାରୀ କ୍ଲବ୍ ଆଦି ସଂଗଠନ ସହ ଜଡ଼ିତ ହୋଇ ସାମାଜିକ ଉତ୍ଥାନ ଲାଗି କାର୍ଯ୍ୟ କରିଥିଲେ। ସ୍ୱର୍ଗତ ସିଂଙ୍କ ପରଲୋକ କଳାହାଣ୍ଡି ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସ୍ଥାନୀୟ ଗୁରୁଦ୍ୱାରାରେ କଳାହାଣ୍ଡି ଅବସରପ୍ରାପ୍ତ ସରକାରୀ କର୍ମଚାରି ସଂଘ ଦ୍ୱାରା ଆୟୋଜିତ ଶୋକ ସଭାରେ ବିଭିନ୍ନ ବକ୍ତା ପ୍ରକାଶ କରିଥିଲେ। କଳାହାଣ୍ଡି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଶୋକସଭାର ପ୍ରାରମ୍ଭରେ ସ୍ୱର୍ଗତ ଅମର ଆତ୍ମାର ସଦଗତି ଲାଗି ନିରବ ପ୍ରାର୍ଥନା କରାଯାଇଥିଲା । ଶୋକ ସଭାରେ ଗୁରୁଦ୍ୱାରା କମିଟି ସଭାପତି ସୁରେନ୍ଦ୍ରଜିତ୍ ସିଂ, ବ୍ରାହ୍ମଣ ସମାଜ କଳାହାଣ୍ଡିର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ବରିଷ୍ଠ ନାଗରିକ ସୁଧାଂଶୁ ନେଗୀ, ହେମନ୍ତ ମୁଣ୍ଡ, ସବିତା ପଟ୍ଟନାୟକ, ଡ଼ ଅଜୟ ମିଶ୍ର, ବରିଷ୍ଠ ସାମ୍ବାଦିକ ହରଜିନ୍ଦର୍ ସିଂ, କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଗିରିଜା ଶଙ୍କର ବାବୁ, ନିରଞ୍ଜନ ପ୍ରଧାନ, ବଲବିର୍ କୌର, ସରକାରୀ ଓକିଲ ସନ୍ତୋଷ ମୁଣ୍ଡ ପ୍ରମୁଖ ସ୍ୱର୍ଗତ ସିଂଙ୍କ ସ୍ମୃତି ଚାରଣ କରିଥିଲେ।

# ଗାଁ ସାଥି ସଂଘର ବୈଠକ

ଧର୍ମଗଡ଼, ୧୮ ।୨(ସମିସ): ରାଜ୍ୟ ସରକାର ୨୦୦୮ ମସିହାରେ ଗାଁ ସାଥି ରୂପରେ ନିଯୁକ୍ତି ପକ୍ରିୟା ଆରମ୍ଭ କରି ପ୍ରତି ଗ୍ରାମରେ ଗୋଟିଏ ଗୋଟିଏ ଗାଁ ସାଥି ମୁତୟନ କରିଥିଲେ । ଗାଁ ସାଥିମାନେ ମନରେଗା କାର୍ଯ୍ୟରେ ନିୟୋଜିତ ରହି ଗ୍ରାମର ଶ୍ରମିକଙ୍କୁ ନିୟୋଜନ କରି କାର୍ଯ୍ୟ ସୂଚାରୁରୁପେ ସମ୍ପାଦନ କରି ଆସୁଛନ୍ତି। ହେଲେ ଗାଁ ସାଥିମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ ନେଇ ବୁଧବାର କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଛୀଲିପା



ଜେନାଡଙ୍ଗର ଠାରେ ଧର୍ମଗଡ଼ ବ୍ଲକ ଗାଁ ସାଥି ସଂଘ ସଭାପତି ମଙ୍ଗନିଆ ଦୁର୍ଗାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ସରପଞ୍ଚ ସଂଘ ସଭାପତି ହାତୀରାମ ଦୁର୍ଗା, ଛୀଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ବିଏଫଟି ସଂଘ ରାଜ୍ୟ ସମ୍ପାଦକ ଅଶୋକ କୁମାର ବାଗ, ଟିପିଗୁଡା ପୂର୍ବତନ ସରପଞ୍ଚ ଗଜିନ୍ଦ୍ର ନାଏକ, ଏସିପି ମାନସ ପାଢ଼ୀ, ମନରେଗା ବିଭାଗର ପ୍ରକାଶ ଶତନାମୀ, ଅଶ୍ୱନୀ ପତି, ଗାଁ ସାଥି ସଂଘ ଉପସଭାପତି ପିତାମ୍ବର ନାଏକ, ସମ୍ପାଦକ ହେତୁରାମ ମଶ୍ରା, ସହସମ୍ପାଦକ କପିଳେନ୍ଦ୍ର ପୋଡ଼, କୋଷାଧକ୍ଷ କ୍ଷୀରସିନ୍ଧୁ ଚଳାନ ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇ ଗାଁ ସାଥିମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଭି ବିଜି ରାମଜି ଯୋଜନା ଉପରେ ବିଷଦ ଆଲୋଚନା ହୋଇଥିଲା । ବିଗତ ଦିନରେ ସଂଘ ପକ୍ଷରୁ ଗାଁ ସାଥି ମାନଙ୍କ ସମସ୍ୟାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ ମଧ ସରକାର ଶୁଣୁନଥିବାରୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରିଛନ୍ତି ।ଧର୍ମଗଡ଼ ବ୍ଲକର ସମସ୍ତ ଗାଁ ସାଥି ଉପସ୍ଥିତ ଥିଲେ।

# ମରଣକୁ ଆମନ୍ତ୍ରଣ କରୁଛି ରାସ୍ତାକଡ଼ର ଗର୍ତ୍ତ




ସିନାପାଲି, ୧୮ ।୨(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଦମହକୁମା ଦେଇ ଯାଇଥିବା କାପସି ପଦରଭଟା ଫୋରୱେ ରାସ୍ତା ବ୍ରିଜ୍ କଡରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏହି ଗର୍ତ୍ତ ଯୋଗୁଁ ଲୋକଙ୍କ ଜୀବନ ପ୍ରତି ବିପଦ ରହିଥିବା ବେଳେ ପ୍ରଶାସନର ନଜର ପଡୁନାହିଁ। ଏହି ରାସ୍ତା ଦେଇ ପ୍ରତ୍ୟହ ଯାନବାହାନ ଯାତାୟାତ ହେଉଥିବା ବେଳେ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। କିନ୍ତୁ ବିରାଟ ଗର୍ତ୍ତ ଯୋଗୁଁ କେତେବେଳେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଚାଲିଯିବ ତାହା କିଛି କହି ହେବ ନାହିଁ। ଏହି ଗର୍ତ୍ତ ଲୋକଙ୍କ ପାଇଁ କାଳ ସାଜିଥିବା ମରଣକୁ ଆମନ୍ତ୍ରଣ କରୁଛି । ଏନେଇ ବିଭାଗୀୟ ଜିଲ୍ଲା ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି । ଏହି ରାସ୍ତା ସିନାପାଲି ଦେଇ କଳାହାଣ୍ଡିକୁ ଯୋଗାଯୋଗ କରୁଥିବା ବେଳେ ଏକ ବ୍ୟସ୍ତ ବହୁଳ ରାସ୍ତା ଅଟେ। ଏହି ରାସ୍ତା ଦେଇ ସିନାପାଲି କଲେଜ, ପ୍ରାଣୀ ଚିକିତ୍ସା କେନ୍ଦ୍ର, ଦେୱାନି ଅଦାଲତ, ଉଦ୍ୟାନ ବିଭାଗ ସମେତ ଅନେକ କାର୍ଯ୍ୟାଳୟ ଯିବା ପାଇଁ ରାସ୍ତା ସଦାସର୍ବଦା ଜନଗହଳି ଲାଗିଥାଏ । ଏଭଳି ଗୁରୁତ୍ୱ ବହନ କରୁଥିବା ରାସ୍ତା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

● ଜେଇଇ- ମେନ୍ ପ୍ରବେଶିକା ପରୀକ୍ଷା

# ଧର୍ମଗଡ଼ର କୌଶିକ କୁମାର ସାହୁଙ୍କ କୃତିତ୍ୱ

ଧର୍ମଗଡ଼, ୧୮ ।୨(ସମିସ): ଚଳିତ ବର୍ଷର ଜେଇଇ- ମେନ୍ ପ୍ରବେଶିକା ପରୀକ୍ଷାରେ ଧର୍ମଗଡ଼ର ଛାତ୍ର କୌଶିକ କୁମାର ସାହୁ ସର୍ବାଧିକ ୯୯.୮୩ ପ୍ରତିଶତ ମାର୍କ ରଖି ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି ।କୌଶିକ ସମ୍ପ୍ରତି ବଲାଙ୍ଗିରର ଯୁବଦୋୟ କଲେଜରେ ଯୁକ୍ତ + ରେ ଅଧ୍ୟୟନ କରୁଛନ୍ତି । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସହରର ରିନା ସାହୁ ଓ କିରଣ କୁମାର ସାହୁଙ୍କ ଏକମାତ୍ର ପୁଅ କୌଶିକ ଧର୍ମଗଡ଼ ଏଲନିଶି ମିଶନ ସ୍କୁଲ୍ରୁ ମାଟ୍ରିକ ପରୀକ୍ଷାରେ ୯୬.୪ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ ।ତାଙ୍କର ସଫଳତାରେ ଧର୍ମଗଡ଼ ଏଲନିଶି ମିଶନ ସ୍କୁଲର ନିର୍ଦ୍ଦେଶକ




କେ.ଜୟ କୁଟ୍ଟୀ, ପ୍ରିନ୍ସିପାଲ ସୁହିତ ରଞ୍ଜନ ପଣ୍ଡା ଓ ସ୍କୁଲ୍ ମ୍ୟାନେଜର ପର୍ସିସ୍ ସାରାବନି ଶୁଭେଚ୍ଛା ଜଣାଇ କୌଶିକଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ଆୟୁଷ ସେବାର ଉନ୍ନତି ପାଇଁ ସମୀକ୍ଷା ବୈଠକ

# ଗଣ୍ଡାବାହାଲି ଜିଏଚ୍ଡିରେ ଟେଲିମେଡିସିନ ସୁବିଧା ଆରମ୍ଭ

ନୂଆପଡ଼ା, ୧୮ ।୨(ସମିସ)

ନୂଆପଡ଼ା ଜିଲ୍ଲାର ସରକାରୀ ହୋମିଓପାଥିକ ଚିକିତ୍ସାଳୟ (ଜିଏଚ୍ଡି) ଏବଂ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ (ଜିଏଡି) ଗୁଡ଼ିକର ଉନ୍ନତି ସମ୍ପର୍କିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଗଣ୍ଡାବାହାଲି ସରକାରୀ ହୋମିଓପାଥିକ ଚିକିତ୍ସାଳୟର ହୋମିଓପାଥିକ ଡାକ୍ତର ବିଦ୍ୟା ଭୂଷଣ ବାରିକ ସମସ୍ତଙ୍କୁ ସ୍ୱାଗତ କରି ଗତ ସମୀକ୍ଷା ବୈଠକର କାର୍ଯ୍ୟାନୁଷ୍ଠାନ ଉପସ୍ଥାପନ କରିଥିଲେ । ସିନାପାଲି ବ୍ଲକ ଅଧୀନ ଗଣ୍ଡାବାହାଲି ଜିଏଚ୍ଡି, କୋମନା ବ୍ଲକ ଅଧୀନ ଦାଦ୍ରି ଜିଏଚଡି, ନୂଆପଡ଼ା ବ୍ଲକ ଅଧୀନ କୁଲିଆବନ୍ଧା ଜିଏଚ୍ଡି ଏବଂ ବୋଡେନ ବ୍ଲକ ଅଧୀନ ଖଇରା ଜିଏଚ୍ଡି ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଜିଲ୍ଲା



ହୋମିଓପାଥିକ ଚିକିତ୍ସା ଅଧିକାରୀ (ଡିଏଚ୍ଏମଓ) ଇନଚାର୍ଜ ଭବାନୀପଟଣା ଶରତ ଚନ୍ଦ୍ର ସାହୁଙ୍କ ଦ୍ୱାରା ଜମି ବିନିମୟ ସମ୍ବନ୍ଧୀୟ ଫାଇଲଗୁଡ଼ିକ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପର୍କିତ ତହସିଲଦାରମାନଙ୍କ ନିକଟକୁ ପ୍ରେରଣ କରାଯାଇଛି । ନୂଆପଡ଼ାରେ ନୂତନ ଡିଏଚ୍ଏମଓ/ଡିଏଏମଓ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅଧକ୍ଷାଙ୍କ ନିକଟରେ ଆବେଦନ ଦାଖଲ ହୋଇଥିବା ଜଣାପଡ଼ିଥିଲା। ଏହାପରେ ଜିଲ୍ଲାପାଳ ନୂଆପଡ଼ା ତହସିଲଦାରଙ୍କୁ ଡିଏଚ୍ଏମଓ ଏବଂ ଡିଏମଓଙ୍କ କାର୍ଯ୍ୟାଳୟ ଓ କର୍ମଚାରୀ ନିବାସ ପାଇଁ ୫୦ ଡେସିମଲ୍ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗଣ୍ଡାବାହାଲି ଜିଏଚଡିରେ ଟେଲିମେଡିସିନ ସୁବିଧା ଆରମ୍ଭ ହୋଇଥିବା ସୂଚନା ମଧ ବୈଠକରେ ଦିଆଯାଇଥିଲା । ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଜିଏଚ୍ଡି ଓ ଜିଏଡି ଗୁଡ଼ିକର ସାମଗ୍ରିକ ଉନ୍ନତି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ ।ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ହୋମିଓପାଥିକ ଚିକିତ୍ସା ଅଧିକାରୀ ଡା. ରାଖାଳ ମାଝି, ଦାଦ୍ରୀ ହୋମିଓପାଥିକ ଚିକିତ୍ସା ଅଧିକାରୀ ଡା. ସୁନୀତା ସୋରେନ, କୁଲିଆବନ୍ଧା ହୋମିଓପାଥିକ ଚିକିତ୍ସା ଅଧିକାରୀ ଡ. ସ୍ୱପ୍ନା ମେହେର, ସିଆଲଟି ହୋମିଓପାଥିକ ଚିକିତ୍ସା ଅଧିକାରୀ ଡ.କଲ୍ୟାଣୀଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

● ଦେଢ଼ମାସ ହେଲା ନଳକୂପ ଅଚଳ

## ସମସ୍ୟା ଭୋଗୁଛନ୍ତି ୪ଶହ ଲୋକ

ଶଗଡ଼ା,୧୮ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳି ପଦର ପଞ୍ଚାୟତ ଅଧୀନ କିର୍ଲା ଗାଁମୁଣ୍ଡରେ ଥିବା ନଳକୂପଟି ଦେଢ଼ ମାସ ହେବ ଅଚଳ ହୋଇପଡ଼ିଛି । ଗାଁର ୭୦ ପରିବାର ୨୦୦ ଜଣ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି । ଗ୍ରାମରେ ଆଗାମୀ ୨୨ ତାରିଖରେ ହେବାକୁ ଥିବା ନାମଯଜ୍ଞ ହେବାକୁ ଥିବା ବେଳେ ନଳକୂପ ଅଚଳକୁ ନେଇ ଗ୍ରାମବାସୀ ଚିନ୍ତାରେ ପଡ଼ି ଯାଇଛନ୍ତି । ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ଏହାର ମରାମତି କରିବାକୁ ସରକାରୀ ନିର୍ଦ୍ଦେଶ ଥିଲେ ସୁଦ୍ଧା ଜଳ ଓ ପରିମଳ ବିଭାଗ ଏହାକୁ ବେଖାତିର କରୁଥିବା ଅଭିଯୋଗ ହୋଇଛି । ଖରା ଆରମ୍ଭ ନ ହେଉଣୁ ଜଳ ଯନ୍ତ୍ରଣା ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଆହୁରି ଅସମ୍ଭାଳ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଅଚଳ ନଳକୂପକୁ ଖୁବ୍‌ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।




ମେଗା ପାନୀୟ ଜଳ ପ୍ରକଳ୍ପ ଅଚଳ

# କମସରା ଗ୍ରାମକୁ ୧୬ ଦିନ ହେଲା ଜଳ ଯୋଗାଣ ଠପ୍

ତରଭା,୧୮ ।୨(ସମିସ)

ସୋନପୁର ଜିଲ୍ଲା ତରଭା ବ୍ଲକ କମସରା ପଞ୍ଚାୟତସଦର ଗ୍ରାମରେ ଥିବା ମେଗା ପାନୀୟ ପ୍ରକଳ୍ପ ଅଚଳ ହୋଇପଡିଥିବାରୁ ୧୬ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍ ହୋଇଛି । ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଛଅଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମର ଜନସଂଖ୍ୟା ପାଖାପାଖି ୨୫୦୦ ରହିଛି । ଗ୍ରାମର ସମସ୍ତ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କମସରା ପଞ୍ଚାୟତସଦରରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି । ସତୁରି ହଜାର ଲିଟର ଧାରଣକ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇଛି । ଏପରିକି ପ୍ରତ୍ୟେକଙ୍କ ଘରକୁ ପାନୀୟ ଜଳ ଯୋଗାଣ ପାଇପ୍ ସଂଯୋଗ କରାଯାଇଛି । କିନ୍ତୁ ତାହା ଏବେ ଅଚଳ ହୋଇପଡିଥିବାରୁ ଜଳଯୋଗାଣ ଠପ୍ ହୋଇପଡିଛି । ପ୍ରକଳ୍ପ ଅଚଳ ହୋଇପଡିଥିବାରୁ ଜଳ ଯୋଗାଣ ପାଇଁ ବିଛା ଯାଇଥିବା ପାଇପ୍ ନଷ୍ଟ ହେବାକୁ ବସିଥିବା ଦେଖିବାକୁ ମିଳିଛି । ଏପରିକି ଟ୍ୟାପ୍ ଗୁଡିକ ମଧ୍ୟ ଭାଙ୍ଗିବାକୁ ବସିଲାଣି । ତଥାପି ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆଗକୁ ଖରାଦିନ ଥିବା ବେଳେ ଏହା ପୂର୍ବରୁ ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମାବାସୀ ଦାବି କରିଛନ୍ତି । ଏନେଇ ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସାହୁଙ୍କୁ ପଚାରିବାରୁ ବସୁଧା ଯୋଜନାରେ ଭୂତଳରୁ ଯେଉଁ ପାଣି ବାହାରିବା ସୋର୍ସ ଥିଲା ତାହା ଧସି ଯିବାରୁ ସମସ୍ୟା ସୃଷ୍ଟି ହୋଇଛି । ଅନ୍ୟ ଏକ ସୋର୍ସ ବାହାର କରି ଓଭରହେଡ ଟ୍ୟାଙ୍କକୁ ପାଇପ ସଂଯୋଗ କରାଯାଇଛି, ହେଲେ ବିଜୁଳି ସଂଯୋଗ ହୋଇନଥିବାରୁ ବିଳମ୍ବ ହେଉଛି । କମସରାରେ ବର୍ତ୍ତମାନ ୨୧ଟି ନଳକୂପ କାର୍ଯ୍ୟ କରୁଛି । ଏଣୁ ପିଇବା ପାଣିର ଅସୁବିଧା ନାହିଁ । ୫ରୁ ୬ ଦିନ ମଧ୍ୟରେ ପାଇପ ଯୋଗେ ଘରମାନଙ୍କୁ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି ।



## ଗଛକୁ ଧକ୍କା ଦେଇ ବାଇକ୍ ଦୁର୍ଘଟଣା, ଦୁଇ ଗୁରୁତର

ଜହ୍ନାପଙ୍କ,୧୮ ।୨(ସମିସ): ବୌଦ୍ଧ ଜିଲ୍ଲା ଟିକରପଡ଼ା ପଞ୍ଚାୟତ ଫୁରୁଡା ନିକଟରେ ବାଇକ ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ଅଗ୍ନିଶମ ବାହିନୀ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଛି । ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ବୌଦ୍ଧ ଥାନା ବିରିଗଡ଼ ଗ୍ରାମର ବାବୁଲି ନାଏକ ଓ ଜହ୍ନାପଙ୍କ ଗ୍ରାମର ଅନ୍ୟ ଜଣେ ଯୁବକ ସହ ଏକ ବାଇକ ଯୋଗେ ବଘିଆପଡା ପଟୁ ବିରିଗଡ଼ ଅଭିମୁଖେ ଯାଉଥିଲେ । ରାତି ପ୍ରାୟ ୩ଟା ସମୟରେ ଫୁରୁଡା ନିକଟରେ ବାଇକ ଭାରସାମ୍ୟ ହରାଇ ରାସ୍ତାକଡ଼ର ଏକ କଦମ୍ବ ଗଛକୁ ଧକ୍କା ଦେଇଥିଲେ । ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ । ସକାଳେ ସ୍ଥାନୀୟ ଲୋକେ ଦେଖିବା ପରେ ବୌଦ୍ଧ ଅଗ୍ନିଶମ ବାହିନୀକୁ ଖବର ପାଇ ବଘିଆପଡ଼ା ପୁଲିସ ଓ ଅଗ୍ନିଶମବାହିନୀ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଉଭୟଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିବା ବଘିଆପଡ଼ା ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ ସୂଚନା ଦେଇଛନ୍ତି ।

## ସାମ୍ବାଦିକଙ୍କ ପିତା କୃଷ୍ଣଚନ୍ଦ୍ର ମଲିକଙ୍କ ବିୟୋଗ

ପଲଶାଗୋରା,୧୮ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗ୍ରାମର ସାମ୍ବାଦିକ ଦେବାଶିଷ ମଲିକଙ୍କ ପିତା ଧର୍ମପରାୟଣ ବ୍ୟକ୍ତି କୃଷ୍ଣଚନ୍ଦ୍ର ମଲିକଙ୍କ ୯୮ ବର୍ଷ ବୟସରେ ବୁଧବାର ମୃତ୍ୟୁ ଘଟିଛି । ଶ୍ରୀ ମଲିକ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିବାବେଳେ ପଲଶାଗୋରା ପ୍ରସିଦ୍ଧ ମକର ମେଳା କମିଟି ର ଦୀର୍ଘବର୍ଷ ଧରି ସଦସ୍ୟ ଥିଲେ । ସେ ଆଗରୁ ଶଗଡ଼ ଗାଡି ତିଆରିରେ ତାଙ୍କର ସୁନାମ ରହିଥିଲା । ତାଙ୍କ ବିୟୋଗ ସମୟରେ ତାଙ୍କ ପରିବାର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ବଡ଼ ପୁଅ ଶିକ୍ଷକ ରାମଚନ୍ଦ୍ର ମୁଖାଗ୍ନି ଦେଇଥିଲେ ।



## ଭାର୍ଗବୀ ମେହେରଙ୍କ ପରଲୋକ

ଡୁଙ୍ଗୁରିପାଲି,୧୮ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ଯୁଧିଷ୍ଠିର ମେହେରଙ୍କ ପତ୍ନୀ ଭାର୍ଗବୀ ମେହେର (୮୦) ଙ୍କ ପରଲୋକ ଘଟିଛି । ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଆଜି ପରଲୋକ ହୋଇଛି । ସେ ଜଣେ ଧର୍ମପରାୟଣ ମହିଳା ଭାବରେ ଜଣାଶୁଣା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅ ଜଗଦୀଶ ମେହେର, ମୁକୁନ୍ଦ ମେହେର, ସାନପୁଅ ରବି ମେହେର, ତିନି ପୁତ୍ରବଧୂ କବିତା, ସୁରେଖା, କମଳିନି, ଝିଅ ପଦ୍ମିନୀ, ସଂଜ୍ଞା ଓ ସନ୍ଧ୍ୟା, ନାତି ଓମ, ମିଳନ, ଅରେଇୟନ, ଅଙ୍କିତ, ଆଦିତ୍ୟ, ନାତୁଣୀ ଖୁସି , ମୋନିକା, ମାନସୀ, ଆକାଂକ୍ଷା,ଅଦ୍ୟସା ସମସ୍ତ ଭାଇ ଓ ପୁତୁରା, ଭଣଜା, ଭିଣୋଇଙ୍କ ସହ ବନ୍ଧୁ ପରିଜନ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପାର୍ଥିବ ଶରୀର ଡୁଙ୍ଗୁରିପାଲି ବାସଭବନରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ଜଗଦୀଶ ମୁଖାଗ୍ନି ଦେଇଥିଲେ ।



## ବ୍ଲକ୍‌ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ତରଭା,୧୮ ।୨(ସମିସ): ତରଭା ବ୍ଲକ୍ ଅନ୍ତର୍ଗତ ତୁଲୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଓଡିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ନିମନ୍ତେ ବ୍ଲକ୍‌ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ବୁଧବାର ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ତରଭା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ତୁଲୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ନନ୍ଦ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ସୁବର୍ଣ୍ଣପୁର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଶିବିରରେ ଉପସ୍ଥିତ ରହି ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ନୂତନ ଶିକ୍ଷାନୀତି ୨୦୨୦ ସମ୍ପର୍କିତ ଆଲୋଚନା କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନୀତି ୨୦୨୦, ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫, ଭାରତୀୟ ଜ୍ଞାନ ପରମ୍ପରା, ବ୍ୟକ୍ତିର ପଞ୍ଚକୋଷ୍‌କ ସମଗ୍ର ବିକାଶ, ଦକ୍ଷତଭିତ୍ତିକ ଶିକ୍ଷଣ ଓ ଆକଳନ, ଆଧାର ପର୍ଯ୍ୟାୟ ଶିକ୍ଷଣ, ଓଡ଼ିଆ, ଇଂରାଜୀ, ହିନ୍ଦୀ, ସଂସ୍କୃତ, ଭାଷା ଶିକ୍ଷଣ, କଳା ଶିକ୍ଷା, ଗଣିତ ଶିକ୍ଷଣ, ପରିବେଶ ଶିକ୍ଷଣ, ବିଜ୍ଞାନ ଶିକ୍ଷଣ, ଶାରୀରିକ ଶିକ୍ଷା ଓ ସୁସ୍ଥତା, ସାମାଜିକ ପାଠ ଶିକ୍ଷଣ, ବୃତ୍ତିଗତ ଶିକ୍ଷା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଆସନ୍ତା ଶିକ୍ଷାବର୍ଷଠାରୁ ପ୍ରଚଳିତ ହେବାକୁଥିବା ନୂତନ ପାଠ୍ୟପୁସ୍ତକ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ଜ୍ୟୋତି ପ୍ରକାଶ ସାହୁ, ଅରବିନ୍ଦ ରଣା, ସଞ୍ଜୀବ କୁମାର ସାହୁ, ଶିକ୍ଷୟିତ୍ରୀ ବିଣାପାଣି କୁଅଁର, ଭାରତୀ ବେହେରା ପ୍ରମୁଖ ପ୍ରଶିକ୍ଷଣ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ । ସାଧନକର୍ମୀ ଭାବେ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ଶିକ୍ଷକ ରବି ନାରାୟଣ ସାହୁ, ସୁଶାନ୍ତ କୁମାର ମେହେର, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଦୁବୁଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅର୍ଜୁନ ନାଗ ସହାୟତା କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ତରଭା ଏନଏସି ସିଆରସିସି ଜୟନ୍ତ କୁମାର ମେହେର, ଶୁକ୍ରୁ ମିଶ୍ର, ଅଶୋକ ସାହୁ ପ୍ରମୁଖ ସହଯୋଗ କରିଥିଲେ । ପ୍ରଦ୍ୟୁମ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମ୍‌ଶ୍ରୀ କୁଶଳେଶ୍ୱର ହାଇସ୍କୁଲରେ ଚକ୍ଷୁ ପରୀକ୍ଷା ଶିବିର

ତରଭା,୧୮ ।୨(ସମିସ): ସୋନପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଡୁଙ୍ଗୁରିପାଲି ପିଏମ୍‌ଶ୍ରୀ କୁଶଳେଶ୍ୱର ହାଇସ୍କୁଲରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ୍‌ର ୫ ଟି କ୍ଲଷ୍ଟରର ମୋଟ ୧୮୪ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୫୩ ଜଣଙ୍କୁ ଚଷମା ପାଇଁ ଚିହ୍ନଟ କରାଯାଇଥିଲା । ୧୩ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ପଠାଯାଇଥିଲା । ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ସହାୟକ, ମହାନଦୀ ନେତ୍ର ଚିକିତ୍ସାଳୟ ଏବଂ ତ୍ରିଲୋଚନ ନେତ୍ରାଳୟର ଚକ୍ଷୁ ସହାୟକ ଶିବିରରେ ଚକ୍ଷୁ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ସମ୍ବଲ ଶିକ୍ଷକ ମିଳନ କୁମାର ଷଡ଼ଙ୍ଗୀ ପରିଚାଳନା କରିଥିବା ବେଳେ ସମ୍ବଲ ଶିକ୍ଷକ ରଞ୍ଜନ ସା, ସିଆରସିସି ବିଶିମୁଣ୍ଡା, ମଲ୍ଲିକମୁଣ୍ଡା, ଖାରୀ, ନାରାୟଣପୁର, ଖରଜୁରା ଏବଂ ସିଏଚସି ନାଇକେନପାଲିର ଏମଏଚଟି ଟିମ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ବ୍ଲକର ୪ ଟି ସ୍ଥାନରେ ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୩୩୪ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।




## ବୀରମହାରାଜପୁର ଅଞ୍ଚଳରେ ବେଆଇନ୍ ବାଲି ଚୋରାଚାଲାଣ

ବୀରମହାରାଜପୁର,୧୮ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଅଞ୍ଚଳରେ ବେଆଇନ୍ ବାଲି ଚୋରାଚାଲଣ ସହ ବାଲି ମାଫିଆମାନଙ୍କ ରାଜୁତି ଚାଲିଥିବା ଦେଖିବାକୁ ମିଳିଛି । ବୀରମହାରାଜପୁର ତହସିଲ ଅଧୀନରେ ଥିବା ମହାନଦୀର ଖାମେଶ୍ୱରିପାଳି, ରଥ ପୁର ,ଦେଉଳି, କୁମୋରସିଂହକ୍ଷ, ନୂଆଗଡ, କେଉଟିପାଲି, କେଲଗା, ସୁବଳୟା, ଦୁର୍ଦ୍ଦୁରା, ପିତାମହୁଲ, ଡୁଲେଶ୍ୱର୍ ଏବଂ ହରିହରଯୋର୍‌ର ବାଗବର, ଜଟେସିଂହା, କୁଡ଼ାପଡ଼ା, ତେନ୍ତୁଳିମହାଦା ଆଦି ରାଜସ୍ୱ ଅଞ୍ଚଳରୁ ପ୍ରତିଦିନ ଦିନରାତି ବାଲି ମାଫିଆମାନେ ହାଇୱା ଓ ଟ୍ରାକ୍ଟର ଯୋଗେ ବାଲି ଚୋରି କରି ବାହାର ଜିଲ୍ଲାକୁ ନେଉଥିବା ଅଭିଯୋଗ ହେଉଛି । ଏହି ବାଲି ମାଫିଆମାନଙ୍କ ପାଇଁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଜୀବନ ହାନି ହୋଇଥିବା ନଜିର ରହିଛି । କିନ୍ତୁ ଦାୟିତ୍ୱରେ ଥିବା ଖଣିବିଭାଗ ଓ ବିଭାଗୀୟ ଅଧିକାରୀମାନେ ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜିବାକୁ ନେଇ ଏବେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ବେଆଇନ୍ ଚୋରା ବାଲି ହାଇୱା ଗାଡିମାନଙ୍କୁ ଛାଡ଼ି ରାଜସ୍ୱ ଆଦାୟ ନାମରେ କିଛି ଟ୍ରାକ୍ଟରକୁ ଧରି ଖଣି ବିଭାଗ ବାହାବା ନେଉଥିବା ଅଭିଯୋଗ ହୋଇଛି ।

ବୀରମହାରାଜପୁର ଅଞ୍ଚଳର ଗରିବ ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଁ ବାଲି ପାଉନଥିବା ବେଳେ ବାଲି ମାଫିଆମାନେ ମହାନଦୀରୁ ପ୍ରତିଦିନ ଶହ ଶହ ହା । ଇୱାରେ ବାଲି ଚୋରି କରି ବାହାର ଜିଲ୍ଲାକୁ ନେଉଥିଲେ ମଧ୍ୟ ସେମାନଙ୍କୁ କାବୁ କରିବାକୁ ଖଣି ବିଭାଗ, ଜିଲ୍ଲା ପ୍ରଶାସନ ଓ ପୋଲିସ ପାଖରେ ସହାସ ନଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ଜିଲ୍ଲାପ୍ରଶାସନ ଓ ଖଣି ବିଭାଗର ନିରବତା ଦେଖି ଖଣି ବିଭାଗ ଏବଂ ବାଲି ମାଫିଆମାନଙ୍କ ମଧ୍ୟରେ ସଲା ସୁତୁରା ଚାଲିଥିବା ନେଇ ମଧ୍ୟ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି । ବେଆଇନ୍ ବାଲି ଚାଲାଣ ପାଇଁ ହାଇୱା ପିଛା ମାସିକ ୫ହଜାର ଟଙ୍କାରେ ପୁଲିସ ଓ ଖଣି ବିଭାଗ ସହ ଦର ଧାର୍ଯ୍ୟ ହୋଇଥିବା ଆଲୋଚନା ହେଉଛି । ଯେଉଁ ହାଇୱା ଓ ଟ୍ରାକ୍ଟର ମାଲିକ ଟଙ୍କା ଦେଉନାହିଁ ତାକୁ ବିଭିନ୍ନ ବାହାନାରେ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହୋଇଛି । ଏବିଷୟରେ ଜିଲ୍ଲା ଖଣି ବିଭାଗ ଅଧିକାରୀଙ୍କୁ

### ବଢୁଛି ବାଲି ମାଫିଆଙ୍କ ରାଜୁତି; ପ୍ରଶାସନ ନିରବଦ୍ରଷ୍ଟା

ପଚାରିଲେ ଖଣି ବିଭାଗ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବା ର ଆଳ ଦେଖାଇ ଟାଳି ଦେଉଥିବା ଶୁଣିବାକୁ ମିଳିଛି । ଦୁର୍ଦ୍ଦୁରା ମହାନଦୀ ବାଲିଘାଟ ଟେଣ୍ଡର ହୋଇଥିଲେ ହେଁ ଟେଣ୍ଡର ହୋଇଥିବା ବାଲିଘାଟରୁ ବାଲି ଉଠାଣ ବନ୍ଦ ରହିଛି । କିନ୍ତୁ ସେଠାରୁ ବେଆଇନ୍ ଭାବେ ବାଲି ଚାଲାଣକୁ ପରୋକ୍ଷରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିବା ଶୁଣିବାକୁ ମିଳିଛି । ଜିଲ୍ଲା ଖଣି ବିଭାଗ, ପୋଲିସ ଅଧିକାରୀ ତୁରନ୍ତ ବାଲି ଚୋରା ଚାଲାଣ ଉପରେ ଲଗାମ ନ ଲଗାଇଲେ ସରକାରଙ୍କ ବିପୁଳ ଟଙ୍କା ର ରାଜସ୍ୱ ହାନି ହେବା ସହ ମହାନଦୀର ପ୍ରକୃତି ନଷ୍ଟ ହେବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ଏ ବିଷୟରେ ସୁବର୍ଣ୍ଣପୁର ଜିଲ୍ଲା ଖଣି ଅଧିକାରୀ ସମ୍ୟକ୍ କୁମାର ଦାସଙ୍କୁ ପଚାରିବାରୁ ପରେ କଥା ହେବା କହି ଫୋନ ବନ୍ଦ କରିଦେଇଥିଲେ । ତୁରନ୍ତ ମହାନଦୀ ଓ ହରିହର ଜୋର୍‌ରେ ବାଲି ମାଫିଆମାନଙ୍କ ରାଜ ଓ ଚୋରା ଚାଲାଣକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସଚିବାଳୟ ସହକାରୀ ଉପ ବିଭାଗୀୟ ଅଧିକାରୀଙ୍କୁ ନେଇ ବୈଠକ

ବୌଦ୍ଧ,୧୮ ।୨(ସମିସ): ବୌଦ୍ଧ ଜିଲ୍ଲାକୁ ଆସିଥିବା ଓଡିଶା ସଚିବାଳୟର ସହକାରୀ ଉପ ବିଭାଗୀୟ ଅଧିକାରୀଙ୍କ ଏକ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାକୁ ଷ୍ଟଡିଟୁରରେ ଆସିଥିବା ଉକ୍ତ ଅଧିକାରୀ ମାନଙ୍କ ସହ ଆସିଥିବା ରାଜ୍ୟ ଗୃହ ବିଭାଗର ସହକାରୀ ସଚିବଙ୍କ ସମେତ ୩୮ ଜଣିଆ ଟିମକୁ ଜିଲ୍ଲାପାଳ ସ୍ୱାଗତ କରିବା ସହ ସମସ୍ତଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଳିୟାରସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ସହକାରୀ ନିର୍ଦ୍ଦେଶକ, (ବୟନ ଶିଳ୍ପ) ସୁଶାନ୍ତ ନାଏକ , ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି, ଗୀତାଞ୍ଜଳି ଦଲାଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପଧାନ, ସହକାରୀ ନିର୍ଦ୍ଦେଶକ (ଉଦ୍ୟାନ ବିଭାଗ) ଯୋଗୀନ୍ଦ୍ରନାଥ ମହାପାତ୍ର ପ୍ରମୁଖ ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକାରିତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ ।

ସହକାରୀ ଉପ ବିଭାଗୀୟ ଅଧିକାରୀ ଦିବ୍ୟଜ୍ୟୋତି ଦାଶ, ଜନ୍ମେଞ୍ଜୟ ବେହେରା ଏବଂ ରମେଶ ମହାନ୍ତି ନିଜ ନିଜ ଅନୁଭୂତି ବଖାଣି ଥିଲେ । ଡେପୁଟି କଲେକ୍ଟର ଅଙ୍କିତା ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଡେପୁଟି କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବରିଷ୍ଠ ନାଗରିକ ସଂଗଠନର ଶପଥ ପାଠ ଉତ୍ସବ

ବୀରମହାରାଜପୁର,୧୮ ।୨(ସମିସ): ବରିଷ୍ଠ ନାଗରିକ ସଂଗଠନ ବୀରମହାରାଜପୁରର ନବ ନିର୍ବାଚିତ ତଥା ମନୋନୀତ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ବୁଧବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ନିର୍ବାଚିତ ସଭାପତି ଦୟାନିଧି ହୋତା ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଶପଥ ପାଠ କରାଇଥିଲେ । ସଭାରେ ସଭାପତି ଭାବେ ଦୟାନିଧି ହୋତା, ଉପସଭାପତି ଦିଲ୍ଲୀପ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ରାଧେଶ୍ୟାମ ପୁରୋହିତ, ସଂପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡା, ସହ ସଂପାଦକ ଜୀତେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, ସମୀକ୍ଷକ ଦୀନବନ୍ଧୁ ମେହେର, କାର୍ଯ୍ୟକାରିଣୀ ସଦସ୍ୟ ଚମରା ମହାକୁର, ଚମ୍ପେଶ୍ୱର ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ, ଭଗବାନ ମିଶ୍ର, ସନ୍ତୋଷ ଷଡ଼ଙ୍ଗୀ, ଜ୍ଞାନେନ୍ଦ୍ର ତ୍ରିପାଠୀ, ସୁରୁ ସାହୁ, ଉପଦେଷ୍ଟା ସଦସ୍ୟ ସୌମିତ୍ରୀ ମେହେର, ଅକ୍ରୁର ଦନ୍ତା ପ୍ରମୁଖ ଶପଥ ଗ୍ରହଣ କରିଥିଲେ । ବୈଠକରେ ଉମେଶ ପ୍ରସାଦ ରଥ, ଧନୁ ପ୍ରଧାନ, ପ୍ରକାଶ ହୋତା, ପ୍ରଶାନ୍ତ ସେଠୀ, ସତ୍ୟ ନାରାୟଣ ନାୟକ, ଜୟଦେବ ସାହୁ, ତ୍ରିନାଥ ମିଶ୍ର, ନାରାୟଣ ପ୍ରସାଦ ନାୟକ, ଧର୍ମ ଦତ୍ତ ପାଢ଼ୀ, ଭୂଷଣ ପାତ୍ର, ରବି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଅକ୍ଷୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



## ୩ କୁଇଣ୍ଟାଲ ଗଞ୍ଜେଇ ଜବତ; ବେପାରୀ ଫେରାର

କଣ୍ଟାମାଳ,୧୮ ।୨(ସମିସ): ବୌଦ୍ଧ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇ ଓ ପୁଲିସ ପକ୍ଷରୁ ଚନ୍ଦନିଆମୁଣ୍ଡା ପାଖ ବେନାଜୋର ଫରେଷ୍ଟ ରିଜର୍ଭ ଜଙ୍ଗଲଠାରେ ଚଢ଼ଉ କରାଯାଇଥିଲା । ଏହି ସମୟରେ ତିନି କୁଇଣ୍ଟାଲ କୋଡିଏ କେଜି ଗଞ୍ଜେଇ ଜବତ ହୋଇଥିବା କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇ ସୂଚନା ଦେଇଛନ୍ତି । ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଫେରାର ହୋଇଯାଇଥିବା ଜଣାପଡ଼ିଛି । ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ମାଫିଆକୁ ଧରାହେବ ବୋଲି ଥାନା ଅଧିକାରୀ କହିଛନ୍ତି ।


NACO 10001/66/2526 OSACS

ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:

ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ । ମନେ ରଖନ୍ତୁ

ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ ।

ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ ।

ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ ।

ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ ।

ଏଆରଟି ଗ୍ରହଣ କରିବାର ଲାଭ:

1 ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ ।

2 CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ ।

3 ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ ।

4 ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ ।

5 କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ ।

OIPR-10001/10060/2/25-26/0003

Follow us on : BREAKFREE https://breakfreeindia.org

AIDS Helpline 1097

ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ ।


# ବେଆଇନ କ୍ଲିନିକ୍ ଓ ପାଥୋଲୋଜି ଉପରେ କାର୍ଯ୍ୟାନୁଷ୍ଠାନ ଦାବି

## ସଚେତନ ନାଗରିକ ଓ ଯୁବ ସମାଜର ଦାବିପତ୍ର

ଡୁଙ୍ଗୁରିପାଲି,୧୮ ।୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅଞ୍ଚଳରେ ଦୀର୍ଘ ଦିନ ହେବ ସରକାରଙ୍କ ବିନା ସ୍ୱୀକୃତିପ୍ରାପ୍ତରେ ବେଆଇନ ଭାବେ ଘରୋଇ କ୍ଲିନିକ ଓ ପାଥୋଲୋଜି ଖୋଲି ଚାଲୁ ରହିଛି । ଉକ୍ତ ବେଆଇନ୍ କ୍ଲିନିକ୍ ଓ ପାଥୋଲୋଜି ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଡୁଙ୍ଗୁରିପାଲି ଅଞ୍ଚଳର ସଚେତନ ନାଗରିକ ଓ ଯୁବ ସମାଜ ଦାବି କରିଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ଅଧୀକ୍ଷକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଏକ ସୀମାନ୍ତବର୍ତ୍ତି ଅଞ୍ଚଳ । ତିନୋଟି ଜିଲ୍ଲାର ସୀମାନ୍ତରେ ଅବସ୍ଥିତ ହେତୁ ବହୁ ଲୋକ ଏହା ଉପରେ ନିର୍ଭର କରନ୍ତି । ଏଠାରେ ଥିବା ଏକ ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବହୁ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଅସମର୍ଥ ଥିବାରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଏହାର ସୁଯୋଗ ନେଇ ବେଆଇନ କ୍ଲିନିକ ଖୋଲିବା ସହିତ ପାଥୋଲ୍ୟାବ ଖୋଲି ମାଲେମାଲ ହେଉଥିବା ଦେଖିବାକୁ ମିଳିଛି । ଏହାଦ୍ୱାରା ଜନସାଧାରଣ ଠକାମିର ଶିକାର ହେଉଥିବା ଆଶଙ୍କା କରାଯାଉଛି । ଏଠାରେ ଥିବା ସମସ୍ତ ଘରୋଇ କ୍ଲିନିକ ଓ ପାଥୋଲୋଜି ଜି ଗୁଡିକୁ ତୁରନ୍ତ ଯାଞ୍ଚ କରି ବିନା ଅନୁମତିରେ ଚାଲୁଥିବା କ୍ଲିନିକ୍ ଓ ପାଥୋଲୋଜିକୁ ବନ୍ଦ କରାଯାଉ । ଯେଉଁମାନେ ଭୁଲ ଭାବେ ଚିକିତ୍ସା କରୁଛନ୍ତି ସେମାନଙ୍କ ବିରୋଧରେ କଡା ପଦକ୍ଷେପ ଗ୍ରହଣ କରି ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ନିୟମିତ ଡ୍ରଗ ଇନ୍ସପେକ୍ଟରଙ୍କ ନିରୀକ୍ଷଣ ବ୍ୟବସ୍ଥା କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ବେଳେ ଅରବିନ୍ଦ ମିଶ୍ର, ପ୍ରଶାନ୍ତ ସେଠ, ଘନଶ୍ୟାମ ମେହେର, ଯଦୁମଣି କୁଦେଇ, ସରୋଗା ପଧାନ, ସତ୍ୟମ ବିଶ୍ୱାଳ, ଜ୍ୟୋତ୍ସ୍ନା ବାରିକ, ଶିଶୁପାଲ ଖମାରୀ, ମେଘନାଥ ପଧାନ, ନିତା ପଟେଲ, ପ୍ରଜ୍ଞାପରମିତା ତ୍ରିପାଠୀ, ରୋହିତ ସାହୁ, ବିକାଶ ହାତୀ, ଧ୍ରେନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ଅଧୀକ୍ଷକ ନ ଥିବାରୁ କାର୍ଯ୍ୟାଳୟର ବିଜୟ କୁମାର ଭୋଇଙ୍କୁ ଦାବିପତ୍ର ସଦସ୍ୟମାନେ ପ୍ରଦାନ କରିଛନ୍ତି ।

# ସମ୍ପାଦକୀୟ



ଧର୍ମ ହିଁ ଜୀବନର ବାସ୍ତବତା, କିନ୍ତୁ ଦେବ ପୂଜା ପୂର୍ବରୁ ପ୍ରଥମେ ମାନବ ସମାଜର ସେବା ହିଁ ଆମର କର୍ତ୍ତବ୍ୟ।

-ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ

ସକାଳ
THE SAKALA

## କାମ ଛୋଟ, କଥା ବଡ଼

ବେଳେ ବେଳେ ଅତି ଛୋଟିଆ କାମଟିଏ କରିଦେଇ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଦୂର କରାଯାଇପାରିବ। ପ୍ରଚଳିତ ଜୀବନଚର୍ଯ୍ୟାରେ ପରସ୍ପର ପ୍ରତି ସମ୍ବେଦନା ଓ ସହାନୁଭୂତି ପ୍ରଦର୍ଶନ ଏକପ୍ରକାର ହଜିଯାଇଛି। ସମସ୍ତେ ନିଜ ସ୍ୱାର୍ଥରକ୍ଷାରେ ବ୍ୟସ୍ତ। ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ସେହି ଏକାକଥା। ବେତନ ଭତ୍ତା କିଛି କମ ହୋଇ ନ ଥିଲେ ମଧ୍ୟ ଅତିରିକ୍ତ ଉପାର୍ଜନ ପଛରେ ଧାଇଁଥିବା ଲୋକଙ୍କ ସଂଖ୍ୟା କିଛି କମ ନୁହେଁ। ତେଣୁ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ଜନସାଧାରଣ। ଆମେ ଏଠାରେ ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ମାଲକାନଗିରି ଭଳି ଏକ ପଛୁଆ ଜିଲ୍ଲାରେ ଦୁର୍ଘଟଣା ରୋକିବା ସକାଶେ ପ୍ରଶାସନ ଗ୍ରହଣ କରିଥିବା କିଛି କଠୋର ଆଭିମୁଖ୍ୟ ଅନ୍ୟମାନଙ୍କୁ ସଚେତନ କରିବ। ଜାତୀୟ ରାଜପଥ-୩୨୬ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଥାନାରେ ଏତଲା ଦେଇ ତାଗିଦ୍ କରିଛି। ରାଜପଥର ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ ତାହାକୁ ଆପରାଧିକ ଅବହେଳା ବୋଲି ଦର୍ଶାଇଛନ୍ତି ଜିଲ୍ଲା କର୍ତ୍ତୃପକ୍ଷ।

ଜାତୀୟ ରାଜପଥର ସଂପ୍ରସାରଣ ଓ ଧାର୍ଯ୍ୟଲକ୍ଷ୍ୟ ପୂରଣରେ ସଫଳତା ଦାବି କରିଆସିଥିବା ମନ୍ତ୍ରାଳୟ ମଧ୍ୟ ସ୍ୱୀକାର କରିବା ଉଚିତ ଯେ ମରାମତି ଅଭାବରୁ ରାଜପଥର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋବାରେ ଲାଗିଛି। ବର୍ଦ୍ଧିତ ସଡ଼କ ଦୁର୍ଘଟଣାର ଏହା ଅନ୍ୟତମ ମୁଖ୍ୟ କାରଣ। ଏଠାରେ ଆମେ ମାଲକାନଗିରି ଜିଲ୍ଲା ସଂପର୍କରେ ଉଲ୍ଲେଖ କଲାବେଳେ ବିହାରରେ ଉପୁଜିଥିବା ପରିସ୍ଥିତି ସଂପର୍କରେ କିଛି ରୋଚକ ତଥ୍ୟ ଉପସ୍ଥାପନ କରୁଛୁ। ମରାମତି ଅଭାବରୁ ରାଜପଥରେ ସଂଖ୍ୟାଧିକ ଗର୍ତ୍ତ ସୃଷ୍ଟିହୋଇଛି। ସରକାରୀ ଅଧିକାରୀଙ୍କ ନିକଟରେ ଏ ସଂପର୍କରେ ସଠିକ୍ ତଥ୍ୟ ଅଭାବ। କାମଧନ୍ଦା ଅଭାବରୁ ବେକାର ବସିଥିବା ଯୁବ ସାମଜକୁ ଏହି ଗର୍ତ୍ତ ଠାବ କରି ରିପୋର୍ଟ ଦେବାକୁ ଦାୟିତ୍ୱ ଦିଆଯାଇଛି। ସେମାନେ ତାହାର ଭିଡିଓ ସୁଟିଂ କରି ରିପୋର୍ଟ ପଠାଇ ଚାଲିଛନ୍ତି ଅଧିକାରୀଙ୍କ ନିକଟକୁ। ବିନିମୟରେ ସେମାନଙ୍କୁ ମିଳୁଛି ୫ ହଜାର ଟଙ୍କା ସହାୟତା ରାଶି। ଏହି ବିଚିତ୍ର ପରିସ୍ଥିତିରୁ ରାଜପଥର ଅବସ୍ଥା ସହଜରେ ଅନୁମାନ କରାଯାଇପାରେ।

ଏବେ ଆସିବା ମାଲକାନଗିରି ପ୍ରସଙ୍ଗକୁ। ଜାତୀୟ ରାଜପଥ – ୩୨୬ର ଗୋବିନ୍ଦପାଲିଠାରୁ ମୋଟୁ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ। ମରାମତି ଅଭାବରୁ ରାଜପଥରେ ବଡ଼ବଡ଼ ଗାତ ସୃଷ୍ଟି ହୋଇଛି। ଏପରିକି ଗସ୍ତ ସଂପର୍କରେ ଯାନବାହନ ଚାଳକଙ୍କୁ ଆଗୁଆ ସୂଚନା ଦେବା ସକାଶେ ରେଖାଙ୍କିତ ଚିତ୍ର ପ୍ରଦାନ ପ୍ରତି ଏକପ୍ରକାର ଆଖିବୁଜି ଦିଆଯାଇଛି। ଉପର ନିର୍ଦ୍ଧାରିତ ଅଞ୍ଚଳରେ କ୍ରମଗତ ଦୁର୍ଘଟଣା ଘଟୁଥିବାରୁ କେବଳ ଜନଜୀବନ ହାନି ଘଟୁନି, ବେଳେ ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଏ ସଂପର୍କରେ ଜିଲ୍ଲାସ୍ତରୀୟ ସମ୍ମନ୍ୱୟ କମିଟି ବୈଠକରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର ହୋଇନାହିଁ। ତହସିଲଦାରଙ୍କ ରିପୋର୍ଟ ଭିତ୍ତିରେ ଉପଜିଲ୍ଲାପାଳ ମାଥିଲି ଥାନାରେ ଏତଲା ଦେଇଛନ୍ତି। ଥାନା ଅଧିକାରୀ ଘଟଣାର ପ୍ରାଥମିକ ତଦନ୍ତ ପରେ ଜାତୀୟ ରାଜପଥ ଇଞ୍ଜିନିୟର ଓ ଠିକାଦାରଙ୍କୁ ନୋଟିସ ପ୍ରଦାନ କରିବେ। ତେଣିକି ଏସ୍‌ଡିଏମ୍‌ଙ୍କ ଅଦାଲତରେ ମାମଲାର ଶୁଣାଣି ହେବ। ଜିଲ୍ଲାପାଳ ମଧ୍ୟ ଜାତୀୟ ରାଜପଥ ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏହି ଜିଲ୍ଲା ରାଜ୍ୟର ଅନ୍ୟତମ ଅନଗ୍ରସର ଅଞ୍ଚଳ। ଆମ ପ୍ରଶାସନିକ ବ୍ୟବସ୍ଥାର ଫୋକସ୍‌ରେ ନଥା'ନ୍ତି ଅଞ୍ଚଳବାସୀ। ସେଠାରେ ଅବସ୍ଥାପିତ ଅଧିକାରୀମାନେ ସେହି ଅଞ୍ଚଳର ଛୋଟବଡ଼ ସମସ୍ୟାର ସମାଧାନ ଦିଗରେ ଅନୁରୂପ ନିଷ୍ଠା ପ୍ରଦର୍ଶନ କଲେ ତ୍ୱରିତ ବେଗରେ ଅନଗ୍ରସରତା ଦୂର ହୋଇପାରନ୍ତା। ●

## ବାଂଲାଦେଶ : ଆରମ୍ଭରୁ ବିଦ୍ୱେଷ

ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରହମନ ଓ ତାଙ୍କ ୪୯ ଜଣିଆ କ୍ୟାବିନେଟ୍‌କୁ ରାଷ୍ଟ୍ରପତି ମହମ୍ମଦ ଶାହବୁଦ୍ଦିନ ମଙ୍ଗଳବାର ଶପଥ ଗ୍ରହଣ କରାଇଛନ୍ତି। ଛାତ୍ର ଆନ୍ଦୋଳନରୁ ସୃଷ୍ଟି ଗଣବିଦ୍ରୋହରେ କ୍ଷମତାସୀନ ଶେଖ ହାସିନଙ୍କ ଆୱାମୀ ଲିଗ ସରକାର କେବଳ ଭୁଶୁଡ଼ି ପଡ଼ିଲାନି, ସେ ନିଜେ ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ଭାରତରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଗଠିତ ଅସ୍ଥାୟୀ ସରକାର ଗତ ୧୨ ତାରିଖର ନିର୍ବାଚନ ପରେ ବିଦାୟ ନେଇଛି। ପରିବର୍ତ୍ତିତ ପରିସ୍ଥିତିରେ ୟୁନୁସ ଓ ତାଙ୍କ ସହଯୋଗୀମାନେ ଦେଶ ଛାଡ଼ିବା ଆରମ୍ଭ କରିଛନ୍ତି। ଯେଉଁ ଛାତ୍ର ସମାଜ ଓ କଠୋରପନ୍ଥୀମାନେ ବିଦ୍ରୋହର ନେତୃତ୍ୱ ନେଇଥିଲେ ସେମାନଙ୍କୁ ଦେଶବାସୀ ଚଳିତ ନିର୍ବାଚନରେ ପ୍ରତ୍ୟାଖ୍ୟାନ କରିଛନ୍ତି। ତାରିକ ରହମନଙ୍କ ନେତୃତ୍ୱରେ ବିଏନ୍‌ପି ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲରୁ ସ୍ପଷ୍ଟ ହୋଇଛି ଯେ ଦେଶବାସୀ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟ ଚାହାନ୍ତି।

ଶପଥ ଗ୍ରହଣ ଉତ୍ସବ ପୂର୍ବରୁ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତିରେ ଜମାତ-ଇ-ଇସଲାମୀ ନେତା ସଫିକୁର ରହମନଙ୍କ ନେତୃତ୍ୱରେ ଗଠିତ ୧୧ ଦଳୀୟ ମେଣ୍ଟର ନିର୍ବାଚିତ ସଦସ୍ୟମାନେ ଉତ୍ସବକୁ ବାସନ୍ଦ କରିଛନ୍ତି। ପ୍ରସଙ୍ଗ ହେଉଛି, ସଂବିଧାନ ସହ ସଂବିଧାନ ସଂସ୍କାର କମିଶନ ନାମରେ ନବନିର୍ବାଚିତ ସଂସଦମାନେ ଶପଥ ନେବାକୁ ସ୍ଥିର ହୋଇଥିଲା। ମୁଖ୍ୟ ନିର୍ବାଚନ ଆୟୋଗ ମଧ୍ୟ ଏହି ମର୍ମରେ ପରାମର୍ଶ ଦେଇଥିଲେ। ତେବେ ବିଏନପି ସ୍ଥାୟୀ କମିଟି ସଦସ୍ୟ ସଲାଉଦ୍ଦିନ ସ୍ପଷ୍ଟ କରିଥିଲେ ଯେ ସାଂବିଧାନିକ ବ୍ୟବସ୍ଥା ଅନୁଯାୟୀ ନିର୍ବାଚିତ ସାଂସଦମାନେ କେବଳ ସଂବିଧାନ ନାମରେ ଶପଥ ନେବେ । ନିର୍ବାଚିତ ସରକାର ହିଁ ସଂବିଧାନ ସଂସ୍କାର କମିଶନ ଗଠନ କରିବେ। ଦେଶର କାମଚଳା ସରକାର ସଂବିଧାନ ସଂଶୋଧନ ପ୍ରସ୍ତାବରେ କୌଣସି ପ୍ରଧାନମନ୍ତ୍ରୀ ଦୁଇଟି ମିଆଦରୁ ଅଧିକ ସମୟ ପାଇଁ କ୍ଷମତାରେ ରହିପାରିବ ନାହିଁ। ରାଷ୍ଟ୍ରପତିଙ୍କୁ ଅଧିକ କ୍ଷମତା ସମ୍ପନ୍ନ କରାଯିବ। ଯେତେଦୂର ମନେହୁଏ ମୁଖ୍ୟ ପରାମର୍ଶଦାତା ୟୁନୁସ ଆମେରିକା ଢାଞ୍ଚାରେ ସାମ୍ବିଧାନିକ ବ୍ୟବସ୍ଥା ପ୍ରୟୋଗ ପାଇଁ ଆଗ୍ରହୀ ଥିଲେ। ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବିଏନପି ସରକାର ଏହି ଉଦ୍ୟମକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସଫିକୁର ରହମନ ବିରୋଧୀଦଳ ନେତା ରହିଲେ ମଧ୍ୟ ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି କରିବାର ସାମର୍ଥ୍ୟ ତାଙ୍କର ନାହିଁ। ପାକିସ୍ତାନ ସହ ସଂପର୍କ ସୁଦୃଢ଼ କରି ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରୋତ୍ସାହନ ଦେଇଥିବା ଗୋଷ୍ଠୀ ଚଳିତ ନିର୍ବାଚନରେ ଏକପ୍ରକାର ନିର୍ମୂଳ ହୋଇଯାଇଛନ୍ତି। ଏକଥା ସତ୍ୟ ଯେ କ୍ଷମତାସୀନ ନୂଆ ସରକାର ଯେ ପରିସ୍ଥିତି ଓ ପରିବେଶକୁ ଓଲଟାଇଦେବେ ଏକଥା ନୁହେଁ। ବାଂଲାଦେଶରେ ହିନ୍ଦୁ ବିରୋଧୀ ଆଭିମୁଖ୍ୟରେ କିଛିଟା ପରିବର୍ତ୍ତନ ନିଶ୍ଚୟ ଆସିବ। ପ୍ରଧାନମନ୍ତ୍ରୀ ତାରିକ ରହମନ ନିଜ କ୍ୟାବିନେଟରେ ଦୁଇଜଣ ହିନ୍ଦୁଙ୍କୁ ସ୍ଥାନ ଦେଇ ତାହାର ସୂଚନା ଦେଇଛନ୍ତି।

ଏହି ଶପଥ ଗ୍ରହଣ ଉତ୍ସବରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ଲୋକସଭାର ଅଧ୍ୟକ୍ଷ ଓମ ବିର୍ଲା। ତାରିକ୍‌ଙ୍କୁ ବିର୍ଲା ସାକ୍ଷାତ କରି ଶୁଭେଚ୍ଛା ଜଣାଇବା ସହ ଭାରତ ଆସିବାକୁ ଆମନ୍ତ୍ରଣ କରିଥିଲେ। ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ବନ୍ଧୁତ୍ୱ ଓ ସହଭାଗିତା ପ୍ରତିଷ୍ଠା ହେବ ବୋଲି ଉଭୟ ପକ୍ଷ ଆଶା ପ୍ରକଟ କରିଛନ୍ତି। ●

# ମାନସିକ ପ୍ରଦୂଷଣ: ଆମ ସମୟର ନିରବ ସଙ୍କଟ

**ପ୍ରଦ୍ୟୁମ୍ନ କିଶୋର ମିଶ୍ର**

ସାଧାରଣତଃ ପ୍ରଦୂଷଣ କହିଲେ ଧୂଆଁରେ ଢାଙ୍କି ଯାଇଥିବା ଆକାଶ, ପ୍ଲାଷ୍ଟିକରେ ଭରିଯାଇଥିବା ନଦୀ, କିମ୍ବା ବିଷାକ୍ତ ମାଟିର ଛବି ଆସେ। ଏହାକୁ ଆମେ ଯନ୍ତ୍ରରେ ମାପୁ, ସମ୍ମିଳନୀରେ ଆଲୋଚନା କରୁ ଏବଂ ନିୟନ୍ତ୍ରଣ ପାଇଁ ପ୍ରୟାସ କରୁ। ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ଏଥିପାଇଁ କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ଏହା ସହ ଆଉ ଗୋଟିଏ ପ୍ରଦୂଷଣ ନିରବରେ, ଅଦୃଶ୍ୟ ଭାବରେ ଏବଂ ଏବେ ଅଧିକ ଭୟଙ୍କର ରୂପେ ପ୍ରସାରିତ ହେଉଛି। ତାହା ହେଉଛି ମାନସିକ ପ୍ରଦୂଷଣ।

ବାୟୁ କିମ୍ବା ଜଳ ପ୍ରଦୂଷଣ ଭଳି ମାନସିକ ପ୍ରଦୂଷଣର କୌଣସି ଦୃଶ୍ୟମାନ ଚିହ୍ନ ନାହିଁ। କିନ୍ତୁ ଏହା ବିଚାରଶକ୍ତିକୁ ଧୂସର କରେ, କରୁଣାକୁ ହ୍ରାସ କରେ ଏବଂ ସମାଜର ନୈତିକ ଭିତ୍ତିକୁ ଦୁର୍ବଳ କରିଦିଏ। ଅଦୃଶ୍ୟ ହୋଇଥିବାରୁ ଏହାକୁ ଆମେ ପ୍ରାୟ ସମୟରେ ଅବହେଳା କରିଦେଉଛୁ। ଆଜିର ସମାଜରେ ମଣିଷର ମନ ନିରନ୍ତର ଭ୍ରାନ୍ତ ସୂଚନା, ସମବେଦନା ଶୂନ୍ୟ ସମ୍ବାଦ, ଘୃଣା, ଭୟ ଓ ଅନାବଶ୍ୟକ ଶବ୍ଦରେ ଅଧିକ ଆକ୍ରାନ୍ତ। ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ମୋବାଇଲ୍ ଫୋନ୍‌ର ମାତ୍ରାଧିକ ବ୍ୟବହାର ସେମାନଙ୍କ ମନକୁ ଖରାପ ବାଟକୁ ଦ୍ରୁତ ଗତିରେ ଟାଣିନେଉଛି। ସାମାଜିକ ଗଣମାଧ୍ୟମ, ଯାହା ସମ୍ପର୍କ ଗଢ଼ିବାର ଆଶ୍ୱାସନା ଦେଇଥିଲା, ଆଜି ସେଠାରେ ତୁଳନା, କ୍ରୋଧ ଓ ବିଭେଦ ଅଧିକ ଦେଖାଯାଉଛି। ସମ୍ବାଦ ଜଣାଇବା ଅପେକ୍ଷା ଅନେକ ସମୟରେ ଉତ୍ତେଜନା ସୃଷ୍ଟି କରିବା ମୂଳ ଉଦ୍ଦେଶ୍ୟ ହୋଇଯାଇଛି। ଚିତ୍ତକୁ ଭ୍ରମିତ କଲାଭଳି 'ବିଜ୍ଞାପନ' ମଧ୍ୟ ବହୁତ ପ୍ରଭାବ ବିସ୍ତାର କଲାଣି। ମନେରଖିବାର କଥା ଯେ ବିଜ୍ଞାପନ କେବଳ ସାମଗ୍ରୀ ବିକ୍ରିକୁ ପ୍ରୋତ୍ସାହିତ କରେନି, ସେଗୁଡ଼ିକ ଆବଶ୍ୟକତା ତିଆରି କରେ। ମଣିଷର ମନକୁ ବେଳେ ବେଳେ ଖରାପ, ଲୋଭନୀୟ, କ୍ଷଣିକ ସୁଖର ଏକ ଅବାସ୍ତବ ରାସ୍ତାକୁ ଟାଣି ନିଏ। ଏହିପରି ଭାବେ ମନ ଧୀରେ ଧୀରେ ଅଶାନ୍ତ, ଅସ୍ଥିର ଓ ପ୍ରତିକ୍ରିୟାଶୀଳ ହୋଇଯାଏ।

ଦୂଷିତ ବାୟୁ ଯେପରି ଫୁସଫୁସକୁ ପ୍ରଭାବିତ କରେ, ସେହିପରି ଦୂଷିତ ଚିନ୍ତା ଆଚରଣକୁ ପ୍ରଭାବିତ କରେ। ସନ୍ଦେହ, ଅସହିଷ୍ଣୁତା ଓ କ୍ରୋଧରେ ଭରିଥିବା ମନ ସମାଜରେ ବିରୋଧର ଶ୍ୱାସ ଛାଡ଼େ। 'କୃତଜ୍ଞତା'ର ସ୍ଥାନରେ 'ଲୋଭ' ଆସିଲେ, 'କରୁଣା'ର ସ୍ଥାନରେ 'ଶୋଷଣ' ଆସେ। ସତ୍ୟଠାରୁ ମିଥ୍ୟା ଦ୍ରୁତ ଗତିରେ ପ୍ରସାରିତ ହେଲେ ବିଶ୍ୱାସ ପ୍ରଥମେ ଭାଙ୍ଗିପଡ଼େ। ଦୂଷିତ ମନ କେବଳ ଗୋଟିଏ ଲୋକ ମଧ୍ୟରେ ସୀମିତ ରହେନି। ଏହା ସଂକ୍ରାମକ ରୋଗ ଭଳି ଅତି ଶୀଘ୍ର ସମଗ୍ର ସମାଜରେ ପ୍ରସାରିତ ହୋଇଯାଏ। ଘୃଣା, ହିଂସା, ପ୍ରତିଶୋଧ ଓ ଅନିୟନ୍ତ୍ରିତ ଆକାଂକ୍ଷାରେ ଦୂଷିତ ଚିନ୍ତା ଅନେକ ସମୟରେ ଅପରାଧରେ ପରିଣତ ହୁଏ। ଅନେକ ଅପରାଧ ହଠାତ୍ ଜନ୍ମ ନେଇ ନ ଥାଏ। ସେଗୁଡ଼ିକ ଦୀର୍ଘସମୟ ଧରି ହିଂସା, ନୈତିକ ଭ୍ରମ ଓ ଅନ୍ୟାୟର ପ୍ରଶଂସା ଦେଖୁଥିବା ମନରେ ଧୀରେ ଧୀରେ ଗଢ଼ିଉଠେ, ନୀରବ ଭାବରେ। ଏପରି ମନ ଅପରାଧକୁ ଯୁକ୍ତିସଂଗତ ଭାବେ ଦେଖିବା ଆରମ୍ଭ କରେ, ବିବେକକୁ ନୀରବ କରେ ଏବଂ ନିର୍ମମତାକୁ ସାଧାରଣ କର୍ମ ଭାବେ ଧରିନେବାକୁ ବାଧ୍ୟ କରିଦିଏ।

ଏହାଠାରୁ ମଧ୍ୟ ଅଧିକ ଭୟଙ୍କର ହେଉଛି ଏପରି ଦୂଷିତ ମନ ଅନ୍ୟମାନଙ୍କୁ ଦୂଷିତ କରେ। କଥା, ଆଚରଣ ଓ ପ୍ରଭାବ ମାଧ୍ୟମରେ ଏହା ଭୟ, ପ୍ରତିକୂଳ ଧାରଣା ଓ କ୍ରୋଧ ପ୍ରସାର କରେ, ବିଶେଷକରି ଶିଶୁ ଓ ସମ୍ବେଦନଶୀଳ ଲୋକମାନଙ୍କ ମଧ୍ୟରେ। ଗୋଟିଏ ବିକୃତ ଚିନ୍ତା ବାରମ୍ବାର ପୁନରାବୃତ୍ତ ହେଲେ ହିଂସାକୁ ଉତ୍ତେଜିତ କରିପାରେ, ଘୃଣାକୁ ଉଦ୍ଦୀପିତ କରିପାରେ କିମ୍ବା ସମଗ୍ର ସମାଜକୁ ଭ୍ରମିତ କରିପାରେ। ଏହିପରି ଭାବରେ ମାନସିକ ପ୍ରଦୂଷଣ ବ୍ୟକ୍ତିଗତ ଅନ୍ଧକାରକୁ ସାମାଜିକ ଅଶାନ୍ତିରେ ପରିଣତ କରେ। ଏକ ପ୍ରଦୂଷିତ ମନରେ କେବେ ହେଲେ ଉତ୍ତମ ଭାବନା ଓ ସୃଜନଶୀଳତା ବସା ବାନ୍ଧି ପାରେ ନାହିଁ। କାରଣ ସେଠି ଆଗରୁ ବସା ବାନ୍ଧି ରହିଥାଏ ଏକ କୁତ୍ସିତ ଚିନ୍ତାଧାରାର ରାକ୍ଷସ।

ଶିଶୁମାନେ ଏଥିପ୍ରତି ସବୁଠାରୁ ଅଧିକ ସମ୍ବେଦନଶୀଳ। ସାଧାରଣତଃ ସେମାନେ ସବୁ କଥାକୁ ଅନୁକରଣ କରିଥା'ନ୍ତି। ଶିଶୁର ମନ ତାଜା ପାଣି ଭଳି, ଯାହା ପ୍ରବାହିତ ହୁଏ ତାହାକୁ ଶୋଷଣ କରେ। ଅତି ସାନ ବୟସରୁ ଅଶ୍ଳୀଳତା, ଆକ୍ରମକତା ଓ ବିଷାକ୍ତ ପ୍ରତିସ୍ପର୍ଦ୍ଧା ସମ୍ପର୍କରେ ଆସିଲେ ନିର୍ମଳତା, ମନର କୋମଳତା ଧୀରେ ଧୀରେ ନଷ୍ଟ ହୁଏ। ମନ ବିକୃତ ହୋଇଯାଏ, ହୃଦୟ କଠୋର ହୋଇଯାଏ। ପୂର୍ବରୁ ମୂଲ୍ୟବୋଧ, ସଂସ୍କାର ପରିବାର, ଶିକ୍ଷକ ଓ ସମୁଦାୟରୁ ଆସୁଥିଲା। ଆଜି ସେଗୁଡ଼ିକ ଅଧିକାଂଶ ମୋବାଇଲ୍, କମ୍ପ୍ୟୁଟର ଓ ଟିଭି ସ୍କ୍ରିନ୍ ମାଧ୍ୟମରେ ନିର୍ଦ୍ଧାରିତ ହେଉଛି। ଆମେ ଯଦି ଆଗାମୀ ପିଢ଼ି ପାଇଁ ଶୁଦ୍ଧ ପାଣି ନେଇ ଚିନ୍ତିତ, ତେବେ ଶୁଦ୍ଧ ଚିନ୍ତା ନେଇ ମଧ୍ୟ ସମାନ ଭାବେ ଚିନ୍ତିତ ହେବା ଉଚିତ୍। ଆଜିକାଲି ଅଳ୍ପ ବୟସର ପିଲାମାନଙ୍କ ମଧ୍ୟରେ ଅପରାଧ ପ୍ରବଣତା ବଢ଼ି ବଢ଼ି ଚାଲିଛି। ଏମିତିକି ହତ୍ୟା ଭଳି ସଙ୍ଗୀନ ଦଫାରେ ସେମାନେ ଗିରଫ ହେବାର ଦେଖିବାକୁ ମିଳୁଛି।

ମାନସିକ ପ୍ରଦୂଷଣ ଅପରିବର୍ତ୍ତନୀୟ ନୁହେଁ। ମନରେ ପୁନରୁଦ୍ଧାରର ଅସାଧାରଣ କ୍ଷମତା ରହିଛି। ସଚେତନତା ହେଉଛି ପ୍ରଥମ ପଦକ୍ଷେପ। ଆମର କଳା, ସଂସ୍କୃତି, ଐତିହ୍ୟ, ପ୍ରାଚୀନ ପରମ୍ପରା, ନୈତିକ ଶିକ୍ଷା, ଆଧ୍ୟାତ୍ମିକ ଉପଦେଶର ପ୍ରଚାର, ପ୍ରସାର ସହ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ହେଉଛି ବର୍ତ୍ତମାନ ସମାଜରେ ଏକ ଜରୁରୀ ଆବଶ୍ୟକତା। ଆମେ ପ୍ଲାଷ୍ଟିକ ବ୍ୟବହାର କମେଇବା କିମ୍ବା ପାଣି ସଂରକ୍ଷଣ ଯେପରି ଶିଖିଲୁ, ସେହିପରି ଆମେ ମାନସିକ ଆହାରକୁ ଛାଣି ଶିଖିବା ଆବଶ୍ୟକ। ପ୍ରତ୍ୟେକ ସନ୍ଦେଶ ଧ୍ୟାନଯୋଗ୍ୟ ନୁହେଁ, ପ୍ରତ୍ୟେକ ମତ ଗ୍ରହଣୀୟ ନୁହେଁ। ଶିକ୍ଷା କେବଳ ତଥ୍ୟ ଓ କୌଶଳରେ ସୀମିତ ରହିବା ଉଚିତ୍ ନୁହେଁ; ଏହା ଦୟା, ନୈତିକ ବିଚାର ଓ ଦାୟିତ୍ୱବୋଧକୁ ଗଢ଼ିତୋଳିବା ଉଚିତ୍। ମାଧ୍ୟମମାନେ ସ୍ୱାଧୀନତା ସହିତ ଦାୟିତ୍ୱକୁ ସମତୁଳିତ କରିବା ଆବଶ୍ୟକ। ପରିବାରମାନେ ପୁନର୍ବାର ଆଲୋଚନା, କଥାକାହାଣୀ ଓ ମୂଲ୍ୟବୋଧର ପରମ୍ପରାକୁ ଜୀବନ୍ତ କରିବା ଦରକାର। ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ମଣିଷ ମାନସିକ ସ୍ୱଚ୍ଛତା ଅଭ୍ୟାସ କରିବା ଉଚିତ୍। ଉତ୍ତମ ସାହିତ୍ୟ ପଢ଼ି, ଆତ୍ମପରୀକ୍ଷା, ଆତ୍ମସମୀକ୍ଷା କରି, ପ୍ରକୃତି ସହ ସମୟ କାଟି ଓ ସକାରାତ୍ମକ ଚିନ୍ତାଧାରା, ଦୟା, କ୍ଷମା, ସହୃଦୟତାକୁ ଆପଣେଇବାକୁ ପଡ଼ିବ।

ନିରବତାରେ ମଧ୍ୟ ଶକ୍ତି ରହିଛି। ନିରନ୍ତର କଳରବରେ ଭରିଥିବା ଏହି ବିଶ୍ୱରେ କିଛି ନିରବ ମୁହୂର୍ତ୍ତ ଜଞ୍ଜାଳଗ୍ରସ୍ତ, ଅସ୍ତବ୍ୟସ୍ତ ମନକୁ ପରିଶୁଦ୍ଧ କରିପାରେ। ପ୍ରତିକ୍ରିୟାର ସ୍ଥାନରେ ପୁନର୍ବିଚାର ଆସିପାରେ। 'ନିର୍ମମତା' କୁ 'କରୁଣା' ଅଟକାଇପାରେ। ଶାନ୍ତ ଭାବରେ ଓ ନିରନ୍ତର କୁହାଯାଇଥିବା ସତ୍ୟ, ସବୁଠାରୁ ଉଚ୍ଚ ମିଥ୍ୟାକୁ ମଧ୍ୟ ଅତିକ୍ରମ କରିପାରେ। କିନ୍ତୁ ସେଥିପାଇଁ କେତେଜଣ ବା ଉଦ୍ୟମ କରୁଛନ୍ତି? କେତେଜଣ ଏଥିପ୍ରତି ସଚେତନ ଅଛନ୍ତି?

ଦୂଷିତ ନଦୀ ସହ ସମାଜ ବଞ୍ଚିପାରେ, କିନ୍ତୁ ଦୂଷିତ ମନ ସହ ସମାଜରେ କେବେ ବି ଫୁଲ ଫୁଟିପାରେନି, ଫଳ ଫଳି ପାରେନି। ଯଦି ଆମେ ପ୍ରକୃତରେ ଗୋଟିଏ 'ଶୁଦ୍ଧଜଗତ' ଚାହୁଁଛୁ, ତେବେ ପରିବେଶ ସହିତ ନିଜ ମନଠାରୁ ଆରମ୍ଭ କରିବାକୁ ହେବ। ଆମ ଚିନ୍ତା, ଆମ କଥା ଓ ଆମ ଉଦ୍ଦେଶ୍ୟକୁ ପ୍ରଥମେ ପବିତ୍ର କରି ତା'ପରେ ଅନ୍ୟ କଥା ଚିନ୍ତା କରିବାକୁ ପଡ଼ିବ। କାରଣ ମନ ଶୁଦ୍ଧ ହେଲେ ସେହି ମନ ସୃଷ୍ଟି କରୁଥିବା ଜଗତ ମଧ୍ୟ ଶୁଦ୍ଧ ହୁଏ। ●

(ଅଧ୍ୟାପକ, ଇଣ୍ଡିଗୋ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ)
ତ୍ରିଶୁଳିଆ(କଟକ), ମୋ: ୬୩୭୧୫୫୨୮୬୬

# ଜଳଗ୍ରହରେ ଜଳକ୍ଳିଷ୍ଟତା

**ଡ. ବିଜୟ କେତନ ପଟ୍ଟନାୟକ**

ପୃଥିବୀ ଏକ ଜଳୀୟ ଗ୍ରହ। ପୃଥିବୀର ପ୍ରାୟ ଦୁଇ-ତୃତୀୟାଂଶ ଭାଗ ଜଳ ଦ୍ୱାରା ଆଚ୍ଛାଦିତ। କିନ୍ତୁ ନିକଟରେ ମିଳିତ ଜାତିସଂଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ପୃଥିବୀର ୮୨୦ କୋଟି ଲୋକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଅର୍ଥାତ୍ ପ୍ରାୟ ୪୦୦ କୋଟିରୁ ଅଧିକ ଲୋକ ଏବେ ଜଳ ସଂକଟରେ ସମ୍ମୁଖୀନ। ତନ୍ମଧ୍ୟରୁ ୨୨୦ କୋଟି ଜନତା ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ପ୍ରାୟ ୫୦ଟି ସହର ଜଳାଭାବ ଜନିତ ସଂକଟର ସମ୍ମୁଖୀନ ହେଉଛନ୍ତି। ସେଥିଭିତରୁ ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର। ଏହି ସହରଗୁଡ଼ିକ ମଧ୍ୟରେ ରହିଛି ଭାରତର ରାଜଧାନୀ ଦିଲ୍ଲୀ ସମେତ ପାଞ୍ଚଟି ସହର, ଚୀନର ରାଜଧାନୀ ବେଜିଂ, ଆମେରିକାର ନ୍ୟୁୟର୍କ ଓ ଫ୍ରାନ୍ସର ରିଓ ଡି ଜାନେରିଓ। ବିଶ୍ୱ ଜଳକ୍ଳିଷ୍ଟ ତାଲିକାରେ ଦିଲ୍ଲୀ ଚତୁର୍ଥସ୍ଥାନରେ, କୋଲକାତା ନବମ, ମୁମ୍ବାଇ ୧୨ ତମ, ବେଙ୍ଗାଲୁରୁ ୨୪ ତମ ଓ ଚେନ୍ନାଇ ୨୯ ତମ ସ୍ଥାନରେ ରହିଛି। ଏହାବ୍ୟତୀତ ହାଇଦ୍ରାବାଦ, ଅହମ୍ମଦାବାଦ, ସୁରତ ଓ ପୁନେ ସହର ମଧ୍ୟ ବହୁ ଦିନରୁ ସାମୟିକ ଜଳସଂକଟରେ ସମ୍ମୁଖୀନ ହେଉଛନ୍ତି।

ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଆମ ଦେଶରେ ଥିଲେ ମଧ୍ୟ ବିଶ୍ୱର ମୋଟ ମଧୁର ଜଳର ମାତ୍ର ୪ ପ୍ରତିଶତ ଆମ ଦେଶରେ ଉପଲବ୍ଧ। ଏହା ଭିତରୁ ୭୦ ପ୍ରତିଶତ ଜଳ ପାନୀୟ ଉପଯୋଗୀ ନୁହେଁ। ଶିଳ୍ପ ଓ କଳକାରଖାନାରୁ ନିଷ୍କାସିତ ହେଉଥିବା ଦୂଷିତ ଆବର୍ଜନାଯୁକ୍ତ ଜଳ ଏବଂ ବର୍ଷା ପାଣିରେ ଭାସିଯାଇ ନଦୀ, ନାଳ ଓ ହ୍ରଦ ଜଳରେ ମିଶୁଥିବା ଏକକ ବ୍ୟବହୃତ ପ୍ଲାଷ୍ଟିକରେ ପ୍ରଦୂଷିତ ଓ କଳୁଷିତ। ଭୂତଳ ଜଳ, ଯାହା ସ୍ୱଚ୍ଛ ପାନୀୟ ଜଳ ବୋଲି ଏକଦା ବିଚାର କରାଯାଉଥିଲା ସେଥିରେ ଫ୍ଲୋରାଇଡ, ଆର୍ସେନିକ, ନାଇଟ୍ରେଟ ଓ ପିଏଚ ମାତ୍ରା ଅଧିକ ରହୁଛି, ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ପୃଥିବୀରେ ବର୍ଷକୁ ୩୫ ଲକ୍ଷ ବ୍ୟକ୍ତି ଜଳଜନିତ ବିଭିନ୍ନ ରୋଗରେ ମୃତ୍ୟୁବରଣ କରୁଛନ୍ତି। ପ୍ରତିଦିନ ବିଶ୍ୱରେ ୫ ବର୍ଷ ବୟସରୁ କମ ୯୦୦ ପିଲା ଜଳବାହିତ ରୋଗରେ କିମ୍ବା ଦୂଷିତ ଜଳ ପାନ କରି ମୃତ୍ୟୁବରଣ କରୁଛନ୍ତି।

ଜାତିସଂଘର ଏହି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି, ଆଫଗାନିସ୍ତାନର ରାଜଧାନୀ କାବୁଲ ବିଶ୍ୱର ପ୍ରଥମ ବଡ଼ ସହର, ଯେଉଁଠି ପାଣି ସଂପୂର୍ଣ୍ଣ ଶୁଖିଯିବାକୁ ବସିଛି। ଏହାକୁ କୁହାଯିବ ଡେ-ଜିରୋ, ଅର୍ଥାତ୍ ଯେଉଁଦିନ ପାଣି ଟୋପାଏ ମିଳିବ ନାହିଁ। ମେକ୍ସିକୋ ସହରରେ ଭୂତଳ ଜଳସ୍ତର ଦ୍ରୁତଗତିରେ ହ୍ରାସ ପାଉଥିବା କାରଣରୁ ସହରଟି ପ୍ରତିବର୍ଷ ତଳକୁ ଧସିବାରେ ଲାଗିଛି। ଇରାନ୍‌ର ରାଜଧାନୀ ତେହେରାନ୍ କ୍ରମାଗତ ଷଷ୍ଠ ବର୍ଷ ମରୁଡ଼ିର ସମ୍ମୁଖୀନ ହୋଇଛି। ଭବିଷ୍ୟତରେ ଏମିତି ସମୟ ଆସିବ, ଯେବେ ସେଠାକାର ଲୋକମାନେ ପାନୀୟ ଜଳର ଘୋର ଅଭାବ ଅନୁଭବ କରିବେ। ଦକ୍ଷିଣ ଆଫ୍ରିକାର ରାଜଧାନୀ କେପ୍‌ଟାଉନ ଓ ଭାରତର ଚେନ୍ନାଇରେ ମଧ୍ୟ ଏହି ଜଳକ୍ଳିଷ୍ଟ ଅବସ୍ଥା ପୂର୍ବରୁ ଆସିସାରିଛି।

ବିଗତ ୫୦ ବର୍ଷ ମଧ୍ୟରେ ୟୁରୋପର ଅନେକ ଆର୍ଦ୍ରଭୂମି ମାନଚିତ୍ରରୁ ହଜିଗଲାଣି। ୧୯୭୦ ମସିହା ପରଠାରୁ ମଧୁର ଜଳ ଉତ୍ସ ହିମବାହର ଆକାର ପ୍ରାୟ ୩୦ ପ୍ରତିଶତ ସଂକୁଚିତ ହୋଇଗଲାଣି, ଅର୍ଥାତ୍ ତରଳି ଗଲାଣି। ଏହା ବିଶ୍ୱ ପତନର ପରିଣାମ। ୧୯୯୦ ପରଠାରୁ ବିଶ୍ୱର ୫୦ ପ୍ରତିଶତ ହ୍ରଦର ଜଳସ୍ତର ହ୍ରାସ ପାଇଛି। ଜଳ ଗୁଣବତ୍ତା ସୂଚକରେ ଭାରତର ସ୍ଥାନ ବିଶ୍ୱର ୧୨୨ଟି ଦେଶଙ୍କ ଭିତରେ ୧୨୦ଟି ରହିଛି। ଏହା ସୂଚାଇଥାଏ ଆମ ଦେଶରେ ଶୁଦ୍ଧ ପେୟ ଜଳର ସଂକଟ ଉଦ୍‌ବେଗଜନକ ସ୍ଥିତି ରହିଛି। ବ୍ୟକ୍ତିପିଛା ଉପଲବ୍ଧ ହେଉଥିବା ବାର୍ଷିକ ମଧୁର ଜଳର ସ୍ୱାଭାବିକ ନ୍ୟୂନତମ ସୀମା ୧୭୦୦ ଘନମିଟର ରହିବା ଉଚିତ୍। ଯଦି ଏହା ୧୫୦୦ ଘନ ମିଟରରୁ କମ ହୋଇଯାଏ, ତେବେ ଜଳାଭାବ ଜନିତ କ୍ଳେଶ ବା ଜଳକ୍ଳିଷ୍ଟତା ଅନୁଭବ କରିହୁଏ। ଏହି ଅନୁପାତ ବର୍ଷକୁ ବ୍ୟକ୍ତି ପିଛା ୧୦୦୦ ଘନମିଟରରୁ କମ୍ ହେଲେ ଜଳସଂକଟ ସମସ୍ୟା ସୃଷ୍ଟି ହେବ। ୨୦୦୧ ମସିହାରେ ଭାରତରେ ବ୍ୟକ୍ତି ପିଛା ବର୍ଷକୁ ହାରାହାରି ୧୮୧୬ ଘନମିଟର ଜଳ ବ୍ୟବହାର ପାଇଁ ମିଳୁଥିଲା। ଯାହାକି ନ୍ୟୂନତମ ସୀମାଠାରୁ ଯଥେଷ୍ଟ ଅଧିକ ଥିଲା। ୨୦୧୧ ବେଳକୁ ଦେଶର ଜନସଂଖ୍ୟା ବୃଦ୍ଧି ଫଳରେ ଏହା ୧୧୪୫ ଘନ ମିଟରକୁ କମି ଆସିଲା। ୨୦୨୫ ମସିହାରେ ଏହା ମୁଣ୍ଡପିଛା ୧୪୮୬ ଘନ ମିଟରକୁ ଖସି ଆସିଛି। ୨୦୫୦ ମସିହା ବେଳକୁ ଅନୁମାନ କରାଯାଏ ଆମ ଦେଶର ଜନସଂଖ୍ୟା ୧୬୪ କୋଟିରେ ପହଞ୍ଚିପାରେ ଏବଂ ସେତେବେଳକୁ ମୁଣ୍ଡପିଛା ଜଳ ଉପଲବ୍ଧ ହେବ ବର୍ଷକୁ ମାତ୍ର ୧୧୪୦ ଘନମିଟର। ସେ ସମୟକୁ ଆମ ଦେଶର ଅଧିକାଂଶ ଅଞ୍ଚଳ ଜଳକ୍ଳିଷ୍ଟ ଅଞ୍ଚଳରେ ପରିଣତ ହୋଇସାରିଥିବ।

ଏବେ ବି ଦେଶର ପାଖାପାଖି ୬୦ କୋଟି ଲୋକ ଦୈନିକ ବ୍ୟବହାର ପାଇଁ ମଧୁର ପେୟ ଜଳର କ୍ଳିଷ୍ଟତା ବା ଜଳାଭାବ ଜନିତ ଚାପ ଅନୁଭବ କରନ୍ତି। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ୭୮ ପ୍ରତିଶତ ଲୋକଙ୍କ ନିକଟରେ ସ୍ୱଚ୍ଛ ପାନୀୟ ଜଳ ଉତ୍ସ ନିକଟରେ ପହଞ୍ଚିବାର ସାଧନ ମଧ୍ୟ ନାହିଁ। ସେଠିକାର ସ୍ତ୍ରୀ ଲୋକମାନେ ଦୈନିକ ୨୦ କୋଟିରୁ ୨୫ କୋଟି ଘଣ୍ଟା (ପାନୀୟ ଜଳ ସଂଗ୍ରହ ନିମନ୍ତେ ସମସ୍ତ ସ୍ତ୍ରୀ ଲୋକ ବ୍ୟବହାର କରୁଥିବା ସମୟ) ସମୟ ଗାଁ ଠାରୁ ଦୂରରେ ଥିବା ଉତ୍ସରୁ ପାନୀୟ ଜଳ ସଂଗ୍ରହ ନିମନ୍ତେ ଅପଚୟ କରୁଛନ୍ତି। ବିସ୍ମୟର କଥା, ଦିନେ ଭାରତରେ ସର୍ବାଧିକ ବୃଷ୍ଟିପାତର ସହର ଥିଲା 'ଚେରାପୁଞ୍ଜି'। ଏବେ ସେଠାରେ ଗ୍ରୀଷ୍ମଦିନେ ପିଇବା ପାଣି ପାଇବା କଷ୍ଟକର ହେଉଛି।

ବିଶ୍ୱରେ ଜଳାଭାବର ପ୍ରମୁଖ କାରଣ ହେଉଛି ଶୁଷ୍କ ହୋଇ ଯାଉଥିବା ଜଳ ଉତ୍ସ, ଜଳଛାୟା ଅଞ୍ଚଳରେ ବୃକ୍ଷ କମିଯିବା, ନଦୀନାଳରେ ଜଳପ୍ରବାହ କମିବା, ଅତ୍ୟଧିକ ଭୂତଳ ଜଳ ଉତ୍ତୋଳନ। ଆମ ଦେଶରେ ଭୂତଳ ଜଳ ଉତ୍ତୋଳନ ବିଶ୍ୱରେ ସର୍ବାଧିକ। ବିଶ୍ୱର ମୋଟ ଭୂତଳରୁ ଉତ୍ତୋଳିତ ଜଳର ପରିମାଣ ୨୫ ପ୍ରତିଶତ। ଆମେ ୬୨ ପ୍ରତିଶତରୁ ଅଧିକ ଭୂତଳ ଜଳ କୃଷି କାର୍ଯ୍ୟରେ ବ୍ୟବହାର କରିଥାଉ।

ଆମେ ଭାବିଥାଉ ଜଳ ଏକ ପ୍ରାକୃତିକ ସମ୍ବଳର ଅସରନ୍ତି ଭଣ୍ଡାର। କିନ୍ତୁ ତାହା ସୀମିତ। ତେଣୁ ଏବେଠାରୁ ଜଳର ସଦୁପଯୋଗ, ମିତବ୍ୟୟିତା ଓ ସୁଷମ ବଣ୍ଟନ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ●

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଆତ୍ମାବିଷ୍କାରର ବଜ୍ରସ୍ୱର: ବ୍ରଜବିହାରୀ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ରସିକଶ୍ରେଷ୍ଠ ସାହିତ୍ୟସାଧକ ବ୍ରଜବିହାରୀ ବହିଦାରଙ୍କ ନାମ ସ୍ମରଣ କରିବା ମାତ୍ରକେ ହିମାଳୟର ନିଭୃତ ଗିରିଗୁମ୍ଫା ମଧ୍ୟରେ ତାଙ୍କ ସାଧନାମଗ୍ନ ଭାବରୂପଟି ସତେଯେମିତି ଅନ୍ତର ମଧ୍ୟରେ ଉଦ୍ଭାସିତ ହୋଇଉଠେ। ତାଙ୍କ ରଚିତ ସାହିତ୍ୟକୃତିକୁ ପାରମ୍ପରିକ ଗଠନକଳା ଦୃଷ୍ଟିରୁ କେବେହେଲେ ବିଚାର କରାଯାଇ ନପାରେ। ସେ ସାହିତ୍ୟର ବିଭିନ୍ନ ବିଭାଗ ପାଇଁ ସୁନିର୍ଦ୍ଦିଷ୍ଟ ଛାଞ୍ଚ ଅନୁସାରେ ଲେଖନୀ ଚାଳନା କରିନାହାନ୍ତି। ତାଙ୍କ ସାହିତ୍ୟକୃତିରେ ପ୍ରତିଫଳିତ ଭାବ ଆଉ ଭାଷା, ଶୈଳୀ - ସବୁକିଛି ତାଙ୍କ ଆତ୍ମାନୁଭୂତିର ଔଜ୍ଜଲ୍ୟରେ ହୋଇଉଠିଛି ଯେତିକି ଭିନ୍ନ, ସେତିକି ବୈଚିତ୍ର୍ୟ-ବିମଣ୍ଡିତ। 'ଏକ ଶାଖାରେ ଦୁଇ ପକ୍ଷୀ', 'ସତ୍ୟ ଓ କଳ୍ପନା', 'ପ୍ରେମ ଓ ପରାଜୟ', 'କୈକେୟୀ', 'ଚିନ୍ତା' ଆଦି ବିଭିନ୍ନ ପୁସ୍ତକ ଏକ ଏକ ନିର୍ଦ୍ଦିଷ୍ଟ ବିଭାଗକୁ ଦୃଷ୍ଟି ଦେଇ ରଚିତ।

କବିତାରଚନାରୁ ହିଁ ଆରମ୍ଭ ହୋଇଥିଲା ତାଙ୍କ ସର୍ଜନା-ସରଣୀ। ମାତ୍ର ଗଦ୍ୟରେ ହିଁ ନିଜକୁ ଉନ୍ମୁକ୍ତ କରିଦେଇ ସେ ଲାଭ କରିଛନ୍ତି ଆତ୍ମତୃପ୍ତି। ଲେଖକ ଜୀବନର ଯେ ଏକ ମହତ ଲକ୍ଷ୍ୟ ରହିବା ପ୍ରୟୋଜନ, ଏ ବିଷୟରେ ସେ ସର୍ବଦା ରହିଥିଲେ ସଚେତନ। ତାଙ୍କ ଅଧ୍ୟୟନ ଓ ଆହରଣର ଜଗତ ଅତ୍ୟନ୍ତ ବିଶାଳ ଓ ପରିବ୍ୟାପ୍ତ। ସମସ୍ତ ଜ୍ଞାନ-ଗ୍ରନ୍ଥର ସାରାଂଶ ନିଜ ଚେତନାରେ ଧାରଣ କରିପାରିବାର ଶକ୍ତି ତାଙ୍କର କି ବିସ୍ମୟକର! ତାହାକୁ ଆଧାର କରି ପୁନଶ୍ଚ ନୂତନ ସୃଷ୍ଟିରେ ରହନ୍ତି ସେ ଭାବତଲ୍ଲୀନ। ମଣିଷର ଚରିତ୍ରରେ ଲୁକ୍କାୟିତ ଈର୍ଷା, ଅସୂୟା, ଘୃଣା, ଅହଂକାର, ପାଶବିକ ନୃଶଂସତା। ପୁଣି ସେଥିରେ ବିଦ୍ୟମାନ ଉଚ୍ଚତର ଅଭୀପ୍ସା, ସ୍ନେହ, ପ୍ରେମ, ବାତ୍ସଲ୍ୟ ଓ ଉଦାରତା। ଲେଖକ ସ୍ୱକୀୟ ସୃଷ୍ଟିରେ ଉଦ୍ଧତ ଭାବରେ ଉନ୍ମୁଖ ନିମ୍ନପ୍ରକୃତିର ଉନ୍ମାଦନାକୁ ମୂଳୋତ୍ପାଟିତ କରିବ ଆଉ କଲ୍ୟାଣକାରୀ ଶାଶ୍ୱତ ଚେତନାକୁ କରିବ ତେଜସ୍କ୍ରିୟ। ବ୍ରଜବିହାରୀ ଏହି ଦର୍ଶନରେ ହିଁ ଥିଲେ ଅଟଳ।

ବ୍ରଜବିହାରୀଙ୍କ ରଚିତ ମୌଳିକ ପ୍ରବନ୍ଧ ସଂକଳନ 'ଚିନ୍ତା' ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ହେବା ଏକ ଉଲ୍ଲେଖନୀୟ ଘଟଣା। ସେଥିରେ ଅନ୍ତର୍ଭୁକ୍ତ ହୋଇରହିଛି ଦଶଟି ଅନ୍ତର୍ଦୃଷ୍ଟି ଉଦ୍ରେକକାରୀ ରଚନା। ଏହି ପୁସ୍ତକର ଏକ ସ୍ୱତନ୍ତ୍ର ଆକର୍ଷଣ ହେଉଛି ଲେଖକଙ୍କ ଦ୍ୱାରା ଉପସ୍ଥାପିତ ବୟାଅଶି ପୃଷ୍ଠା ବିଶିଷ୍ଟ ଭୂମିକା। ଏଥିରୁ ଲେଖକ କି ଦୁର୍ଲଭ ଉପାଦାନରେ ଗଢ଼ା, ତାହା ହିଁ ପ୍ରତିପାଦିତ ହୋଇଯାଇଛି। 'କଳା ଓ ପ୍ରକୃତି' ଶୀର୍ଷକ ପ୍ରଥମ ଲେଖାଟିରେ ସେ ଦର୍ଶାଇ ଦେଇଛନ୍ତି ଯେ ପ୍ରକୃତିର ଉଦ୍ଦେଶ୍ୟ ଜଗତର କଲ୍ୟାଣ ସାଧନ। କଳାର ଆଭିମୁଖ୍ୟ ତା' ଠାରୁ ଭିନ୍ନ ହେବା ଆଦୌ ସ୍ପୃହଣୀୟ ହୋଇ ନପାରେ। କଳା ପାଇଁ କଳା ମତବାଦ ପ୍ରତି ନିଜର ସମର୍ଥନ ନଥିବା ସେ ସ୍ପଷ୍ଟ କରି ଦେଇଛନ୍ତି ଏହାଦ୍ୱାରା। ପ୍ରକୃତି ପ୍ରତି ମଣିଷର ନିର୍ଦ୍ଦୟ ବ୍ୟବହାରର ପରିଣତି ଯେପରି ହୋଇପାରେ ଭୟାବହ, ସେହିପରି କଳାର ଦୁରୁପଯୋଗ ଦ୍ୱାରା ମଧ୍ୟ ମଣିଷସମାଜକୁ ସାଙ୍ଘାତିକ, ବିଷାକ୍ତ ପରିଣାମ ଭୋଗ କରିବାକୁ ଯେ ପଡ଼ିପାରେ, ଏ ସମ୍ପର୍କରେ ସେ ଜାଗ୍ରତ ହୋଇ ରହିବାକୁ ତାଙ୍କର ଉଚ୍ଚାରଣ ଅମିତ ଶକ୍ତିସମ୍ପନ୍ନ। ଏହା ହିଁ ତାଙ୍କର ଯଥାର୍ଥ ଆତ୍ମାବିଷ୍କାର। ଏହା ମଧ୍ୟ ମଣିଷ ସମାଜ ପ୍ରତି ତାଙ୍କ ଆନ୍ତରିକ ସମବେଦନାର ଶ୍ରେଷ୍ଠ ପରିଚୟ।

ରାମାୟଣ ବିଷୟରେ ସେ ଲେଖିଛନ୍ତି:ଏ ଗ୍ରନ୍ଥଟି ହଜାରହଜାର ବର୍ଷ ଧରି ଯେ ବିପୁଳ ଆଦୃତି ଲାଭ କରିଛି, ତା'ର ମୂଳ କାରଣ ହେଲା ମଣିଷର ସମୁନ୍ନତ ଭାବାବେଗକୁ ଏହା ତେଜୋଦୀପ୍ତ କରିଆସିଛି। ଆଉ କ୍ଷୁଦ୍ର କାମନା ବାସନା ନିକଟରେ ପ୍ରହରୀ ପରି ରହିଛି ଦଣ୍ଡାୟମାନ। ଲେଖକ ତାଙ୍କ ନାମ ଆଗରେ କିମ୍ବା ପଛରେ କୌଣସି ସାଂଜ୍ଞା ବ୍ୟବହାର କରୁ ନଥିବାରୁ ଆଜି ମଧ୍ୟ ଅନେକଙ୍କ ନିକଟରେ ସେ ଅପରିଚିତ। ବ୍ରଜବିହାରୀ ନାମରେ ଓଡ଼ିଆ ସାହିତ୍ୟରେ ଏକାଧିକ ଗଦ୍ୟସ୍ରଷ୍ଟା ରହିଥିବା ହେତୁ ଏହି ଲେଖକଙ୍କୁ ଜାଣିବା ସକାଶେ ବହିଦାର ସାଂଜ୍ଞାଟିର ବ୍ୟବହାର କରାଯାଇଛି ଏହି ଲେଖାଟିରେ, ଯିଏ ଥିଲେ ବଲାଙ୍ଗୀର ନିବାସୀ।

କଳା ଓ ସାହିତ୍ୟ ନାମରେ ସୃଷ୍ଟି ହେଉଥିବା ଅଶାଳୀନ ଲେଖା ବିରୁଦ୍ଧରେ ତାଙ୍କ ସ୍ୱର ଉତ୍ତୋଳନ କି ତୀକ୍ଷ୍ଣ! ଲେଖକମାନଙ୍କ ପ୍ରତି ଆଞ୍ଚଳିକ ଭେଦଭାବ ରଖୁଥିବା ପ୍ରତିଷ୍ଠିତ ସାହିତ୍ୟିକ ଓ ସମାଲୋଚକଙ୍କ ଉଦ୍ଦେଶ୍ୟରେ ମଧ୍ୟ ତାଙ୍କ ବାଣୀ ଏକାନ୍ତ ଅନ୍ତଃସ୍ପର୍ଶୀ। ସାମାଜିକ କୁସଂସ୍କାର ଦୂର କରିବାରେ ମଧ୍ୟ ସେ କମ ପ୍ରୟାସୀ ନଥିଲେ। ତାଙ୍କ ରଚିତ ଗଳ୍ପ, ଉପନ୍ୟାସରେ ଏହାର ଅଙ୍କନ ସୁସ୍ପଷ୍ଟ। ତାଙ୍କ ରଚିତ 'ମହାଭାରତ ଦର୍ଶନ' ଗ୍ରନ୍ଥଟି ଗଭୀର ତତ୍ତ୍ୱମୂଳକ। ତେବେ କ୍ଷୋଭର ବିଷୟ ହେଲା ତାଙ୍କର ବହୁ ପାଣ୍ଡୁଲିପି ଏପର୍ଯ୍ୟନ୍ତ ଅପ୍ରକାଶିତ ହୋଇରହିଯାଇଛି। ଯିଏ ଆତ୍ମାବିଷ୍କାରରେ ଥିଲେ ଧ୍ୟାନମଗ୍ନ, ତାଙ୍କୁ ପୂର୍ଣ୍ଣାଙ୍ଗ ରୂପରେ ଆଜି ପର୍ଯ୍ୟନ୍ତ ଆବିଷ୍କାର କରିବାରେ ଆମେ ହୋଇଛୁ ଅକ୍ଷମ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମାର୍ଚ୍ଚ ୨୨ରେ ଚାଷୀ ଏକତା ଗଣପଦଯାତ୍ରା ଓ ସତ୍ୟାଗ୍ରହ

ଭୁବନେଶ୍ୱର,୧୮ ।୨(ସମିସ): ନବ ନିର୍ମାଣ କୃଷକ ସଂଗଠନ ଆସନ୍ତା ମାର୍ଚ୍ଚ ୨୨ରୁ ଚାଷୀ ଏକତା ଗଣପଦଯାତ୍ରା ଓ ସତ୍ୟାଗ୍ରହ କରିବ। ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ପ୍ରତିବାଦରେ ଏହି ସତ୍ୟାଗ୍ରହ କରାଯିବ ବୋଲି ବୁଧବାର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ କୁହାଯାଇଛି।

ସଂଗଠନରରାଷ୍ଟ୍ରୀୟସଂଯୋଜକଅକ୍ଷୟକୁମାରସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଧାନ ମଣ୍ଡିରେ ଦୁର୍ନୀତି ବିରୋଧରେ ଚାଷୀମାନେ ବିଧାନସଭା ସାମ୍ନାରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିଥିଲେ। ହେଲେ ସରକାରଙ୍କ ଇଙ୍ଗିତରେ ପୁଲିସ ଆନ୍ଦୋଳନକାରୀଙ୍କୁ ଜେଲ୍ ପଠାଇବାକୁ କରିଥିବା ଷଡ଼ଯନ୍ତ୍ର ପଣ୍ଡ ହୋଇଛି। ନ୍ୟାୟାଳୟ ଆନ୍ଦୋଳନକାରୀଙ୍କୁ ଜାମିନ୍ ମଞ୍ଜୁର କରିଥିଲେ। ଯେଉଁଠି ଏଫଏକ୍ୟୁ ନାମରେ କ୍ୱିଣ୍ଟାଲ ପିଛା ୫ କେଜିରୁ ୧୫ କେଜି ପର୍ଯ୍ୟନ୍ତ ଧାନ କାଟି ନିଆଯାଉଛି, ସେଠାରେ ପରିଶ୍ରମ କରି ଉତ୍ପାଦନ କରୁଥିବା ଚାଷୀଟି ବଞ୍ଚିବ କେମିତି ବୋଲି ସଂଗଠନ ପ୍ରଶ୍ନ କରିଛି।

ସଂଗଠନ ଅଭିଯୋଗ କରିଛି, ଏ ପର୍ଯ୍ୟନ୍ତ ସବୁ ଚାଷୀଙ୍କୁ ଟୋକନ୍ ମିଳିନି। ଟୋକନ ମିଳିଲେ ବି ୪୦/୮୦ କ୍ୱିଣ୍ଟାଲ ଜାଗାରେ ୧୦ କ୍ୱିଣ୍ଟାଲ ଆସୁଛି। ଏଭଳି ସ୍ଥିତିରେ ଯଦି ଏ ବର୍ଷ ଚାଷୀଟି ୫୦,୦୦୦ ବା ଏକ ଲକ୍ଷ ଟଙ୍କା କ୍ଷତି ସହେ, ତେବେ ଆତ୍ମହତ୍ୟା ହିଁ ରାସ୍ତା ହେବ। ଆସନ୍ତା ବର୍ଷ ସେ ନ ଦେଖିପାରେ, ଏ କଥା ସରକାରୀ ଅଧିକାରୀମାନେ ଚିନ୍ତା କରିଛନ୍ତି କି ବୋଲି ଅକ୍ଷୟ କୁମାର ପ୍ରଶ୍ନ କରିଛନ୍ତି।

ଏଭଳି ଅଗଣତାନ୍ତ୍ରିକ ଓ ଅତ୍ୟାଚାରୀ ସରକାରକୁ ଲୋକମାନେ ଆଗାମୀ ମାର୍ଚ୍ଚ ୨୨ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କେନ୍ଦୁଝରର ଘଟଗାଁରୁ ଭୁବନେଶ୍ୱର ପର୍ଯ୍ୟନ୍ତ ହେଉଥିବା କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହରେ ଜବାବ ଦେବେ ବୋଲି ଅକ୍ଷୟ କୁମାର ପ୍ରକାଶ କରିଛନ୍ତି। ଏହି ସତ୍ୟାଗ୍ରହ କୃଷକର ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବି ସହିତ ଜମି, ଜଳ, ଜଙ୍ଗଲ, ଓ ଖଣି ଉପରେ ମୂଳ ଅଧିବାସୀର ଅଧିକାରକୁ ବାସ୍ତବିକତାର ସହିତ ପ୍ରମାଣ କରିବା ପାଇଁ ଉଦ୍ଦିଷ୍ଟ ରହିବ। ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ନବନିର୍ମାଣ ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

ମାଥିଲି,୧୮ ।୨(ସମିସ): ପାରିବାରିକ କଳହରୁ ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତ୍ତନପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଲୁଲେର ଗ୍ରାମରେ। ସୂଚନା ଅନୁଯାୟୀ, ଗତକାଲି ସ୍ୱାମୀ ଗୁରୁ ଭୂମିଆ ଓ ସ୍ତ୍ରୀ ସମାରି ଭୂମିଆଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ସ୍ୱାମୀ ଗୁରୁ ଉତ୍କ୍ଷିପ୍ତ ହୋଇ ଘରେ ଥିବା ଏକ ଠେଙ୍ଗାରେ ସ୍ତ୍ରୀ ସମାରୀକୁ ବାରମ୍ବାର ପିଟିବାରୁ ତାର ମୃତ୍ୟୁ ଘଟିଥିଲା। ଗାଁ ଲୋକଙ୍କ ଠାରୁ ସୂଚନା ପାଇ ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ପୁଲିସ ଟିମ୍ ଲୁଲେର ଗ୍ରାମରେ ପହଞ୍ଚି ଶବ ଜବତ କରିବା ସହିତ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ମାଥିଲି ଥାନା ଅଧିକାରିଣୀ ଶ୍ରୀମତୀ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

## ଗିରଫର କାରଣ ନ ଦର୍ଶାଇବା ପୁଲିସକୁ ମହଙ୍ଗା

# ଅଭିଯୁକ୍ତଙ୍କୁ ଜାମିନ ମଞ୍ଜୁର, ଡିଏସ୍‌ପିଙ୍କ କ୍ଷମା ପ୍ରାର୍ଥନା

କଟକ,୧୮ ।୨(ସମିସ): ଗିରଫ ସମୟରେ ଅଭିଯୁକ୍ତଙ୍କୁ ଗିରଫର କାରଣ ସମ୍ପର୍କରେ ସଠିକ୍ ଭାବେ ଅବଗତ ନ କରାଇବା ପୁଲିସ ପାଇଁ ଅଡୁଆ ସୃଷ୍ଟି କରିଛି। ସମ୍ବିଧାନର ଧାରା ୨୨(୧) ଏବଂ ବିଏନଏସଏସର ଧାରା ୪୭ ଅନୁଯାୟୀ ମୌଳିକ ଅଧିକାରର ଉଲ୍ଲଙ୍ଘନ ଦର୍ଶାଇ ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ନାଜିମ ମଲିକଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ କୋର୍ଟଙ୍କୁ ପ୍ରଦାନ କରାଯାଇଥିବା ଲିଖିତ ଜବାବରେ ଅଶୋଭନୀୟ ଶବ୍ଦ ବ୍ୟବହାର କରିଥିବାରୁ ବର୍ତ୍ତମାନ ବରଗଡ଼ରେ ଅବସ୍ଥାପିତ ଥିବା ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀ ଡିଏସପି ରାମେଶ୍ୱର ପ୍ରଧାନ ବ୍ୟକ୍ତିଗତ ଭାବେ ଭର୍ଚୁଆଲ ମାଧ୍ୟମରେ ହାଜର ହୋଇ କ୍ଷମା ପ୍ରାର୍ଥନା କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ମାଲକାନଗିରି ଜିଲ୍ଲା ପୋଡ଼ିଆ ଥାନାରେ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ କରାଯାଇଥିଲା। ଏହି ମାମଲାରେ ଆରେଷ୍ଟ ମେମୋରେ କେବଳ "ସମ୍ପୃକ୍ତ କେସ୍ ସମ୍ବନ୍ଧରେ' ଲେଖାଯାଇଥିଲା, ଯାହାକୁ ଆଇନର ଉପଯୁକ୍ତ ଅନୁପାଳନ ବୋଲି ଗ୍ରହଣ କରିନାହାନ୍ତି ଅଦାଲତ। ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତିଗୁଡ଼ିକୁ ଉଦ୍ଧାର କରି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଗିରଫ ସମୟରେ ମୌଳିକ ଅଧିକାର କ୍ଷୁଣ୍ଣ ହୁଏ, ତେବେ ଉକ୍ତ ଗିରଫଦାରି ଓ ପରବର୍ତ୍ତୀ ରିମାଣ୍ଡ ପ୍ରକ୍ରିୟା ଅବୈଧ ହୋଇଯିବ। ଏହି ଆଧାରରେ ଅଭିଯୁକ୍ତ ନାଜିମ ମଲିକଙ୍କୁ ଏକ ଲକ୍ଷ ଟଙ୍କାର ବେଲ୍ ବଣ୍ଡ ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ।

# ଅବଶିଷ୍ଟାଂଶ

## ମଧ୍ୟପ୍ରାଚ୍ୟ ଅଭିମୁଖେ...

ଇତିମଧ୍ୟରେ ଜେଡି ଭାନ୍ସ କହିଛନ୍ତି ଯେ, କୂଟନୈତିକ ଆଲୋଚନା କେତେ ସମୟ ଚାଲିବ ତାହାର ଚୂଡାନ୍ତ ନିଷ୍ପତ୍ତି ଟ୍ରମ୍ପ ନେବେ। ସେପଟେ ଇରାନ ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଗଚି କହିଛନ୍ତି ଯେ, ସେମାନେ ଏକ ସମାଧାନ ପାଇଁ ଆଶାବାଦୀ, କିନ୍ତୁ ଯଦି ଆକ୍ରମଣ ହୁଏ, ତେବେ ଇରାନ ଏହାର ଜବାବ ଦେବାକୁ ପ୍ରସ୍ତୁତ ଅଛି। ମଙ୍ଗଳବାର ଦିନ ଇରାନ ହର୍ମୁଜ ପ୍ରଣାଳୀ, ପାରସ୍ୟ ଉପସାଗର ଓ ଓମାନ ସାଗରରେ ନୌସେନା ଅଭ୍ୟାସ କରିଥିଲା। ହର୍ମୁଜ ପ୍ରଣାଳୀ ପାରସ୍ୟ ଉପସାଗରରୁ ଓମାନ ଉପସାଗର ଓ ବିଶ୍ୱ ବଜାର ସହିତ ସଂଯୋଗ କରେ।

## ବିଧାନସଭାରେ ମଣ୍ଡି...

ବିଧାୟକମାନେ ଗୃହରେ ସ୍ଲୋଗାନ ଦେଇଥିଲେ। ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏକ ଲୁଗାରେ ଧାନ ମୁଣ୍ଡେଇ ଆଣି ରିପୋର୍ଟରଙ୍କ ଟେବୁଲ ଉପରେ ଅଜାଡ଼ିଥିଲେ ଓ ଦଳର ଅନ୍ୟ ଦୁଇ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡକ୍ଟର ଅରୁଣ କୁମାର ସାହୁ ସେହି ଧାନ ଧରି ବାଚସ୍ପତିଙ୍କୁ ଦେଖାଇଥିଲେ। ଏହି ସମୟରେ କଂଗ୍ରେସର ବିଧାୟକମାନେ ମଧ୍ୟ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଗୃହ ମାତ୍ର ୩ ମିନିଟ ଚାଲିବା ପରେ ବାଚସ୍ପତି ଗୃହକୁ ସାଢେ ୧୧ ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ସାଢେ ୧୧ଟା ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପୂର୍ବ ଘଟଣାର ପୁନରାବୃତ୍ତି ହୋଇଥିଲା। ଉଭୟ ବିଜେଡି ଓ କଂଗ୍ରେସ ଗୃହର ମଧ୍ୟଭାଗକୁ ମାଡି ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଚାଷୀଙ୍କୁ ଧାନ ଏମଏସପି ବାବଦରେ ୩୧୬୯ ଟଙ୍କା ପ୍ରଦାନ, ମାଗଣା ବିଜୁଳି ପ୍ରତିଶ୍ରୁତି ପୂରଣ, ସବୁ ଧାନ ଉଠାଣ ଲେଖାଥିବା ପ୍ଲାକାର୍ଡ ଆଣି କଂଗ୍ରେସ ବିଧାୟକ ହୋ ହଲ୍ଲା କରିଥିଲେ। ମାତ୍ର ୨ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ ଟା ଯାଏଁ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେଉ ହେଉ ପୁଣି ସକାଳ ପରି ଘଟଣାର ଅବତାରଣା ହୋଇଥିଲା। ଫଳରେ ବାଚସ୍ପତି ଗୃହକୁ ୪ଟା ୦୨ ମିନିଟରୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୃହ ବାହାରେ ଏନେଇ ବିଜେଡି ବିଧାୟକ ଡଃ ବ୍ୟୋମକେଶ ରାୟ କହିଛନ୍ତି ଯେ ରାଜ୍ୟରେ ଚାଷୀମାନେ ଆଜି ପ୍ରବଳ ହନ୍ତସନ୍ତ ହେଉଛନ୍ତି। ମଣ୍ଡିରେ ସେମାନଙ୍କ ଧାନ ବିକ୍ରି ହୋଇ ପାରୁନି, ମିଲର ଧାନ ନେଇ ନାହାନ୍ତି। ଡବଲ ଇଞ୍ଜିନ ସରକାରରେ ଡବଲ କଟନୀ ଛଟନୀ ଚାଲିଛି। ଚାଷୀଙ୍କୁ ଶୋଷଣ କରିବାକୁ ୧୫୦ କୁଇଣ୍ଟାଲ ସିଲିଂ ବ୍ୟବସ୍ଥା କରାଯାଇଛି। ଚେଇଁ ଶୋଇବ ଯିଏ, ତାକୁ ଉଠାଇବ କିଏ ବୋଲି ସେ ସରକାରଙ୍କ ଉଦ୍ଦେଶ୍ୟରେ କଟାକ୍ଷ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ବର୍ଷ ଚାଉଳ ଏଯାବତ୍ ଉଠିନି। ଗ୍ରେନ ଆନାଲାଇଜର ମେସିନ ନେଇ ଚାଷୀଙ୍କୁ ଡରା ଯାଉଛି। ଟୋକନ କାମ କରୁନି। ତେଣୁ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଓ ଚାଷୀ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ବି ଗୃହ ଅଚଳ କରାଯିବ ବୋଲି ସେ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ସରକାର କହୁଛନ୍ତି ୧୫୦ କୁଇଣ୍ଟାଲରୁ ଅଧିକ ଧାନ ଉଠିବ ନାହିଁ। ଗତକାଲି ରାଜ୍ୟପାଳଙ୍କ ମୁହଁରୁ ସରକାର କୁହାଇ ଦେଲେ ଯେ ୩୧୦୦ ଟଙ୍କାରେ ସବୁ ଧାନ ଉଠିବ। ଡବଲ ଇଞ୍ଜିନ ସରକାର ଚାଷୀ ସୁରକ୍ଷା କହି ଆସିଥିଲେ। ହେଲେ ଆଜି ସେମାନେ ଚାଷୀଙ୍କୁ ସୁରକ୍ଷା ଦେଇ ପାରୁ ନାହାନ୍ତି। ଯେତେବେଳ ଯାଏଁ ଚାଷୀ ସମସ୍ୟାର ସମାଧାନ ହେବନି, ସେପର୍ଯ୍ୟନ୍ତ କଂଗ୍ରେସ ଗୃହ ଚଳାଇ ଦେବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଶାସକ ଦଳ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି ଯେ ରାଜ୍ୟରେ ଚାଷୀ ଏବେ ଖୁସିରେ ଅଛନ୍ତି। ବରଗଡ଼ ଓଡ଼ିଶାର ଭାତ ହାଣ୍ଡି। ପ୍ରଥମେ କିଛି ଅବ୍ୟବସ୍ଥା ହେଲା। ହେଲେ ପରେ ଚାଷୀଙ୍କ ସବୁ ଧାନ ଉଠିଲା। ଚାଷୀଙ୍କଠାରୁ ୧୫୦ କୁଇଣ୍ଟାଲ ଧାନ ଉଠାଣ ପରେ ଆହୁରି ୭୫ କୁଇଣ୍ଟାଲର ଟୋକନ ଆସିଲାଣି। ବିରୋଧୀ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି। ୧୫୦ କୁଇଣ୍ଟାଲ ସିଲିଂର ଯୋଜନା ନାହିଁ ବୋଲି ସେ କହିଛନ୍ତି।

## ଚାଷୀଙ୍କୁ ମିଳୁନାହିଁ...

କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ କେନ୍ଦ୍ର ସରକାର ଧାନ କ୍ୱିଣ୍ଟାଲ ପିଛା ବର୍ତ୍ତମାନ ୨୩୬୯ ଟଙ୍କା ଏମ୍‌ଏସ୍‌ପି ପ୍ରଦାନ କରୁଛନ୍ତି। ତେଣୁ ରାଜ୍ୟ ସରକାର ଆଉ ୭୩୧ ଟଙ୍କା ସହ ମୋଟ୍ ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି। ମନ୍ତ୍ରୀଙ୍କ ଏଭଳି ଉତ୍ତର ପରେ ବିରୋଧୀ ବିଜେଡି ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛି। ଗୃହ ବାହାରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ୮୦୦ ବଦଳରେ କାହିଁକି ୭୩୧ ଟଙ୍କା ଦେଉଛନ୍ତି ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ବିଜେପି କ୍ଷମତାକୁ ଆସିଲେ ୮୦୦ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ହେଲେ ୭୩୧ ଟଙ୍କା କାହିଁକି ଦିଆଯାଉଛି। ଏହାଦ୍ୱାରା ଚାଷୀଙ୍କୁ ୬୯ ଟଙ୍କା ବଞ୍ଚିତ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି ।

ଅନ୍ୟପଟେ ଆଜି ସୁଦ୍ଧା ରାଜ୍ୟ ସରକାର ୫୯ ଲକ୍ଷ ମେଟ୍ରିକ ଟନ୍ ଧାନ କିଣି ସାରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ମଣ୍ଡିକୁ ୫୯ ଲକ୍ଷ ୯୨ ହଜାର ୮୬୪ ମେଟ୍ରିକ ଟନ୍ ଧାନ ଆସିଛି। ସେଥିମଧ୍ୟରୁ ୫୯ ଲକ୍ଷ ୭୩ ହଜାର ୫୫୨ ମେଟ୍ରିକ ଧାନ କିଣା ହୋଇଛି। ଏହାସହିତ ୫୮ ଲକ୍ଷ ୬ ହଜାର ୪୩୨ ମେଟ୍ରିକ ଟନ ଧାନ ଉଠା ହୋଇଛି। ୧ ଲକ୍ଷ ୯୪ ହଜାର ୮୪୬ ମେଟ୍ରିକ ଟନ ଧାନ ମଣ୍ଡିରେ ପଡ଼ି ରହିଥିବା ବେଳେ ଏବେ ୧୩ ଲକ୍ଷ ୯୦ ହଜାର ୯୭୮ ଚାଷୀ ଧାନ ବିକ୍ରି କରି ସାରିଛନ୍ତି ବୋଲି ସେ କହିଛନ୍ତି ।

## ଇଡି କେନ୍ଦ୍ରର...

କାମରେ ବାଧା ସୃଷ୍ଟି କରିଥିଲା। ଇଡ଼ି କହିଛି ଯେ, ହାଇକୋର୍ଟଙ୍କ ଶୁଣାଣିରେ ସେମାନେ ସନ୍ତୁଷ୍ଟ ନୁହଁନ୍ତି। କାରଣ ସେଠାରେ ମାଇକ୍ ବନ୍ଦ କରାଯାଇଥିଲା ଓ କୋର୍ଟରେ ପ୍ରବଳ ଭିଡ଼ ଜମା ରହିଥିଲା। ପୂରା ଘଟଣାକୁ ସିବିଆଇ ତଦନ୍ତ କରୁ ଓ ମାମଲାଟିକୁ ପଶ୍ଚିମବଙ୍ଗ ବାହାରକୁ ସ୍ଥାନାନ୍ତର ହେଉ ବୋଲି ଇଡ଼ି ଚାହୁଁଛି। କିନ୍ତୁ ତୃଣମୂଳ କଂଗ୍ରେସ ତରଫରୁ ପାଲଟା ଅଭିଯୋଗ କରାଯାଇଛି। ବିଧାନସଭା ନିର୍ବାଚନ ପୂର୍ବରୁ ସେମାନଙ୍କର ନିର୍ବାଚନ ରଣନୀତି ଜାଣିବା ପାଇଁ ଇଡ଼ି ଏହି ଚଢ଼ାଉ କରିଛି। ପୁଲିସ ପକ୍ଷରୁ ଇଡ଼ି ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରାଯାଇଥିଲା, ଯାହା ଉପରେ କୋର୍ଟ ବର୍ତ୍ତମାନ ରୋକ ଲଗାଇଛନ୍ତି।

## ମାର୍ଚ୍ଚ ୧୬ରେ...

ଉଠିଛି। ବିଧାନସଭାରେ ସଦସ୍ୟ ସଂଖ୍ୟା, ବିଭିନ୍ନ ଦଳର ସ୍ଥିତି ଓ ଗଣିତ ଅନୁସାରେ ବିଜେପି ଦୁଇଟି, ବିଜେଡି ଗୋଟିଏ ଆସନରେ ବିଜୟୀ ହେବାର ସାମର୍ଥ୍ୟ ରଖିଛନ୍ତି। ୪ର୍ଥ ଆସନ ନିମନ୍ତେ କାହାରି ନିକଟରେ ଆବଶ୍ୟକ ବିଧାୟକ ନାହାନ୍ତି । ମାତ୍ର ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରୁ ଯେ କୌଣସି ଦୁଇଟି ଦଳ ସମର୍ଥନ ଦେଲେ ଅନ୍ୟ ଜଣେ ପ୍ରାର୍ଥୀ ରାଜ୍ୟସଭାକୁ ନିର୍ବାଚିତ ହୋଇପାରିବେ। ଏହି କ୍ରମରେ ୪ର୍ଥ ଆସନ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର ରହିଛି ।

ଅନ୍ୟପକ୍ଷରେ ବିଜେପି ନିଜ ସାମର୍ଥ୍ୟ ଅନୁସାରେ ୨ଟି ସହ ଆଉ ଗୋଟିଏ ଆସନ ଦଖଲ କରିବ ବୋଲି ଦୃଢ଼ୋକ୍ତି ବାଢ଼ିଛି । କେଇଦିନ ତଳେ ରାଜ୍ୟ ପ୍ରଭାରୀ ବିଜେପି ରାଜ୍ୟରୁ ୩ଟି ରାଜ୍ୟସଭା ଆସନ ଦଖଲ କରିବ ବୋଲି ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟ ବିଭିନ୍ନ ଆଶଙ୍କାକୁ ଜନ୍ମ ଦେଇଛି । ଆବଶ୍ୟକ ବିଧାୟକଙ୍କ ସମର୍ଥନ ନ ଥିବା ସତ୍ତ୍ୱେ ବିଜେପିର ଦୃଢ଼ୋକ୍ତି ଘୋଡ଼ାବେପାର ଆଶଙ୍କାକୁ ଦ୍ୱିଗୁଣିତ କରିଛି । ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍ ଅମାନ୍ୟ କଲେ ସଦସ୍ୟପଦ ହରାଇବାର ଭୟ ନ ଥିବାରୁ ଆଗାମୀ ନିର୍ବାଚନ କେଉଁ ଦିଗକୁ ଯିବ ତାହା ଏବେଠାରୁ ଆକଳନ କରିବା କଷ୍ଟକର ହୋଇ ପଡ଼ିଛି ।

ଆଗାମୀ ନିର୍ବାଚନରେ କେଉଁ ଦଳ କାହାକୁ ପ୍ରାର୍ଥୀ କରିବ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ବିଜେଡି ନେତାମାନେ ଏ ସଂକ୍ରାନ୍ତ ନିଷ୍ପତ୍ତି ସୁପ୍ରିମୋ ନେବେ ବୋଲି ସ୍ପଷ୍ଟ କରିଥିବାବେଳେ ବିଜେପିରେ ଦଳର ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ବସନ୍ତ ପଣ୍ଡା, ସମୀର ମହାନ୍ତିଙ୍କ ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନାମ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ରାଜ୍ୟର ଜଣେ ସମ୍ମାନସ୍ପଦ ବ୍ୟକ୍ତିଙ୍କୁ ୪ର୍ଥ ଆସନରେ ପ୍ରାର୍ଥୀ କରାଗଲେ ତାଙ୍କ ଦଳ ସମର୍ଥନ କରିବ ବୋଲି କହିଛନ୍ତି ।

## ବନ୍ଧୁକ ଦେଖାଇ...

ଦେବରକୋଣ୍ଡା ସୂଚନା ଦେଇଛନ୍ତି। ମଙ୍ଗଳବାର ରାତି ୧୧ ଟାରେ ଦୟାନିଧିଛକ ଠାରେ ଠିକାଦାର ପ୍ରଦୀପ ଟେଣ୍ଡର କାର୍ଯ୍ୟ ପାଇ ଜେସିବି ସାହାଯ୍ୟରେ ମାଟି ଖୋଳାଉଥିଲେ। ଏହି ସମୟରେ ଅଭିଯୁକ୍ତ ଯଶୋବନ୍ତ ସେଠାରେ ପହଞ୍ଚି କାମକୁ ମୋ ବ୍ୟତୀତ କେହି କରି ପାରିବେନି ବୋଲି ତାଙ୍କୁ ଧମକ ଦେଇଥିଲେ। ଏହାସହ ଟଙ୍କା ମଧ୍ୟ ମାଗିଥିଲେ। ହଠାଥ ଠିକାଦାର ପ୍ରଦୀପଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଉଥିବା ବେଳେ ସେଠାରେ ଥିବା ଜଣେ ଯୁବକ ଅଭିଯୁକ୍ତ ଯଶୋବନ୍ତଙ୍କ ହାତକୁ ଉପରକୁ ଉଠାଇ ଦେଇଥିଲେ। ଫଳରେ ଗୁଳି ଠିକାଦାରଙ୍କ ମୁଣ୍ଡରେ ନବାଜି ବ୍ଲାଙ୍କ ଫାୟାରିଂ ହୋଇଯାଇଥିଲା। କଳାହାଣ୍ଡି ଜିଲ୍ଲାରେ ଏବେ ବନ୍ଧୁକ ରାଜ କରୁଛି କହିଲେ ଉଚିତ୍ ହେବ। ଗତ ସେପ୍ଟେମ୍ବର ମାସରେ ମଦନପୁର ରାମପୁର ଠାରେ ଜଣେ ଠିକାଦାରଙ୍କ ଭାଇ ବିଲ୍ ପାସ କରିବାକୁ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ସେହିପରି ଗତ ଡିସେମ୍ବର ମାସରେ ମଧ୍ୟ ଜୁନାଗଡରେ ବନ୍ଧୁକ ଦେଖାଇ ଲୁଟ୍ ଘଟଣା ଘଟିଥିଲା। ମାତ୍ର କିଛି ଦିନର ପରେ ଭବାନୀପାଟଣା ସଦର ବ୍ଲକ୍ ଦେପୁର କଂଗ୍ରେସ ଯୋନ ସଭାପତି ଉଦେପୂର ଗ୍ରାମର ଦେବାନନ୍ଦ ଯୋଶୀଙ୍କୁ ୪ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ କଂଗ୍ରେସ ବିଧାୟକ ସାଗର ଦାସଙ୍କ ସମ୍ପର୍କରେ ବ୍ୟକ୍ତିଗତ ତଥ୍ୟ ମାଗିଥିଲେ। କିଛି ମାସ ପରେ ମଙ୍ଗଳବାର ଘଟଣା ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି। ଭବାନୀପାଟଣା ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିନା ଲାଇସେନ୍ସରେ ବନ୍ଧୁକ ରହିଥିବା କୁହାଯାଉଛି। ପୁଲିସ ନିକଟରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁବୋଲି ଏସ୍‌ପି କହିଛନ୍ତି। କଳାହାଣ୍ଡିରେ ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ପୁଣି ମାତିଲା...

(୯୧୦ଗ୍ରାମ) ପରିବର୍ତ୍ତେ ୮୫୦ ଗ୍ରାମର ପ୍ୟାକେଟ୍ ବିକ୍ରି ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଆଗକୁ ଏହି ଦର ଆହୁରି ମହଙ୍ଗା ହେବା ଜଳଜଳ ଦିଶୁଛି । ଗତ ସପ୍ତାହରେ ହିନ୍ଦୁସ୍ତାନ ୟୁନିଲିଭରର ମୁଖ୍ୟ ଆର୍ଥିକ ଅଧିକାରୀ ନିରଞ୍ଜନ ଗୁପ୍ତା ଏ ସଂକ୍ରାନ୍ତରେ ପରୋକ୍ଷ ସୂଚନା ଦେଇଛନ୍ତି। କିଛି ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଥିବା ଓ ବର୍ଦ୍ଧିତ ମୂଲ୍ୟ ସହ ଆଉ କିଛି ସାମଗ୍ରୀ ଖୁବ୍ ଶୀଘ୍ର ବଜାରକୁ ଆସିବ ବୋଲି ସେ କହିଛନ୍ତି । ଏପରିକି ଏହି ବର୍ଦ୍ଧିତ ଦର ଆସନ୍ତା ବର୍ଷ ପର୍ଯ୍ୟନ୍ତ ଲାଗୁ ରହିପାରେ ବୋଲି ସେ ଆଶଙ୍କା କରିଛନ୍ତି । ଅନୁରୂପ ଭାବରେ ଡାବର ଇଣ୍ଡିଆ ମଧ୍ୟ ତାହାର ଉତ୍ପାଦଗୁଡ଼ିକର ମୂଲ୍ୟବୃଦ୍ଧି କରିଥିବା ସୂଚନା ଦେଇଛି । କମ୍ପାନୀର ସିଇଓ ମୋହିତ ମାଲହୋତ୍ରା ଚଳିତ ତ୍ରୟମାସିକରେ ତାଙ୍କ କମ୍ପାନୀର ଉତ୍ପାଦଗୁଡ଼ିକର ମୂଲ୍ୟ ଅନ୍ୟୁନ ୨% ବୃଦ୍ଧି ପାଇପାରେ ବୋଲି କହିଛନ୍ତି ।

## ଭୋଜିରେ ଫୁଟିଲା...

ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତା କିମ୍ବା ଅନ୍ୟ କୌଣସି ବିବାଦ ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଛି କି ନାହିଁ, ସେ ନେଇ ପୁଲିସ ସ୍ପଷ୍ଟ ସୂଚନା ଦେଇ ନ ଥିଲେ ହେଁ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଜନଗହଳି ପୂର୍ଣ୍ଣ ସ୍ଥାନରେ ସ୍ପଷ୍ଟ ଦିବାଲୋକରେ ଏଭଳି ଗୁଳିକାଣ୍ଡ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳାଇଦେଇଛି। ଏହି ଘଟଣା ସହରର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପୁଣି ଥରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।


**WANTED**

A well-established firm invites applications for the following position

**Tele Sales Executive**

**Out Bound Uk process**

Good English Speaking

**Salary: 10k to 20k**

depend upon experience

Interested candidates can send their CV to

**Email: pin24u@gmail.com**

9776245778
7752003261

**Location: Bhubaneswar**



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 62-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଷ୍ଟ୍ରେନ୍ କ୍ଲାମ୍ପ (Strain Clamp)ରେ ଫିଡର ୱାୟର ଛିଡ଼ିବାକୁ ଏଡ଼ାଇବା ପାଇଁ ଷ୍ଟ୍ରେନ୍ କ୍ଲାମ୍ପରୁ ଫିଡର ୱାୟରର ବିଭାଜନକୁ ନିବାରଣ କରିବା ନିମନ୍ତେ ଷ୍ଟାଣ୍ଡାର୍ଡ ଟର୍ମିନେସନ୍ (Standard Termination) ଆରେଞ୍ଜମେଣ୍ଟର ରୂପାନ୍ତରଣ / ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ :** ₹ 1,97,10,244.28, **EMD :** ₹ 2,48,600/-, ଶେଷ ହେବା ଅବଧି: 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.02.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.03.2026ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-1129/Q/25-26



**ହଜିଛି**

ମୁଁ ଶ୍ରୀମତୀ ରେଖା ଦାଶ, ସ୍ୱାମୀ: ଲକ୍ଷ୍ମୀକାନ୍ତ ମିଶ୍ର, ଗ୍ରାମ: ପୁରୁଷୋତ୍ତମପୁର, ପୋ: ବାଲିଖଣ୍ଡ, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର ଏତଦ୍‌ଦ୍ୱାରା ଘୋଷଣା କରୁଛି କି, ମୋ ନାମରେ ଥିବା ପଟ୍ଟା ଯାହାର ଖାତା ନଂ.: ୬୩୧/୫୩୦, ପ୍ଲଟ୍ ନଂ.: ୪୧, ୩୭, ମୋଟ କ୍ଷେତ୍ର: ଏକର ୦.୦୮୧୦ ଡିସିମିଲିର ମୂଳ ଲିଙ୍କ୍ ଦଲିଲ: ୧୪୧୭ ତା୦୪.୦୯.୧୯୯୫ ଏବଂ ମୂଳ ଲିଙ୍କ ବିକ୍ରୟ ଦଲିଲ ନଂ.: ୨୦ ତା୦୮.୦୧.୨୦୦୨ ରହିଛି। ଏହି ମୂଳ ଦଲିଲ ଗୁଡ଼ିକର ଫଟୋ କପି ବାହାର କରିବା ଉଦ୍ଦେଶ୍ୟରେ ମୋ ସ୍ୱାମୀ ସିମୁଳିଆ ପୋଲିସ ଷ୍ଟେସନ ଅଧିନ ପୁରୁଷୋତ୍ତମପୁର ମାର୍କେଟକୁ ଯାଉଥିବା ସମୟରେ ତା୧୬.୦୨.୨୦୨୬ ରିଖ ପ୍ରାୟ ଦିବା ୧୦.୦୦ଘଟିକା ସମୟରେ ଉପରୋକ୍ତମୂଳ ଦଲିଲ ଗୁଡିକ କେଉଁଠାରେ ହଜିଯାଇଛି। ମୁଁ ଉପରୋକ୍ତ ସମ୍ପତ୍ତି ଅର୍ଥାତ୍ ଖାତା ନଂ.: ୬୩୧/୫୩୦, ପ୍ଲଟ୍ ନଂ.: ୪୧,୩୭, କ୍ଷେତ୍ର: ଏକର ୦.୦୮୧୦ଡିସିମିଲି ଯାହାକି ମୌଜା: ପୁରୁଷୋତ୍ତମପୁର, ଥାନା: ସିମୁଳିଆ, ତହସିଲ: ସିମୁଳିଆ, ଜିଲ୍ଲା: ବାଲେଶ୍ୱରକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଚରମ୍ପା ଶାଖାରେ ବନ୍ଧକରଖି ଋଣ ପାଇବା ନିମନ୍ତେ ଆବେଦନ କରିଛି। କଥିତ ସମ୍ପତ୍ତି ଉପରେ ଯଦି କାହାର କୌଣସି ଦାବୀ, ଅଧିକାର ମାଲିକାନା, ସ୍ୱାର୍ଥ କିମ୍ବା ଆପତ୍ତି ଅଭିଯୋଗ ଥାଏ ତେବେ ଏହି ନୋଟିସ ପ୍ରକାଶନର ୭ଦିନ ମଧ୍ୟରେ ତାହାକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଦାଖଲ କରିପାରିବେ।



**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

**Salary: Best in the industry** | **Location : Bhubaneswar**

Interested candidates can send their CV to
**Email: 19sanatang@gmail.com**

**Contact**
**7978386707**



**IN THE COURT OF CIVIL JUDGE (JR. DVII.) CHANDBALI**

**C.S NO-105/2011**

**Jamuna Biswal** .......... Plaintiff

Vrs.

**State Representing by Collector Bhadrak & others** .......... Defendants

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ନିମ୍ନ ତଫସିଲ ବୃତ୍ତିକୁ ନିଜ ନାମରେ ସତ୍ୱ ସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞା ଚାନ୍ଦବାଲିଙ୍କ ଇଜିଲାସରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି । ଏଣୁ ଉକ୍ତ ବୃତ୍ତି ପକ୍ଷେ ଯଦି ସର୍ବ ସାଧାରଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଉକ୍ତ ମକୋଦ୍ଦମାର ଧାର୍ଯ୍ୟ ତା. ୧୦/୦୩/୨୦୨୬ ରିଖ ଦିବା ୧୦.୩୦ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ଆପତ୍ତି ଅଭିଯୋଗ ମାନ ଜଣାଇବେ । ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ତଫସିଲ ବୃତ୍ତି

ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, [illegible] CS ଖାତା ନଂ-୧୦୩, [illegible] ଖସଡ଼ା ନଂ- ୧୩୧୭ ଏ୧.୬୮ଡ଼.

ଅଦ୍ୟ ତା- ୦୯/୦୨/୨୦୨୬ ରିଖ ଅଦାଲତଙ୍କ ସହିମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା ।

**Sd/- C.J.J.D, Chandabali**



**BHUBANESWAR DEVELOPMENT AUTHORITY**
AKASH SHOVA BUILDING
SACHIVALAYA MARG, BHUBANESWAR - 751001
Visit us at: http:www.bda.gov.in

13001/288/2526

**INVITATIONS FOR BIDS (IFB)**

**Bid Identification No.95** **dated.17.02.2026**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in ***double cover system*** conforming to the Detailed Tender Call Notice (DTCN) from Electrical Contractors having valid **HT license** registered under Government of Odisha, having PAN and valid EPF & ESI registration No., GST Registration Certificate for the item of work mentioned in the table below.

| Sl No | Name of work | Estimated Cost (in Rs) | EMD (In Rs) | Cost of Tender Paper (In Rs) | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | **Permanent power supply to the Crematorium at Dumduma, Bhubaneswar** | **12,31,919.00** | 1% of the estimated cost put to tender. (Through online transfer by the last date & time for receipt of bids) | 6,000/- +GST @18% (Through online transfer by the last date & time for receipt of bids) | **30 (Thirty) days** |

2. The Bid documents will be available in the website: https://tendersodisha.gov.in from **Dtd. 20.02.2026 to Dtd. 02.03.2026 up to 17.00 Hours.**
3. Bids along with cost of tender paper and EMD (Bid Security) shall be received only **"On line"** on or before **Dtd. 02.03.2026** up to **17.00 Hours. The bidder must possess compatible Digital Signature** Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: ***https://tendersodisha.gov.in***

**Executive Engineer**
**Division-IV, BDA**

**OIPR-13001/13033/1/25-26/0033**



**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅପର ଲ୍ୟାନ୍ଥ ଜଳ ସେଚନ, ବିଭାଜନ ବେଲପଡା, ବଲାଙ୍ଗିର**

**OFFICE OF THE EXECUTIVE ENGINEER**
**UPPER LANTH IRRIGATION DIVISION**
**BELPADA, DIST.-BALANGIR.**

Email: eeiilidbelpada2024@gmail .com

32001/104/2526

**e-Procurement Notice No. EEULID-04(01-01)/2025-26, Dt. 17.02.2026**
**Bid Identification No. EEULID-04(01-01)/2025-26**
**PERCENTAGE RATE e-TENDER :**

1. **Type/Nature of work : Electrical Work**
2. **Total No. of works : 01 (one) No**
3. **Approx. value of works: Approx. 7.84 Lakhs (Excluding GST).**
4. **Period of completion: 01 (One) Calendar month**
5. **Class of Contractor: : "MV" or "HT" Class Electrical Contractor**
6. **Bid Identification No.: .:EEULID-04(01-01)/2025-26**

| | |
|---|---|
| Name of Officer inviting tender | **Executive Engineer, Upper Lanth Irrigation Division, Belpada, Dist.-Balangir.** |
| Date and time of availability of bid documents in the portal. | **From 20.02.2026 at 11.00 AM to 06.03.2026 up to 17.30 PM** |
| Last date and time for receipt of bids in the portal. | **06.03.2026 up to 17.30 PM.** |
| Date, time and venue of opening of tender Bid | **07.03.2026 (11.30 AM)** in the O/o the Executive Engineer, Upper Lanth Irrigation Division, Belpada, Dist.- Balangir, Odisha, Pin-767026. |
| Name of Officer inviting tender | Executive Engineer, Upper Lanth Irrigation Division, Belpada, Dist.-Balangir. |

**N B- Further details** can be seen from the e-procurement portal **https://www.tendersodisha.gov.in** and any **addendum/ Corrigendum/ Cancellation** to the above notice will be published in the above Govt website (only).

**(Er. Pritam Meher)**
Executive Engineer Upper Lanth Irrigation Division, Belpada, Dist - Balangir

**OIPR-32001/32532/1/25-26/0001**



**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 13.02.2026, I **Surendra Kumar Nayak, resident At-Govindapur, Po-Sendatira, Sub Dist-Bant,Dist-Bhadrak,Odisha, Pin-756114** declare that I have changed the name of my Son from **J S Nikhil to Anmoll Kumarr Nayak.** Henceforth, He shall be known as **Anmoll Kumarr Nayak** for all purposes.

**(Surendra Kumar Nayak)**

**AFFIDAVIT**

By virtue of an affidavit CF No.21 sworn before the executive Magistrate, Bhubaneswar, dated 18.02.2026, I Arun Sabat, S/o-Rajendra Sabat, Resident Plot No. 190/3670, Koradkanta, Mahadev Nagar, GGP Colony, Bhubaneswar, Dist-Khurdha, PIN-751025, Odisha, declare that I have changed my name from Aruna Sabat to Arun Sabat. Henceforth, I shall be known as **ARUN SABAT** for all future purposes.

**AFFIDAVIT**

I,Maraj Alli Khan,S/o-Asaf Ali Khan, resident of village-Mahana, PO - Mahana, PS -Salipur,Dist -Cuttack, Pin -754201, Odisha, declare by this affidavit No -1837, dated - 17.02.2026,that now onwards I shall be known as **MARAJ ALI KHAN** for all future purposes.

**AFFIDAVIT**

By virtue of an affidavit no-3811, dated- 16/10/2025 sworn before Executive Magistrate, Banpur, declare that I, **Iswar Barik,** D.O.B.- 31/01/2006, S/o-Fakir Barik of Address At/P.o-Ayatapur, P.s- Nachuni, Dist-Khordha, Odisha, Pin-752035, declare that I have changed my name from **Gangadhar Barik** to **Iswar Barik.** Henceforth, I **Iswar Barik & Gangadhar Barik** both are one and same person. But now onwards I shall be known as **Iswar Barik,** for all future purposes.

**Iswar Barik**

**AFFIDAVIT**

By virtue of an affidavit No. 342, sworn before the Executive Magistrate, Balikuda on dtd-18/02/2026. I, **Sanatana Rout,** Aged 60 years, S/o- Jhari Rout, residnet Vill- Olash, Po- Borikina, Ps- Balikuda, Dist- Jagatsinghpur, Pin-754110, Odisha my actually name is **Sanatana Rout,** S/o- Jhari Rout that has been maintained in my voter card No: TZI0969253, that in my Aadhar Card No: 4337 9311 7764 my name has been maintained **Bablu Roy,** S/o- Jhari Rout. Henceforth, both the names **Sanatana Rout & Bablu Roy,** S/o-Jhari Rout one and same parson for all future purposes.

**Sanatana Rout**

**AFFIDAVIT**

By virtue of an affidavit (CF No 57 dated 17.02.2026) sworn before The Executive Magistrate, Bhubaneswar, I, **Siba Narayan Swain,** S/o- Surendra Nath Swain, Plot No. 238/2961, Lane-6, Srikhetra Vihar, Aiginia, Bhubaneswar, PIN-751019, Dist-Khordha, Odisha declare that I have changed my name from **Sibanarayan Swain** to **Siba Narayan Swain** as per my Aadhar Card No: 8415 6811 9391. I further declare that, **Sibanarayan Swain and Siba Narayan Swain** is same and one person, who is myself. Henceforth, I shall be known as **Siba Narayan Swain** for all purposes.

**Siba Narayan Swain**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-18/02/2026. I, **Taranginee Bhoi** (new name), D/o Saktaram Majhi, permanent & current resident of AT: Gudguda, PO: Siker, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Taranginee Majhi** to **Taranginee Bhoi.** Henceforth, I shall be known as **Taranginee Bhoi** (new name) for all future purposes.

**Taranginee Bhoi**

**AFFIDAVIT**

I, Asha Hemant Thacker, aged about 63 years, W/o-Hemant Kumar Thacker, resident of Plot No-9C, Jayadurga nagar, Po-Budheswari, Ps-Laxmisagar, Bhubaneswar, Dist- Khurda, Odisha, PIN-751006, Odisha declared by this affidavit No. 306, dtd- 18/02/2026 that now onwards I shall be known as **ASHA THACKER** for all future purposes.

## ନ୍ୟାୟ ପାଇଁ ଏସ୍‌ପି ଭରସା

# ଥାନାଧିକାରୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ; ଏସ୍‌ପିଙ୍କୁ ପୀଡ଼ିତଙ୍କ ଗୁହାରୀ

ବଲାଙ୍ଗିର,୧୮ ।୨(ସମିସ)

ବଲାଙ୍ଗିର ଜିଲ୍ଲା ପୁଲିସ ଉପରୁ ଉଠୁଛି ଲୋକଙ୍କ ଭରସା । ଠିକ ସମୟରେ ଲୋକଙ୍କୁ ନ୍ୟାୟ ମିଳୁ ନ ଥିବାବେଳେ ଜିଲ୍ଲାରେ ଥିବା ଥାନା ଅଧିକାରୀଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସିଧାସଳଖ ଏସ୍‌ପିଙ୍କ ଦ୍ୱାରସ୍ଥ ହେଉଛନ୍ତି ସାଧାରଣ ଜନତା । ଗୋଟିଏ ପଟେ ରାଜ୍ୟ ସରକାର ସରକାରୀ ବ୍ୟବସ୍ଥାକୁ ଲୋକଙ୍କ ଘରମୁହଁରେ ପହଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ବିଭାଗରେ କିନ୍ତୁ ଓଲଟା ଦେଖିବାକୁ ମିଳିଛି । ଏହାର କିଛି ଉଦାହରଣ ବୁଧବାର ବଲାଙ୍ଗିର ଏସ୍‌ପି ଅଫିସରେ ଦେଖିବାକୁ ମିଳିଥିଲା । ଜଣେ ବଡ଼ ଭାଇ ନିଜ ସାନଭାଇଙ୍କ ମୃତଦେହ ଉଦ୍ଧାର ଘଟଣାରେ ନ୍ୟାୟ ପାଇଁ ଦ୍ୱିତୀୟ ଥର ଏସ୍‌ପି କାର୍ଯ୍ୟାଳୟକୁ ଆସିଥିବା ବେଳେ ଆଉ ଜଣେ ବ୍ୟବସାୟୀଙ୍କ ଦୋକାନ ଚୋରୀ ଘଟଣାର ଅଭିଯୁକ୍ତ ଧରାପଡିବା ପରେ ସେ ସହିଥିବା କ୍ଷତିର ଭରଣା ବିଷୟରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଉଭୟ ଘଟଣାରେ ଲୋଇସିଂହା ପୁଲିସର ବିଫଳତା ଓ ନ୍ୟାୟ ପ୍ରଦାନରେ ବିଳମ୍ବ ଯୋଗୁଁ ଉଭୟ ଏସ୍‌ପିଙ୍କ ପାଖରେ ଗୁହରୀ କରିବାକୁ ଆସିଥିବା କହିଥିଲେ ।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ସାଲେଭଟା ଗାଁର କିଶୋର ମହାପାତ୍ରଙ୍କ ସାନଭାଇ କିସନ ମହାପାତ୍ରଙ୍କ ମୃତଦେହ ଗତ ଜାନୁୟାରୀ ୨୦ ତାରିଖ ସକାଳୁ ଉଦ୍ଧାର



- ସାଲେଭଟା କିସନ ହତ୍ୟା ମାମଲା ଆଜି ବି ରହସ୍ୟ
- ଦିଗହରା ତଦନ୍ତ, ମାମଲା ଚପାଇବାକୁ ଉଦ୍ୟମ
- ଉଦ୍ଧାର ଚୋରି ସାମଗ୍ରୀ ଫେରାଇବା ପାଇଁ ବ୍ୟବସାୟୀ ଏସ୍‌ପିଙ୍କ ଦ୍ୱାରସ୍ଥ



ହୋଇଥିଲା । ସାଲେଭଟା ଫାଣ୍ଡିରୁ ମାତ୍ର କିଛି ମିଟର ଦୂରରେ ଥିବା ଏକ ପୋଖରୀ ନିକଟରୁ ଏହି ଶବ ଉଦ୍ଧାର ହୋଇଥିବା ବେଳେ ତାଙ୍କ ମୁହଁ କଳା ପଡିଯାଇଥିଲା । ଆଙ୍ଗୁଠି, ମୁଣ୍ଡ, ପେଟରେ ଆଘାତ ଚିହ୍ନ ରହିଥିଲା । ସେ ଦୁଇ ଦିନ ପୂର୍ବରୁ ନିଖୋଜ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ବଡ଼ଭାଇ କିଶୋର ମହାପାତ୍ର ଆରମ୍ଭରୁ ଅଭିଯୋଗ କରିଆସୁଛନ୍ତି । କିନ୍ତୁ ଗୋଟିଏ ମାସ ପରେ ବି ପୁଲିସ ତାଙ୍କୁ କୌଣସି ସ୍ପଷ୍ଟ ଉତ୍ତର ରଖିନାହିଁ କି ମୃତ୍ୟୁ ରହସ୍ୟ ଉପରୁ ପରଦା ହଟାଇ ନାହିଁ । ତେବେ ଏହି ମାମଲାରେ ସେ ପୁଲିସ ତଦନ୍ତ କୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ ବ୍ୟବଚ୍ଛେଦ ରିପୋର୍ଟରେ ଏପଟସେପଟ କରାଯାଇଛି । ଦେହରେ କ୍ଷତାକ୍ତ ଚିହ୍ନ ଥିବା ଦେଖାଯାଉଥିବା ବେଳେ ଭିସେରା ରିପୋର୍ଟରେ କୌଣସି କ୍ଷତି ନ ଥିବା କୁହାଯାଇଛି । ଉକ୍ତ ରିପୋର୍ଟ ମଧ୍ୟ ପୁଲିସ ତାଙ୍କୁ ନଦେଇ ଲୁଚାଇରଖିଥିବା ବେଳେ ମାଗିବା ପରେ ପ୍ରଦାନ କରିଥିବା ସେ କହିଛନ୍ତି ।

ଏହା ସହ ଏକ ଗୁରୁତ୍ୱପୂର୍ଣ୍ଣ ସୁରାକ ମଧ୍ୟ ଦେଇଛନ୍ତି । ମୃତ କିସନଙ୍କ ଜ୍ୟାକେଟ, ମୋବାଇଲ ଫୋନ ଓ ଗୋଟିଏ ଚପଲ ଆଜି ପର୍ଯ୍ୟନ୍ତ ପୁଲିସ ଜବତ କରିନାହିଁ । ଏହି ଘଟଣା ରେ ପୁଲିସ ନିକଟରେ ଲାଗିଥିବା ସିସିଟିଭି ଫୁଟେଜକୁ ମଧ୍ୟ ଯାଞ୍ଚ କରି ନ ଥିବା କିଶୋର ଅଭିଯୋଗ କରିଛନ୍ତି । ତେବେ ହତ୍ୟା ପଛରେ ସନ୍ଦେହ ଥିବା ବ୍ୟକ୍ତିମାନେ ସରକାରୀ ଦଳର ନେତାଙ୍କ ଛତ୍ରଛାୟାରେ ଥିବାରୁ ପୁଲିସ ମଧ୍ୟ ପଛଘୁଞ୍ଚା ଦେଉଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ସେ ବୁଧବାର ପୁଣି ଥରେ ଏସପିଙ୍କ ଦ୍ୱାରସ୍ଥ ହେବାସହ ନ୍ୟାୟ ପାଇଁ ଗୁହାରୀ କରିଛନ୍ତି ।

ଲୋଇସିଂହାର ଆଉ ଜଣେ ବ୍ୟବସାୟୀ ହେଉଛନ୍ତି ମହମ୍ମଦ ୱାସିକ ଖାନ । ଗତ ଡିସେମ୍ବର ମାସରେ ଲୋଇସିଂହା ବସଷ୍ଟାଣ୍ଡରେ ଥିବା ସୁନା ଗହଣା ଦୋକାନ ଚୋରି ହୋଇଥିଲା । ପ୍ରାୟ ୧୫ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଥିବା ବେଳେ ଏହି ମାମଲାରେ ପୁଲିସ କିଛି ଦିନ ତଳେ ୧୦ ଜଣଙ୍କୁ ଗିରଫ କରିବା ସହ ବହୁ ପରିମାଣର ଗହଣା ଉଦ୍ଧାର କରିଥିଲା । ତେବେ ତାଙ୍କ ଦୋକାନରୁ ଚୋରି ହୋଇଥିବା ସାମଗ୍ରୀ ତାଙ୍କୁ ଫେରାଇବା ପାଇଁ ସେ ଦାବି କରିଛନ୍ତି । ଏନେଇ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ସହିତ ଉଦ୍ଧାର ହୋଇଥିବା ସୁନା ଗହଣାକୁ ଚିହ୍ନଟ କରି ତାଙ୍କୁ ପ୍ରଦାନ କରିବାକୁସେ ଅନୁରୋଧ କରିଛନ୍ତି । ଏହି ଘଟଣାରେ ସେ ବହୁ ଆର୍ଥିକ କ୍ଷତି ସହିଥିବା ବେଳେ ଉଦ୍ଧାର ଚୋରି ଗହଣା ହସ୍ତାନ୍ତର କରିବାକୁ ସେ ଦାବି କରିଛନ୍ତି ।

ଏହି ଦୁଇ ଘଟଣା କେବଳ ଉଦାହରଣ ମାତ୍ର ଏହିଭଳି ପ୍ରତିଦିନ ଥାନା ଅଧିକାରୀଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ବହୁ ଲୋକ ଏସ୍‌ପିଙ୍କ ଦ୍ୱାରସ୍ଥ ହେଉଥିବା ଦେଖିବାକୁ ମିଳିଛି । ତେବେ ଯଦି ଏସ୍‌ପି ସବୁ ମାମଲା ପାଇଁ ମୁଣ୍ଡ ପୁରାଇବେ ତେବେ ଥାନା ଅଧିକାରୀ ଙ୍କ ଆବଶ୍ୟକତା କ'ଣ ରହିଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ତେବେ ଲୋକଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ଖପ୍ରାଖୋଲ ବ୍ଲକ୍‌ରେ ପରୀକ୍ଷା ଦେବେ ୧୬୩୦ ପରୀକ୍ଷାର୍ଥୀ

ଖପ୍ରାଖୋଲ,୧୮ ।୨ (ସମିସ): ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକରେ ମୋଟ ୧୦ଟି ପରୀକ୍ଷା କେନ୍ଦ୍ରରେ ୧୬୩୦ ଜଣ ପରୀକ୍ଷାର୍ଥୀ ଦଶମ ବୋର୍ଡ଼ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ ଖପ୍ରାଖୋଲ ବ୍ଲକ୍‌ରେ ଚଳିତ ମାଟ୍ରିକ ପରୀକ୍ଷାରେ ୧୦ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ପରୀକ୍ଷା କେନ୍ଦ୍ରମାନଙ୍କରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ଆରମ୍ଭ ହେବ ବୋଲି ଜଣାପଡ଼ିଥିବା ବେଳେ ପରୀକ୍ଷା କେନ୍ଦ୍ରମାନଙ୍କୁ ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ପ୍ରଶ୍ନ ପତ୍ର ଗୁଡ଼ିକ ସୁରକ୍ଷିତ ଭାବରେ ପହଞ୍ଚାଇବା ପାଇଁ ତିନୋଟି ଟିମ୍ ଗଠନ କରାଯାଇ ଥିବା ନୋଡାଲ ପରୀକ୍ଷା ନିରୀକ୍ଷକ ତଥା ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇସପାଳ ସୁନା ସୂଚନା ଦେଇଛନ୍ତି । ଏହା ସହିତ ସମସ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ସିସିଟିଭି ନଜରରେ ରହିବେ ବୋଲି କହିଛନ୍ତି । ସର୍ବମୋଟ ଖପ୍ରାଖୋଲ ବ୍ଲକରେ ୧୬୩୦ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖପ୍ରାଖୋଲ କେନ୍ଦ୍ରରେ ୧୨୫ ଜଣ ପରୀକ୍ଷାର୍ଥୀ, ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେଙ୍ଗାଲି ପରୀକ୍ଷା କେନ୍ଦ୍ରରେ ୧୪୩ ଜଣ ପରୀକ୍ଷାର୍ଥୀ, ମହରାପଦର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୯୩ ଜଣ ପରୀକ୍ଷାର୍ଥୀ, ନାନ୍ଦୂପଲା କେନ୍ଦ୍ରରେ ୧୪୪ ଜଣପରୀକ୍ଷାର୍ଥୀ, ଫୁଲକିମୁଣ୍ଡା କେନ୍ଦ୍ରରେ ୧୪୨ ଜଣ ପରୀକ୍ଷାର୍ଥୀ, ମାଳପଡା ପରୀକ୍ଷା କେନ୍ଦ୍ରରେ ୧୫୯ ଜଣ ପରୀକ୍ଷାର୍ଥୀ, ଲାଠୋର ପରୀକ୍ଷା କେନ୍ଦ୍ରରେ ୧୪୯ ଜଣ ପରୀକ୍ଷାର୍ଥୀ, ଧାଣ୍ଡାମୁଣ୍ଡା ପରୀକ୍ଷା କେନ୍ଦ୍ରରେ




୨୭୦ ପରୀକ୍ଷାର୍ଥୀ, ମାଟିଆଭଟା ପରୀକ୍ଷା କେନ୍ଦ୍ରରେ ୧୫୯ ପରୀକ୍ଷାର୍ଥୀ ଓ ଲୁହାସିଂହା ଉଚ୍ଚବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୪୬ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ଜଣାପଡ଼ିଛି । ପରୀକ୍ଷା କେନ୍ଦ୍ର ଗୁଡିକରେ କିପରି ଶାନ୍ତି ଶୃଙ୍ଖଳାରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ପାରିବେ ଓ ପରୀକ୍ଷାକେନ୍ଦ୍ର ପରିସର ଶୃଙ୍ଖଳିତ ରହିବ ସେ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବ୍ଲକ୍ ନୋଡାଲ ପରୀକ୍ଷା ନିରୀକ୍ଷକ ସୂଚନା ଦେଇଛନ୍ତି ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ବଲାଙ୍ଗିର,୧୮ ।୨(ସମିସ): ସ୍ଥାନୀୟ ଗାନ୍ଧୀନଗରପଡ଼ାସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ପ୍ରଶିକ୍ଷକ ଦୀପ୍ତି ବେହେରା ଓ ତାରାକାନ୍ତୀ ସାଏ ଛାତ୍ରୀମାନଙ୍କୁ ମୌଳିକ ସ୍ୱୟଂ ରକ୍ଷା ପ୍ରକ୍ରିୟା, ସତର୍କତା ଓ ଆପାତକାଳୀନ ପରିସ୍ଥିତିରେ କିପରି ସ୍ଥିର ମନୋଭାବ ରଖିବାକୁ ଶିଖାଇଥିଲେ । ଛାତ୍ରୀମାନେ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ଶିଖିଥିବା କୌଶଳର ଅଭିନୟ କରି ଉପସ୍ଥିତ ଅତିଥିମାନଙ୍କ ମନ ଜିତିଥିଲେ । ଉଦଯାପନୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଏଡିଇଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ସମୟରେ ଆତ୍ମସୁରକ୍ଷା ପ୍ରତ୍ୟେକ ଝିଅ ପାଇଁ ଅତ୍ୟାବଶ୍ୟକ ବୋଲି କହିବା ସହ ତାଙ୍କୁ ସ୍ୱାବଲମ୍ବୀ ଓ ସଚେତନ କରିଥାଏ ବୋଲି କହିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରାଚୀର ପତ୍ରିକା ଆଇନାର ସ୍ୱତନ୍ତ୍ର ସଂଖ୍ୟା ବିରାଙ୍ଗନାର ପଥେ ପଥେକୁ ମୁଖ୍ୟ ଅତିଥି ଉନ୍ମୋଚିତ କରିଥିଲେ ।

ଶେଷରେ ପ୍ରଶିକ୍ଷକମାନଙ୍କୁ ସମ୍ମାନୀତ କରାଯିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ରଞ୍ଜିତ ମିଶ୍ର, ସୁରେଶ ବାରିକ, ହରି ଖେତୀ, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ଦେ, ଦେବସ୍ମିତା ପାଣିଗ୍ରାହୀ, ପ୍ରଜ୍ଞା ପରମିତା ବଘାର, ଲିଜା ସାହୁ, ଧାରାଶ୍ରୀ ଧୀମୟୀ ବେହେରା, ସ୍ୱରୂପା ହୋତା, ଅଂଶୁ ସାହାଣୀ, ସୁମନାଞ୍ଜଳି ସାହୁ, ଜ୍ୟୋତିର୍ମୟୀ ପୂଜାହାରୀ, ସବିତା ମିଶ୍ର, ଯାଜ୍ଞସିନୀ ମହାପାତ୍ର, ରଶ୍ମିତା ଦାଶ ପ୍ରମୁଖ ସହଯୋଗ କରିଥିଲେ ।

# ଅଗ୍ନିଜନିତ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ୍



ବଲାଙ୍ଗିର,୧୮ ।୨(ସମିସ): ପଶ୍ଚିମ ଓଡ଼ିଶା ଡିଷ୍ଟ୍ରିବୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ଓ ଅଗ୍ନିଶମ ବିଭାଗଙ୍କ ସଂଯୁକ୍ତ ପ୍ରୟାସରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ମକଡ୍ରିଲ୍ ଆୟୋଜିତ ହୋଇଥିଲା । ଜରୁରୀ ପରିସ୍ଥିତି ଓ ଅଗ୍ନିଜନିତ ବିପର୍ଯ୍ୟୟ ସମୟରେ ପ୍ରସ୍ତୁତ ରହି ବିପଦକୁ ହ୍ରାସ କରିବା ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଗଦେଇ ଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା ମୁଖ୍ୟ ପରିଦର୍ଶକ ଭାବେ ଉପସ୍ଥିତ ରହି ମକ୍‌ଡ୍ରିଲର ସ୍ଥିତି ଅନୁଧ୍ୟାନ କରିଥିଲେ ।

ଶ୍ରୀ ଇସଲୱାର କର୍ମଚାରୀମାନଙ୍କୁ ବିଦ୍ୟୁତ ଆଘାତରୁ ବର୍ତ୍ତିବା, ବୈଦ୍ୟୁତିକ ଉପକରଣର ସୁରକ୍ଷା ଓ ଅଗ୍ନି ବିପର୍ଯ୍ୟୟ ସମୟରେ ସଫଳ ମୁକାବିଲା କରିବାର ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ । ଏହି ପ୍ରକାରର ମକଡ୍ରିଲ୍‌ଗୁଡ଼ିକ ସରକାରୀ କାର୍ଯ୍ୟାଳୟରେ ସୁରକ୍ଷା ସଚେତନତା ବୃଦ୍ଧି କରିବା ସହିତ, କର୍ମଚାରୀମାନଙ୍କୁ ପ୍ରାୟୋଗିକ ଅନୁଭବ ଦେଇଥାଏ ବୋଲି ଶ୍ରୀ ବେହେରା ନିଜର ମନ୍ତବ୍ୟରେ କହିଥିଲେ । ଟିପିଡବ୍ଲୁଓଡିଏଲ୍ ର ଭାରପ୍ରାପ୍ତ ସୁରକ୍ଷା ଅଧିକାରୀ ସୌଭାଗ୍ୟ ପରିଡା, ଜନ୍ମେଜୟ ସାହୁ, ସୁରକ୍ଷା ଅଧିକାରୀ ଜିତେନ୍ଦ୍ର ଯୋଶୀ ଏବଂ ଅଗ୍ନିଶମ ଅଧିକାରୀ ତେଜ କୁମାର ଏକ୍କା ଏବଂ ଅଗ୍ନିଶମ ବିଭାଗର ସୁଶାନ୍ତ ମିର୍ଧା, ବିଜୟ କୁମାର ଅପାତ, ରାଜେଶ କୁମାର ଚୌହାନ, ନରେଶ ଖମାରି, ସୁଦର୍ଶନ ଭୋଇ, ସୁମନ୍ତ ଭୋଇ, ରୋହିତ ମଲ୍ଲିକ, ବବଲୁ ସାହୁ ପ୍ରମୁଖ ମକଡ୍ରିଲ ପରିଚାଳନା କରିଥିଲେ । ଡେପୁଟି କଲେକ୍ଟର ତଥା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭନା ଭୋଇ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସହକାରୀ ଜିଲ୍ଲାପାଳ ସରିତାରାଣୀ ଶତପଥୀ, ଅନୁପମା ପ୍ରଧାନ, ସସ୍ମିତା ପ୍ରଧାନ, ରାମ ନାରାୟଣ ମିଶ୍ର ଓ ଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଏହି ମକଡ୍ରିଲରେ ସାମିଲ ହୋଇଥିଲେ ।

## କାମ କଲାନି ସାଇବର ସଚେତନତା | ବଢୁଛି ସାଇବର ମାମଲା

# ୯ ୯୨ ସନ୍ଦେହଜନକ ଆକାଉଣ୍ଟ ଯାଞ୍ଚ କରୁଛି ପୁଲିସ

ବଲାଙ୍ଗିର,୧୮ ।୨(ସମିସ): ବଲାଙ୍ଗିର ଜିଲ୍ଲାର ଦିନକୁଦିନ ବଢ଼ିଚାଲିଛି ସାଇବର ଠକେଇ ମାମଲା ତାଲିକା । ଗତ କିଛି ଦିନ ତଳେ ମାସାଧିକ କାଳ ସାଇବର ପୁଲିସ ପକ୍ଷରୁ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଯାଇଥିଲା । ଏଥିପାଇଁ ରାଜ୍ୟ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଇଛି । କିନ୍ତୁ ଏହି ମାମଲା କମିବା ବଦଳରେ ବଢି ବଢିଚାଲିଛି । ବଲାଙ୍ଗିରରେ ପ୍ରତିଦିନ ନୂଆ ଉପାୟରେ ସାଇବର ଠକେଇ ଅଭିଯୋଗ ସାମ୍ନାକୁ ଆସୁଥିବାବେଳେ ସାଇବର ପୁଲିସ ଭିତ୍ତିଭୂମି ସେଥିପାଇଁ କେତେ ସଦୃଢ଼ ତାହା ଏକ ବଡ଼ ପ୍ରଶ୍ନ ହୋଇରହିଛି ।

ମଙ୍ଗଳବାର ବଲାଙ୍ଗିର ସାଇବର ପୁଲିସ ପାଖରେ ପାଟଣାଗଡ଼ ଅଞ୍ଚଳର ଜଣେ ଯୁବତୀ ୨ ଲକ୍ଷ ୪୩ ହଜାର ଟଙ୍କା ଠକେଇ ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ । ନିଯୁକ୍ତି ଆପ୍ ମୋବାଇଲରେ ଡାଉନଲୋଡ କରିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ପ୍ରାୟ ୨ ଲକ୍ଷ ୪୩ ହଜାର ଟଙ୍କା ପର୍ଯ୍ୟାୟ କ୍ରମେ ଉଠାଣ ହୋଇଚାଲିଥିବା ସେ ଜାଣିବାକୁ ପାଇଥିଲେ । ତାଙ୍କ ମାଆ ମାଛ ବ୍ୟବସାୟୀ କରୁଥିବା ବେଳେ ସେ ଏକ

### ସାଇବର ଭିତ୍ତିଭୂମି ଓ ଲୋକବଳ ବଡ଼ ସମସ୍ୟା

କ୍ଲିନିକ୍‌ରେ କାମ କରନ୍ତି । କେଇ ଘଣ୍ଟା ଭିତରେ ଏତେ ଟଙ୍କା ହରାଇବା ତାଙ୍କ ପାଇଁ ଶକ୍ତ ଧକ୍କା ସଦୃଶ । କେବଳ ଏହି ଯୁବତୀ ନୁହଁନ୍ତି ଏହିଭଳି ଅନେକ ପୀଡ଼ିତ ରହିଛନ୍ତି ଯେଉଁମାନେ କି ଏହିଭଳି ସାଇବର ଠକେର ଶିକାର ହୋଇ ବର୍ଷ ବର୍ଷର ଜମା ଟଙ୍କା ହରାଇଛନ୍ତି । ଏନେଇ ପ୍ରତିଦିନ ବଲାଙ୍ଗିର ସାଇବର ଥାନାରେ ପ୍ରାୟ ୨୦ ରୁ ୨୫ ମାମଲା ରୁଜୁ ହେଉଥିବା ଜଣାପଡ଼ିଛି । ତେବେ ଥରେ ଠକେଇର ଶୀକାର ହେଲେ ପୀଡ଼ିତ ଲିଖିତ ଭାବେ ଅଭିଯୋଗ କରୁଛନ୍ତି । ପୁଲିସ ଅଭିଯୋଗ ପାଇ ମାମଲା ରୁଜୁ କରୁଥିବା ବେଳେ ନିଜ ସମୟାନୁସାରେ ଏହାର ତଦନ୍ତ କରୁଛନ୍ତି । କିନ୍ତୁ ତଦନ୍ତ ପରେ କଣ! ନା ପୁଲିସ ସାଇବର ଠକ କୁ ଠାବ କରିପାରୁଛି ନା ଠକେଇର ଶୀକାର ହେଉଥିବା ପୀଡ଼ିତଙ୍କୁ ତାଙ୍କ ଟଙ୍କା ଫେରାଇପାରୁଛି । ବଲାଙ୍ଗିରରେ ରୁଜୁ ହେଉଥିବା ମାମଲା ଓ ଏହାର ସଫଳତା ହାର ଦେଖିଲେ ମାମଲା ତୁଳନାରେ ସଫଳତା ହାର ବହୁତ କମ । କାହିଁକିନା ବଲାଙ୍ଗିର ସାଇବର ପୁଲିସ ପାଖରେ ଯେଉଁ ଭିତ୍ତିଭୂମି ରହିବା କଥା ତାହା ନ ଥିବା ଜଣାପଡ଼ିଛି । ତେବେ ଗତ କିଛି ଦିନ ତଳେ ସାଇବର ପୁଲିସ ଏକ ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଥିଲା । ଏହି ସମୟରେ ପୁଲିସଙ୍କ ସୂଚନା ଅନୁସାରେ ଜିଲ୍ଲାର ୯ ୯୨ ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟର ସୂଚନା ମୁଖ୍ୟାଳୟରୁ ପ୍ରଦାନ କରାଯାଇଛି । ଯେଉଁ ବ୍ୟାଙ୍କ ଜମାଖାତା ସାଇବର ଠକେଇର ବ୍ୟବହୃତ ହେଉଥିବାବେଳେ ଏହି ସବୁ ଆକାଉଣ୍ଟକୁ ଯାଞ୍ଚ କରିବା ଏବେ ଦାୟିତ୍ୱ ଏବେ ସାଇବର ପୁଲିସ ହାତରେ ରହିଛି । ଏହି ସବୁ ଭିତରେ କିଛି ଦିନ ତଳେ ସାଇବର ପୁଲିସ ବଲାଙ୍ଗିର ଜିଲ୍ଲାର ପ୍ରାୟ ସବୁ ଥାନା ଅଞ୍ଚଳରେ ଥିବା ସ୍କୁଲ କଲେଜ, ଥାନାରେ ସାଇବର ସଚେତନତା କାର୍ଯ୍ୟକ୍ରମ କରିଥିଲା । ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ସାଇବର ଠକେଇ ସହ ଲଢେଇ କରିବା ପାଇଁ ସଚେତନତା ଏକମାତ୍ର ଅସ୍ତ୍ର ହୋଇଥିବା ବେଳେ ଏହି ସଚେତନତା ପରେ ମଧ୍ୟ ଜିଲ୍ଲା ରେ ସାଇବର ମାମଲା ବୃଦ୍ଧି ପାଇବା ନିଶ୍ଚିତ ଭାବେ ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା । ତେବେ ସାଇବର ମାମଲା ପରିଚାଳନା ପାଇଁ ଭିତ୍ତିଭୂମିକୁ ସୁଦୃଢ କରିବା, ଠକେଇ ହୋଇଥିବା ଟଙ୍କା ପୀଡ଼ିତଙ୍କୁ ପ୍ରଦାନ କରିବା ବ୍ୟବସ୍ଥା କରିବା ଦିଗରେ ପୁଲିସ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

# ଗୁଡିଘାଟ ଜୟ ଜଗନ୍ନାଥ କ୍ରିକେଟ: ବାବେଜୁରୀ ଚାମ୍ପିଅନ

ମୁରିବାହାଲ,୧୮ ।୨(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ଗୁଡିଘାଟ ଖେଳପଡିଆରେ ଚାଲିଥିବା ଜୟ ଜଗନ୍ନାଥ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ମୁରିବାହାଲକୁ ପରାସ୍ତ କରି ବାବେଜୁରୀ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଡିଘାଟ ପୂର୍ବତନ ସରପଞ୍ଚ ନରେନ୍ଦ୍ର ସିଂ ମାଝୀ, ସମ୍ମାନିତ ଅତିଥି ଭାବେ ଅଲ୍ ଇଣ୍ଡିଆ ରେସଲର ମାଧବ ଭାଇ, ଟିକେମନ ମାଝୀ, ପପୁ ଷା, ମହିନ୍ଦ୍ର ସିଂ ମାଝୀ, କରୁଣାକର ମାଝୀ, ପବିତ୍ର ସାହୁ, ବ୍ୟାସଦେବ ସା, ନବୀନ ରାଓ, ରାଜେଶ ପୁଟେଲ, ମଥାମଣି ହରପାଲ, କ୍ଷୀରୋଦ୍ର ସାହୁ,



ଅନ୍ତର୍ଯ୍ୟାମୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲ ଖେଳ ବାବେଜୁରୀ ଓ ମୁରିବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବାବେଜୁରୀ ଦଳ ପ୍ରଥମେ ବ୍ୟାଟିଂ କରି ୨୪୩ ରନ୍ କରିଥିଲେ । ମୁରିବାହାଲ ଦଳକୁ ଜିତିବା ପାଇଁ ୨୪୪ ରନ୍ ଟାର୍ଗେଟ ଥିବାବେଳେ ନିର୍ଦ୍ଧାରିତ ଓଭର ମଧ୍ୟରେ ୨୨୦ ରନ୍ ସଂଗ୍ରହ କରି ୮ ୱିକେଟ ବିନିମୟରେ ବାବେଜୁରୀ ଦଳଠାରୁ ପରାସ୍ତ ହୋଇଥିଲା । ମ୍ୟାଚ୍ ରେଫରୀ ଭାବେ ତେଜରାଜ ସରାଫ ଓ ରୁକଦେବ ପାଣ୍ଡେ ଦାୟିତ୍ୱ ନିର୍ବାହ କରିଥିଲେ । ଆୟୋଜକ ଜୟ ଜଗନ୍ନାଥ କ୍ରିକେଟ କମିଟିର ସମସ୍ତ ସଦସ୍ୟ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ ।

# ସ୍ତ୍ରୀର ତଣ୍ଟିଚିପି ହତ୍ୟାକଲା ସ୍ୱାମୀ

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା,୧୮ ।୨(ସମିସ): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଜାମପଡ଼ା ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଜାମପଡ଼ା ଗାଁର ବୈଶାଖୁ ରଣା ନିଜ ସ୍ତ୍ରୀ ପୁଷ୍ପାଞ୍ଜଳି ରଣାକୁ ମଙ୍ଗଳବାର ମଧ୍ୟ ରାତିରେ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏନେଇ ପୁଷ୍ପାଞ୍ଜଳିଙ୍କ ବାପା ଲମ୍ବୋଦର ରଣା ଅଭିଯୋଗ କରିଛନ୍ତି ।



ଗତ କିଛିବର୍ଷ ହେଲା ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପାରିବାରିକ କଳହ ଲାଗିରହୁଥିବା ବେଳେ ବିଭିନ୍ନ ସମୟରେ ମଦ୍ୟପାନ କରି ସ୍ତ୍ରୀକୁ ମାଡ଼ ମାରୁଥିଲା ବୈଶାଖୁ । ହେଲେ ମଙ୍ଗଳବାର ରାତିରେ ତଣ୍ଟି ଚିପି ହତ୍ୟା କଲା କରିଛି ବୈଶାଖୁ । ଏହାପରେ ଶଶୁର ଘରକୁ ଫୋନ କରି ତୁମ ଝିଅ ବିଷପିଇ ଦେଇଛି ବୋଲି ଖବର ଦେଇଥିଲା । ସକାଳୁ ମୃତ ମହିଳାଙ୍କ ବାପା ଆସି ଦେଖିଲାବେଳକୁ ତାଙ୍କ ଝିଅର ଗଳାରେ କଳା ଦାଗ ଥିବା ଦେଖି ତଣ୍ଟିଚିପି ହତ୍ୟା କରାଯାଇଛି ବୋଲି ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ବୈଶାଖୁକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ନେଇ ଟିଟିଲାଗଡ଼ ଏସ୍‌ଡିପିଓ ସୂଚନା ଦେଇଛନ୍ତି ।

## ଲୋଇସିଂହା ଦେଖିବ ପ୍ରଥମ ପୌର ନିର୍ବାଚନ

# ଚାଲିଛି ପ୍ରଶାସନିକ ପ୍ରସ୍ତୁତି, ନିର୍ବାଚନକୁ ନେଇ ଉତ୍ସାହ

ବଲାଙ୍ଗିର,୧୮ ।୨(ସମିସ)

ରାଜ୍ୟରେ ଆଉ କିଛି ମାସ ପରେ ଅନୁଷ୍ଠିତ ହେବ ପୌର ନିର୍ବାଚନ । ନବ ଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନୋଟିଫିକେସନ ଜାରି ହେବା ପରେ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି । ମାର୍ଚ୍ଚ ସୁଦ୍ଧା ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ରହିଛି । ବଲାଙ୍ଗିର ଜିଲ୍ଲାର ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଲୋଇସିଂହାରେ ଏହାର ପ୍ରସ୍ତୁତି ଦେଖିବାକୁ ମିଳିଛି । ଗୋଟିଏ ପଟେ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି । ସେହିଭଳି ନିର୍ବାଚନକୁ ନେଇ ଯଦିଓ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି; କିନ୍ତୁ ରାଜନୈତିକ ଦଳ ପକ୍ଷରୁ ସେହିଭଳି କୌଣସି ଉତ୍ସାହ ଦେଖିବାକୁ ମିଳିନାହିଁ ।

ରାଜ୍ୟ ରେ ୨୮ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଗଠନ କରାଯାଇଛି । ଏଥିରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ରହିଛି । ଜୁନ ସୁଦ୍ଧା ଏନ୍‌ଏସି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ଜିଲ୍ଲା

- ନୀରବ ରାଜନୈତିକ ଦଳ
- ୧୪ ୱାର୍ଡକୁ ନେଇ ଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦ
- ସୀମା ନିର୍ଦ୍ଧାରଣ ପରେ ସଂରକ୍ଷଣ ତାଲିକା ପ୍ରକାଶିତ

ଓ ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ସୀମା ନିର୍ଦ୍ଧାରଣ କରି ପ୍ରାଥମିକ ୱାର୍ଡ ଓ ସଂରକ୍ଷଣ ତାଲିକା ପ୍ରସ୍ତୁତି କରାଯାଇଛି । ୧୦ଖଣ୍ଡ ଗାଁକୁ ନେଇ ଗଠିତ ନୂତନ ଲୋଇସିଂହା ଏନଏସିକୁ ୧୪ ୱାର୍ଡରେ ବିଭକ୍ତ କରାଯାଇଛି । ଏହି ତାଲିକା ଅନୁସାରେ କର୍ଲିପାଟ ୮ନମ୍ବର ୱାର୍ଡରେ ୩ କିମି ଦୂର ଲୋଇସିଂହାର ଚମାରପଡା ବସ୍ତି ମିଶ୍ରଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଲୋଇସିଂହା, ବୁର୍ଡା ପଞ୍ଚାୟତର ସମସ୍ତ ଗାଁ ଓ ହୀରାପୁର ପଞ୍ଚାୟତର ପନେସରା, ସେମେଲମୁଣ୍ଡା ଓ ସାରେସମୁଣ୍ଡା ଗାଁକୁ ନେଇ ନୂତନ ଲୋଇସିଂହା ଏନଏସି ହୋଇଛି ।

ଲୋଇସିଂହା ପଞ୍ଚାୟତର ଢୋଲମହୁଲକୁ ଏନ୍‌ଏସିର ୧ ନଂ. ୱାର୍ଡ, ସୁଜିଆ,ବନ୍ଧଲିପଡା ଓ ପତ୍ରାପାଲି ୨ନଂ ୱାର୍ଡ, ଦଳିତ ବସ୍ତି ଓ ଘାସିପଡା ୩ନଂ ୱାର୍ଡ, ତେଲିପଡା ୪ନଂ. ୱାର୍ଡ, ତିଅରପଡା ଓ ବସ୍ତି ଜମିଦାର ଛକ ପର୍ଯ୍ୟନ୍ତ ୫ ନଂ. ୱାର୍ଡ, ନୂଆପଡା ଓ ଶିଶୁ ମନ୍ଦିର ବସ୍ତି ୬ ନଂ. ୱାର୍ଡ, ଜଡାମୁଣ୍ଡା ବସ୍ତି ୭ ନଂ. ୱାର୍ଡ, କର୍ଲିପାଟ, ପୁଟାପାଲି ଓ ଚମାର ବସ୍ତିକୁ ନେଇ ୮ନଂ.ୱାର୍ଡ କରାଯାଇଛି । ସେହିପରି ବୁଡର୍‌ା ପଞ୍ଚାୟତର ବାଞ୍ଜିପାଲି ଓ ସିଆଳବାହାଲି ୯ନଂ.ୱାର୍ଡ, ବୁର୍ଡା କଲୋନୀ, ଉପରପଡା ଓ ଦଳିତ ବସ୍ତିକୁ ନେଇ ୧୦ ନଂ. ୱାର୍ଡ, କୁମ୍ଭାରପଡା ଓ ମଧ୍ୟମପଡା ବସ୍ତି ୧୧ ନଂ. ୱାର୍ଡ, ବୁର୍ଗ ତଳିପଡା ରେଳ ଫାଟକରୁ ଘନଶ୍ୟାମ ସାହୁଙ୍କ ଘର ପର୍ଯ୍ୟନ୍ତ ୧୨ନଂ ୱାର୍ଡ, ପନେସରା ବସ୍ତି ୧୩ ଓ ସେମଲମୁଣ୍ଡା ଏବଂ ସାରେସମୁଣ୍ଡା ୧୪ନଂ. ୱାର୍ଡରେ ବିଭକ୍ତ କରାଯାଇଛି । ଏହା ସହିତ ସଂରକ୍ଷଣ ତାଲିକା ମଧ୍ୟ ପ୍ରକାଶ ପାଇଛି । ସଂରକ୍ଷଣ ତାଲିକା ଅନୁସାରେ ୱାର୍ଡ ନମ୍ବର ୧ ଅଣସଂରକ୍ଷିତ, ୱାର୍ଡ ନମ୍ବର ୨ ତଫସିଲଭୁକ୍ତ ଜନଜାତି(ମହିଳା), ୱାର୍ଡ ନମ୍ବର-୩ ତଫସିଲଭୁକ୍ତ ଜାତି(ମହିଳା), ୱାର୍ଡ ନମ୍ବର ୪ ମହିଳା, ୱାର୍ଡ ନମ୍ବର ୫ ଅଣସଂରକ୍ଷିତ, ୱାର୍ଡ ନମ୍ବର ୬ ତଫସିଲଭୁକ୍ତ ଜନଜାତି, ୱାର୍ଡ ନମ୍ବର ୭ ଅଣସଂରକ୍ଷିତ, ୱାର୍ଡ ନମ୍ବର ୮ ମହିଳା, ୱାର୍ଡ ନମ୍ବର ୯ ଅଣସଂରକ୍ଷିତ, ୱାର୍ଡ ନମ୍ବର ୧୦ ତଫସିଲଭୁକ୍ତ ଜାତି, ୱାର୍ଡ ନମ୍ବର ୧୧ ମହିଳା, ୱାର୍ଡ ନମ୍ବର ୧୨ ମହିଳା ୱାର୍ଡ ନମ୍ବର ୧୩ ଅଣସଂରକ୍ଷିତ, ୱାର୍ଡ ନମ୍ବର ୧୪ ତଫସିଲଭୁକ୍ତ ଜନଜାତି(ମହିଳା) ଙ୍କ ପାଇଁ ଡ୍ରାଫ୍ଟ ସଂରକ୍ଷିତ ତାଲିକା ପ୍ରକାଶ ପାଇଛି । ଆସନ୍ତା ୨୭ ତାରିଖରେ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ କରାଯିବ । କିଛି ୱାର୍ଡ ସଂରକ୍ଷଣକୁ ନେଇ ଲୋକେ ଅସନ୍ତୁଷ୍ଟ ଥିବା ବେଳେ ପ୍ରଶାସନ ବିନା କୌଣସି ଆଲୋଚନାରେ ଏହି ତାଲିକା ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଛି । ଗୋଟିଏ ପଟେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ବେଳେ ଅନ୍ୟପକ୍ଷରେ ପ୍ରଥମ ନିର୍ବାଚନକୁ ନେଇ ଲୋଇସିଂହାରେ ରାଜନୈତିକ ଉଷ୍ମତା ମଧ୍ୟ ପ୍ରକାଶ ପାଇଛି । ବିଭିନ୍ନ ୱାର୍ଡ ଓ ଅଧ୍ୟକ୍ଷ ଆସନକୁ ନେଇ ଅନେକ ନାମ ସାମ୍ନାକୁ ଆସୁଛି; କିନ୍ତୁ ଯେଉଁ ଭଳି ଭାବେ ରାଜନୈତିକ ଦଳ ପକ୍ଷରୁ ଉତ୍ସାହ ପ୍ରକାଶ ପାଇବା କଥା ତାହା ଦେଖିବାକୁ ମିଳୁନି । କଂଗ୍ରେସ ଏବେ ମୁଣ୍ଡିଆଳ ବିହୀନ ରହିଛି । ବିଜେପିର ବିଧାୟକ ରହିଥିବା ବେଳେ ଦଳ ପକ୍ଷରୁ ମଧ୍ୟ ସେହିଭଳି ଉତ୍ସାହ ଦେଖିବାକୁ ମିଳିନାହିଁ । ଦଳ ନୀରବ ରହିଛନ୍ତି; କିନ୍ତୁ ପ୍ରଥମ ନିର୍ବାଚନକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ରହିଛି ।

### ଲୁଟ୍ ଘଟଣାରେ ୪ ଗିରଫ

## ୫୪ଲକ୍ଷ ୪୦ ହଜାର ଟଙ୍କାର ସୁନା, ଟଙ୍କା ଜବତ



**ଖଡ଼ିଆଳ, ୧୮ ।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପୁଲିସ ଏକ ଲୁଟ ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନଗଦ ୩୭ ଲକ୍ଷ ୪୦ହଜାର ଟଙ୍କା ସମେତ ୭ ଲକ୍ଷ ଟଙ୍କାର ସୁନା ଗହଣା ଓ ୧୦ ଲକ୍ଷ ଟଙ୍କାର ରୂପା ଉଦ୍ଧାର କରିବାରେ ସଫଳ ହୋଇଛି। ସୂଚନା ଅନୁସାରେ ଗତ ଶିବରାତ୍ରି ଦିନ ବିଳମ୍ବିତ ରାତ୍ରିରେ ଖଡ଼ିଆଳ ପୁଟୁପଡ଼ା ନିବାସୀ ପ୍ରବୀଣ ଅଗ୍ରୱାଲଙ୍କ ଘରୁ ନଗଦ ୩୭ଲକ୍ଷ ୪୦ ହଜାର ୧୨୦ ଟଙ୍କା ସହ ୭ ଲକ୍ଷ ଟଙ୍କାର ସୁନା ଗହଣା ଓ ୧୦ ଲକ୍ଷ ଟଙ୍କାର ରୂପା ବିସ୍କୁଟ ଓ କଏନ ଚୋରି ହୋଇଥିଲା। ଟ୍ରେଜେରି ଟ୍ରଙ୍କ ସହ ମୋଟରେ ୫୪ଲକ୍ଷ ୪୦ହଜାର ୧୨୦ଟଙ୍କାର ସମ୍ପତି ଚୋରି ହୋଇଥିଲା। ଏନେଇ ଖଡ଼ିଆଳ ପୁଟୁପଡ଼ା ନିବାସୀ ପ୍ରବୀଣ ଅଗ୍ରୱାଲ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏସପି ଅମ୍ରିତପାଲ ସିଂ ଙ୍କ ନିର୍ଦ୍ଦେଶକ୍ରମେ ଖଡ଼ିଆଳ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ କ୍ରମେ ଲୁଟ୍ ମାମଲାରେ ବୁଧବାର ସମ୍ପୃକ୍ତ ୪ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ଠାରୁ ନଗଦ ୩୭ ଲକ୍ଷ ୪୦ ହଜାର ଟଙ୍କା ସହ ୭ ଲକ୍ଷ ଟଙ୍କାର ସୁନା ଗହଣା ଓ ୧୦ ଲକ୍ଷ ଟଙ୍କାର ରୂପା ବିସ୍କୁଟ ଓ କଏନ ଜବତ କରିଛି। ଏଥିସହ ୪ଟି ମୋବାଇଲ ଫୋନ ଓ ୨ଟି ମୋଟର ସାଇକେଲକୁ ମଧ୍ୟ ପୋଲିସ ଜବତ କରିଛି। ଗିରଫ ୪ ଜଣ ଅଭିଯୁକ୍ତ ହେଲେ ଖଡ଼ିଆଳ ଥାନା ଅନ୍ତର୍ଗତ ଅଞ୍ଚଳପୁର ଗାଁର ଗଣେଶ ଠେଲା, ଭୋଲେଶ୍ୱର ଠେଲା, ଚୂଡ଼ାମଣି କାଣ୍ଡ ଓ ହେମନ୍ତ କଟା। ଗିରଫ ୪ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ଆଇଆଇସି ସୁମନ୍ତ ନାଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ମାଟ୍ରିକ ପରୀକ୍ଷା ଆରମ୍ଭରୁ ଶିକ୍ଷା ବିଭାଗର ତ୍ରୁଟି

## ଭୂତ ଶିକ୍ଷୟିତ୍ରୀଙ୍କୁ ପରୀକ୍ଷା ପରିଦର୍ଶକ ଦାୟିତ୍ୱ

**ସିନାପାଲି, ୧୮ ।୨(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନିଲଜି ମାଟ୍ରିକ ପରିକ୍ଷା କେନ୍ଦ୍ରରେ ଭୁତ ଶିକ୍ଷୟିତ୍ରୀଙ୍କୁ ପରୀକ୍ଷା ପରିଦର୍ଶକ ଦାୟିତ୍ୱ ଭାବେ ଜିଲ୍ଲା ବିଭାଗୀୟ ପ୍ରଶାସନ ଚିଠି କରିଥିବା ବେଳେ ଶିକ୍ଷା ବିଭାଗର ଭୁଲ ତ୍ରୁଟିକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୁଷ୍ଟ ପ୍ରକାଶ ପାଉଛି। ପ୍ରାପ୍ତ ଖବର ଅନୁସାରେ ଆସନ୍ତାକାଲି (ଗୁରୁବାର) ଠାରୁ ମାଟ୍ରିକ ପରିକ୍ଷା ଆରମ୍ଭ ହେବ। ସେନେଇ ଜିଲ୍ଲା ଶିକ୍ଷା ବିଭାଗ ପରୀକ୍ଷା ସେଣ୍ଟରରେ ଶିକ୍ଷକମାନଙ୍କୁ ନିରିକ୍ଷଣ କରିବାକୁ ଗତ ୧୭ଫେବୃଆରୀ ବିଇଓ ସମେତ ପ୍ରଧାନଶିକ୍ଷକ, ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟନଙ୍କୁ ଚିଠି କରିଥିବା ଜଣାପଡ଼ିଛି। କିନ୍ତୁ ବିଭାଗୀୟ ଜିଲ୍ଲା ପ୍ରଶାସନ ଜଣେ ଶିକ୍ଷୟିତ୍ରୀ ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗରେ ନଥିବା ବେଳେ ସେହି ଶିକ୍ଷୟିତ୍ରୀଙ୍କୁ ପରୀକ୍ଷା ପରିଦର୍ଶକ ଭାବେ ଦାୟିତ୍ୱ ଭାର ଦେଇଥିବା ଲୋକଙ୍କୁ ଚକିତ କରୁଛି। ବିଭାଗୀୟ ଚିଠି ଅନୁସାରେ ସାଲେବିଡି ପ୍ରାଥମିକ ବିଦ୍ୟାଳୟରେ ନିହାରିକା ମେହେର ବୋଲି ଜଣେ ଶିକ୍ଷୟିତ୍ରୀ ନିଯୁକ୍ତି ଅଛନ୍ତି। ସେହି ଶିକ୍ଷୟିତ୍ରୀ ନିଲଜି ମାଟ୍ରିକ ପରିକ୍ଷା କେନ୍ଦ୍ରରେ ପରିକ୍ଷା ପରିଦର୍ଶକ ଭାବେ ଦାୟିତ୍ୱ ନେବେ। ହେଲେ ଏହି ନାମରେ କୌଣସି ଶିକ୍ଷୟିତ୍ରୀ ଉକ୍ତ ବିଦ୍ୟାଳୟରେ ନଥିବା ବେଳେ ଭୁତ ଶିକ୍ଷୟିତ୍ରୀ ମାଟ୍ରିକ ପରିକ୍ଷା କେନ୍ଦ୍ରରେ ଡିୟୁଟି କରିବେ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଥିବା ବେଳେ ବିଭାଗୀୟ ପ୍ରଶାସନ ଉପରେ ଅନେକ ପ୍ରଶ୍ନ ବାଚି ସୃଷ୍ଟି କରୁଛି। ବିଭାଗୀୟ ପ୍ରଶାସନ ଛାତ୍ରଛାତ୍ରୀ ସହ ଖେଳ ଖେଳୁଥିବା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ପୁଣି ଶଶି ମୁଖି ପ୍ରଧାନ ବୋଲି ଜଣେ ଶିକ୍ଷକ ସାଲେବିଡି ସ୍କୁଲରେ ନିଯୁକ୍ତି ଥିବାବେଳେ ଚିଠିରେ ନିଲଜି ସରକାରୀ ୟୁପିଏସ ସ୍କୁଲ ବୋଲି ଉଲ୍ଲେଖ ରହିଥିବା ବେଳେ ସିନାପାଲି ଅଞ୍ଚଳର ବିଭିନ୍ନ ମହଲରେ ଅସନ୍ତୁଷ୍ଟ ପ୍ରକାଶ ପାଉଛି। ଏନେଇ ନିଲଜି କ୍ଲଷ୍ଟର ସିଆରସିସିଙ୍କୁ ପଚାରିବାରୁ ନିହାରିକା ମେହେର ବୋଲି କୌଣସି ଶିକ୍ଷୟିତ୍ରୀ ନାହାଁନ୍ତି। ଶିକ୍ଷକ ଶ୍ରୀ ପ୍ରଧାନ ସାଲେବିଡି ସ୍କୁଲର ହୋଇଥିବା ବେଳେ ତାଙ୍କୁ ନିଲଜି ସ୍କୁଲ ଦର୍ଶାଇଥିବା କହିଛନ୍ତି। ଏନେଇ ବିଇଓ ଜତିନ୍ଦ୍ର କୁମାର ସେଠଙ୍କୁ ପଚାରିବାରୁ ଏହା ଜିଲ୍ଲା ଶିକ୍ଷା ଅଫିସରେ ହୋଇଛି। ସେହିଭୁଲ ତ୍ରୁଟିକୁ ତୁରନ୍ତ ସଂଶୋଧନ କରିବାକୁ କହୁଛି ବୋଲି କହିଛନ୍ତି। ଏନେଇ ଜିଲ୍ଲାପାଳ ଦୁଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏକ ଗୁରୁତ୍ୱ ବହନ କରୁଥିବା ମାଟ୍ରିକ ପରୀକ୍ଷାରେ ଏଭଳି ଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଉଛି

## ୬୦ଟି କେନ୍ଦ୍ରରେ ୯ ୬୩୬ ପରୀକ୍ଷାର୍ଥୀ

**ନୂଆପଡ଼ା, ୧୮ ।୨(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଗୁରୁବାର ଠାରୁ ରାଜ୍ୟ ବ୍ୟାପି ଆରମ୍ଭ ହେଉଥିବା ବେଳେ ନୂଆପଡ଼ାରେ ମଧ ପରୀକ୍ଷା ଆରମ୍ଭ ହେଉଛି। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ଜିଲ୍ଲାରେ ଏଥର ୬୦ଟି ପରୀକ୍ଷା କେନ୍ଦ୍ରରେ ୧୫୫ଟି ହାଇସ୍କୁଲରୁ ୯୬୩୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜିଲ୍ଲା ଶିକ୍ଷାବିଭାଗ ତରଫରୁ ସୂଚନା ଦିଆଯାଇଛି। ପ୍ରାପ୍ତ ସୂଚନାନୁଯାୟୀ ଗୁରୁବାର ଅର୍ଥାତ ୧୯ ଫେବୃୟାରୀଠାରୁ ମାର୍ଚ୍ଚ ମାସ ୨ ତାରିଖ ଯାଏଁ ପରୀକ୍ଷା ଚାଲିବ। ଏଥିସକାଶେ ୫ଟି ବ୍ଲକରେ ୫ଟି ଭିନ୍ନ ଭିନ୍ନ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବରେ ଗ୍ରହଣ କରାଯାଇଛି। ସେଠାରେ ଆବଶ୍ୟକ ପ୍ରଶ୍ନ ଏବଂ ଉତର ପତ୍ର ରହିଛି। ଏସବୁ ପ୍ରତ୍ୟହ ପରୀକ୍ଷା ଦିନ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରକୁ ଯିବାର ବ୍ୟବସ୍ଥା ରହିଛି। ନୋଡାଲ ସେଣ୍ଟର ଗୁଡିକରେ କଡା ସୁରକ୍ଷା ବଳୟ ଭିତରେ ପ୍ରଶ୍ନପତ୍ର ରଖାଯାଇଛି। ଏହିଭଳି ସବୁ ପରୀକ୍ଷା କେନ୍ଦ୍ର ସିସିଟିଭି ସଭିଲେନ୍ସ ଭିତରେ ରହିଛି। କୌଣସି ପ୍ରକାର ଅଘଟଣକୁ ଏହାଇବାକୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ପରୀକ୍ଷା ପରିଚାଳନା ସହ ତଦାରଖ ସକାଶ ଜିଲ୍ଲାସ୍ତରୀୟ ଏବଂ ଏକ ରାଜ୍ୟସ୍ତରୀୟ ସ୍କ୍ୱର୍ଡ ପରିକ୍ରମା କରିବାର ବ୍ୟବସ୍ଥା ରହିଛି।

**ଆଜିଠୁ ମାଟ୍ରିକ ପରୀକ୍ଷା**

## ଲାଞ୍ଜିଗଡ଼ ବ୍ଲକ୍‌ର ୮ କେନ୍ଦ୍ରରେ ୧୩୬୪ ପରିକ୍ଷାର୍ଥୀ

**ଲାଞ୍ଜିଗଡ଼, ୧୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ୨୬ଟି କ୍ଲଷ୍ଟରେର ୨୫ଟି ହାଇସ୍କୁଲ ରହିଥିବା ବେଳେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଲାଞ୍ଜିଗଡ଼ ବ୍ଲକ ଅଧିନସ୍ଥ ୮ଟି ପରୀକ୍ଷା କେନ୍ଦ୍ରରେ୧୩୬୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ସୂଚନାରୁ ଜଣାପଡ଼ିଛି। ପରୀକ୍ଷାର୍ଥୀ ଓ ଅଭିଭାବକ ଯେମିତି ହଇରାଣ ନହୁଅନ୍ତୁ ସେଥିପାଇଁ ରାଜ୍ୟ ସରକାର ଯତ୍ନବାନ ରହିଥିବା ଜଣାପଡ଼ିଛି। ଲାଞ୍ଜିଗଡ଼ ବ୍ଲକର ମଧୁପୁର ପିଏମଶ୍ରୀ ବିଦ୍ୟାଳୟ, ଲାଞ୍ଜିଗଡ଼ରୋଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଶ୍ୱନାପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଯୋଡାବନ୍ଧ ଉଚ୍ଚ ବିଦ୍ୟାଳୟ, ଲାଞ୍ଜିଗଡ଼ଏସଏସଡି, ଲାଞ୍ଜିଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୂଷାନାଳ ଉଚ୍ଚ ବିଦ୍ୟାଳୟ, ବେନଗାଁ ସରକାର ଉଚ୍ଚ ବିଦ୍ୟାଳୟ ଏଭଳି ୮ଟି କେନ୍ଦ୍ର କରାଯାଇଥିବା ସୂଚନା ମିଳିଛି।ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ସାଙ୍ଗକୁ ଅନ୍ୟାନ୍ୟ ଆନୁସଙ୍ଗୀକ ବ୍ୟବସ୍ଥା କରାଯାଇ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ପୂର୍ଣ୍ଣ ଚେଷ୍ଟିତ ରହିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଶ୍ନପତ୍ର ରଖା ଯାଇଥିବା ଷ୍ଟ୍ରଙ୍ଗ ରୁମରେ ପୁଲିସ ପହରା ଦେଉଥିବା ଦେଖିବାକୁ ମିଳୁଛି। ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ନୋଡାଲ କେନ୍ଦ୍ରରୁ ପ୍ରତି ପରୀକ୍ଷା ଦିନ ସକାଳେ ସ୍ୱତନ୍ତ୍ର ଟିମ୍ ସୁରକ୍ଷାବଳ ସହ ପ୍ରଶ୍ନପତ୍ର ନେଇ କେନ୍ଦ୍ର ଗୁଡିକରେ ପହଞ୍ଚାଇବେ। ଏବଂ ଅପେକ୍ଷା କରି ପରୀକ୍ଷା ସରିଯିବା ମାତ୍ରକେ ଉତ୍ତର ଖାତା ଗୁଡିକ ନେଇଆସି ଲାଞ୍ଜିଗଡ଼ ନୋଡାଲ କେନ୍ଦ୍ରରେ ଜମାଦେବେ। ସେଠାରୁ ବୋର୍ଡ କର୍ତ୍ତୃପକ୍ଷ ଉତ୍ତର ଖାତା ଗୁଡିକ ନେଇକି ଯିବାର ପ୍ରାବଧାନ ରହିଛି। ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବରେ କେମିତି ପରୀକ୍ଷା ପରିଚାଳନା ହୋଇପାରିବ ସେଥିପାଇଁ ପୁଲିସ, ପ୍ରଶାସନ ଓ ଶିକ୍ଷା ବିଭାଗ ତତ୍ପର ରହିଛି ବୋଲି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ ଓ ସୁଢ଼ଳଦେବ ମୁଣ୍ଡ କହିଛନ୍ତି।

### ନିୟମିତକରଣ ଓ ବେତନ ବୃଦ୍ଧି ଦାବି

## ଜିଲ୍ଲାପାଳ ଏବଂ ସିଡିଏମ୍‌ଙ୍କୁ ଦାବିପତ୍ର

**ଭବାନୀପାଟଣା, ୧୮ ।୨ (ସମିସ):** ରାଜ୍ୟ ସଂଘର ଆହ୍ୱାନକ୍ରମେ ବୁଧବାର କଳାହାଣ୍ଡି ଜିଲ୍ଲା ପାରାମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ନିୟମିତକରଣ ଓ ବେତନ ବୃଦ୍ଧି ଦାବି ନେଇଁ ସ୍ଥାନୀୟ ଜିଲ୍ଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



କରାଯାଇଛି। ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ପାରାମେଡିକାଲ କର୍ମଚାରୀମାନେ ଗତ ୧୨ ରୁ ୨୦ ବର୍ଷ ହେଲା ରାଜ୍ୟର ଦୁର୍ଗମ ତଥା ଆଦିବାସୀ ବହୁଳ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ ହୋଇ କାର୍ଯ୍ୟ କରି ଆସୁଛନ୍ତି। ସେହିପରି ଏହି କର୍ମଚାରୀମାନେ ବିଦ୍ୟାଳୟଗୁଡ଼ିକରେ ମଧ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରି ହଜାର ହଜାର ଶିଶୁଙ୍କ ମଧ୍ୟରେ ଜନ୍ମଗତ ହୃଦରୋଗ, ଥାଲାସେମିଆ, ସିକଲସେଲ ଆନିମିଆ, ଦୃଷ୍ଟି ଓ ଶ୍ରବଣହୀନତା ଭଳି ଗୁରୁତର ରୋଗ ଚିହ୍ନଟ କରି ସମୟୋଚିତ ଚିକିତ୍ସା ଓ ରେଫର୍ ଦ୍ୱାରା ଚିକିତ୍ସା ଯୋଗାଉଛନ୍ତି। ଏହାସହ କିଶୋର ସ୍ୱାସ୍ଥ୍ୟ, ଔଷଧ ବଣ୍ଟନ, ଟୀକାକରଣ ଅଭିଯାନ, ଜନସଚେତନତା, ଆବଶ୍ୟକ ସ୍ଥଳେ ଡି ଡି ସି-ନିରାମୟ, ଓପିଡ଼ି ଆଇ ପିଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ ନିଭାଉଛନ୍ତି। ହେଲେ ଦୀର୍ଘ ବର୍ଷର ନିଷ୍ଠାପର ସେବା, ତ୍ୟାଗ ଓ ଅବଦାନ ସତ୍ତ୍ୱେ ମଧ କର୍ମଚାରୀମାନେ ଚୁକ୍ତି ଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ଶୀଘ୍ର ଚୁକ୍ତି ଭିତ୍ତିକ ଉଠାଇ ନିୟମିତକରଣ ଓ ବେତନ ବୃଦ୍ଧି ପାଇଁ ଦାବି କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ଉପରୋକ୍ତ ପ୍ରମୁଖ ଦାବିର ସମାଧାନ କରା ନ ଗଲେ କାର୍ଯ୍ୟରେ ଅସହଯୋଗ କରିବୁ ବୋଲି ଦାବି ପତ୍ରରେ ଚେତାବନୀ ଦିଆଯାଇଛି। ସିଡିଏମଓଙ୍କୁ ଦାବିପତ୍ର ଦେବା ସମୟରେ ପାରାମେଡିକାଲ କର୍ମଚାରୀ ସରିତା ମୁଣ୍ଡ, ଶୋଭାଗିନୀ ଦୀପ, ଶ୍ରୀନିବାସ ତ୍ରିପାଠୀ, ଜୟଶ୍ରୀ ନାୟକ, ସୌଦାମିନୀ ନାଗ, ନିଲୁ ବେହେରା, ସୁପ୍ରଭା ଦେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଡାକ୍ତର ବଦଳି କୁନେଇ ଆନ୍ଦୋଳନ ଚେତାବନୀ

**କନ୍ଧମାଳ, ୧୮ ।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସପ୍ତାହେ ତଳେ ଯୋଗଦାନ କରିଥିବା ଦୁଇ ଡାକ୍ତରଙ୍କ ବଦଳିକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁଯାୟୀ ଗତ ସପ୍ତାହେ ତଳେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁରୋଗ ବିଶେଷଜ୍ଞ ଓ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଯୋଗଦାନ କରିଥିଲେ। ଫଳରେ ବହୁ ଦିନରୁ ଡାକ୍ତର ନିଯୁକ୍ତି ପାଇଁ ଦାବି କରୁଥିବା ସ୍ଥାନୀୟ ଜନ ସାଧାରଣଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଥିଲା। ମାତ୍ର ଉଭୟ ଡାକ୍ତର ଯୋଗଦାନ କରିବାର ସପ୍ତାହେ ମଧ୍ୟରେ ସିଡିଏମଓ ଉଭୟଙ୍କୁ ବୌଦ୍ଧ ଡାକ୍ତରଖାନାକୁ ବଦଳି କରିଥିଲେ। ଆଜି ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣିବା ପରେ ଡାକ୍ତରଖାନା ଆସି ବିକଳ୍ପ ବ୍ୟବସ୍ଥା ହୋଇନଥିବା ସତ୍ତ୍ୱେ ଉଭୟ ବିଶେଷଜ୍ଞ ଡାକ୍ତରଙ୍କୁ କାହିଁକି ରିଲିଫ୍ କରାଗଲା ବୋଲି ଡାକ୍ତରଖାନା ଅଧୀକ୍ଷକ ମହେନ୍ଦ୍ର କୁମାର ସଏଙ୍କୁ ପ୍ରଶ୍ନ କରିଥିଲେ। ବାରମ୍ବାର ବଦଳି ହେଉଥିଲେ ମଧ କିଛି ଦିନ ପରେ ପୁଣି ଏଠାକୁ ବଦଳି ହୋଇ ଆସି ଶ୍ରୀ ସଏ ମନମୁଣ୍ଡା ଡାକ୍ତର ଖାନାରେ ଦୀର୍ଘ ୨୦ ବର୍ଷ ହେଲା ଆସ୍ଥାନ ଜମାଇ ନୂତନ ଭାବରେ ଆସୁଥିବା ଡାକ୍ତରଙ୍କୁ ଉପରିସ୍ଥ ଅଧିକାରୀଙ୍କୁ ଧରି ବଦଳି କରାଉଥିବା ଅଭିଯୋଗ କରିଥିଲେ। ଅଧୀକ୍ଷକଙ୍କ ବଦଳି ଓ ବିଶେଷଜ୍ଞ ଡାକ୍ତର ପଦପୂରଣ କରା ନ ଗଲେ ସ୍ଥାନୀୟ ଲୋକେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

**ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

## ବଲାଙ୍ଗିରରେ ସେକ୍ସ ରାକେଟ୍ ଠାବ

**ବଲାଙ୍ଗିର, ୧୮ ।୨(ସମିସ):** ବଲାଙ୍ଗିର ସହରରେ ପୁଣି ସେକ୍ସ ରେକେଟ ଠାବ ହୋଇଛି। ସହର ଉପକଣ୍ଠ ସୁଦପଡ଼ାର ଏକ ଘରେ ଚାଲିଥିଲା ଅନୈତିକ କାରବାର। ସୂଚନା ପାଇ ଟାଉନ ପୁଲିସ ଚଢ଼ାଉ କରି ସାତ ଜଣ ଅଟକ ଥିବା ଜଣାପଡ଼ିଛି।ବଲାଙ୍ଗିର ସହରରେ ବିଗତ ଦିନରେ ବିଭିନ୍ନ ସ୍ଥାନରେ ଚଢାଉ କରି ସେକ୍ସ ରାକେଟ୍ ଠାବ ହୋଇଥିଲା। ତେବେ ଦୀର୍ଘ ଦିନ ହେଲା ସହରରେ ସେକ୍ସ ରାକେଟ୍ ଚାଲିଥିବା ନେଇ ଅଭିଯୋଗ ହେଉଥିବା ବେଳେ ପୁଲିସ ନୀରବ ରହୁଥିବା ଦେଖିବାକୁ ମିଳିଥିଲା। ତେବେ ବୁଧବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସହର ଉପକଣ୍ଠ ସୁଦପଡ଼ା ଗ୍ୟାସ ଗୋଦାମ ପାଖରେ ଥିବା ଏକ ଘରେ ଟାଉନ ପୁଲିସ ଟିମ୍ ଚଢ଼ାଉ କରିଥିଲା।ଉକ୍ତ ଘରେ ଦେହ ବ୍ୟବସାୟ ଚାଲିଥିବା ସ୍ପଷ୍ଟ ହେବା ପରେ ସାତ ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ପୁଲିସ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେଇନଥିବା ବେଳେ ଏମାନଙ୍କ ମଧ ରେ ଘର ମାଲିକାଣୀ ସହ ଦୁଇ ଯୁବତୀ, ଚାରି ଜଣ ଗ୍ରାହକ ଥିବା ସୂଚନା ମିଳିଛି। ଏନେଇ ପୁଲିସ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ବିଶ୍ୱାବସୁ ଶବର ସଂଘର ଆଞ୍ଚଳିକସ୍ତରୀୟ ବାର୍ଷିକ ଉତ୍ସବ



**ଦେଓଗାଁ, ୧୮ ।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାରରସମାଲଠାରେ ଆଞ୍ଚଳିକ କେନ୍ଦ୍ର ବଡ଼ବନ୍ଧ ଆନୁକୂଲ୍ୟରେ ବିଶ୍ୱାବସୁ ଶବର ସଂଘରଂଆଞ୍ଚଳିକସ୍ତରୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବିରାଜ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆଦିବାସୀ ସଂଘ ସଭାପତି ସତ୍ୟ ନାରାୟଣ ଭୋଇ, ବିଶ୍ୱାବସୁ ଶବର ସଂଘ ସଭାପତି ଯଥା ବିଶ୍ୱାଳ, ରାହାସ ବିହାରୀ ଭୋଇ, ଜିଲ୍ଲା ସମ୍ପାଦକ ବିଶ୍ୱମ୍ବର ଭୋଇ, ଜିଲ୍ଲା କୃଷି ଅଧିକାରୀ ଧିରେନ୍ଦ୍ର ସିଂ ବରିହା, କବିରାଜ ମଲ୍ଲିକ, ରାଜୁ କାଲସାଏ, ବୁଡୁକୁ ବନଗୋଲା, ସୁଦର୍ଶନ ବୁଡେକ, ଚରଣ ଭୋଇ, କଲାର ଭୋଇ, ଦଶ ମଲ୍ଲିକ, ଶ୍ୟାମଷାଣ୍ଡେ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସଂଘର ସମ୍ପାଦକ ରବିଚନ୍ଦ୍ର ବୁଡେକ, ଦୀନବନ୍ଧୁ ବେହେରା, ଚମ୍ପେଶ୍ୱର ଭୋଇ, ଶୁକଦେବ ନାଗ, ନାରାୟଣ ଭୋଇ ତଥା ଅଞ୍ଚଳର ସମସ୍ତ ଶବର ସମାଜବୃନ୍ଦ ସହଯୋଗ କରିଥିଲେ।

## ଗିଟାର ଚୋରି ଅଭିଯୋଗରେ ଜଣେ ଗିରଫ

**ଲୋଇସିଂହା, ୧୮ ।୨(ସମିସ):** ମେଲୋଡି କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ଜଣେ କଳାକାରଙ୍କ ଗିଟାର ଚୋରି କରିବା ଅଭିଯୋଗରେ ଲୋଇସିଂହା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଲୋଇସିଂହା ଥାନା ଅନ୍ତର୍ଗତ ଝାରବନ୍ଧଲି ଗ୍ରାମର ନିରୋଜ ମାଝୀ। ସୂଚନା ଅନୁସାରେ ଦେବଗଡ଼ ଜିଲ୍ଲାର ପିଣ୍ଟୁ କାରିଗର ଓ ତାଙ୍କ ବନ୍ଧୁ ରାଜୁ ନନ୍ଦ ଗତ ୧୭ ତାରିଖରେ ଏକ ମେଲୋଡି କାର୍ଯ୍ୟକ୍ରମ ସାରି ଫେରୁଥିଲେ। ରାମପୁର - ଲୁହୁରାମୁଣ୍ଡା ରାସ୍ତା ଦେଇ ଯାଉଥିବା ସମୟରେ ସେମାନେ ଶୌଚ ପାଇଁ ଗାଡ଼ି ଅଟକାଇଥିଲେ। ଏହି ସମୟର ସୁଯୋଗ ନେଇ କେହି ଦୁର୍ବୃତ୍ତ ସେମାନଙ୍କ ଗାଡ଼ିରୁ ଏକ ଗିଟାର ଚୋରି କରି ନେଇଥିଲା ଏନେଇ ପିଣ୍ଟୁ ସାଲେଭଟା ଫାଣ୍ଡି ରେ ଲିଖିତ ଅଭିଯୋଗ କରିଥିଲେ। ଚୋରି ହୋଇଥିବା ଗିଟାରଟିର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୁଲିସ ଝାରବନ୍ଧଲି ଗ୍ରାମର ନିରୋଜ ମାଝୀଙ୍କୁ ଗିରଫ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## କେଳାକଟାରେ ବୁଣାକାର ସଚେତନତା ଶିବିର

**ବୌଦ୍ଧ, ୧୮ ।୨ (ସମିସ):** କେଳାକଟା ଗ୍ରାମରେ ବୁଣାକାରଙ୍କୁ ନେଇ ବୁଧବାର ସଚେତନତା ଶିବିର ତନ୍ତୁବାୟ ସମିତିର ପରିଚାଳନା ପରିଷଦର ସଭାପତି ତଥା ବରିଷ୍ଠ ବୁଣାକାର ଭାଗବତ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୟନ ଓ ହସ୍ତଶିଳ୍ପ ବିଭାଗ ଓଡ଼ିଶା ସରକାରଙ୍କ ପ୍ରାୟୋଜକରେ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଭୁବନେଶ୍ୱର ତଥା ସହକାରୀ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବୌଦ୍ଧ ମାଧ୍ୟମରେ ଏବଂ ଶୁଭକୈଳାଶୀ ତନ୍ତୁବାୟ ସହଯୋଗ ସମିତିଲିଃ, କେଳାକଟା, ବୌଦ୍ଧ ଆୟୋଜକରେ ଅନୁଷ୍ଠିତ ଶିବିରକୁ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉତ୍ପାଦନ ବୃଦ୍ଧି ହେଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ହେବା ସହିତ ଜୀବନଧାରଣରେ ଉନ୍ନତି ଘଟିବ। ଆଗାମୀ ଯୁବପିଢ଼ି ବୟନ କଳା ଭଳି ଶିଳ୍ପକୁ ଆପଣେଇ ବାରେ ଆଗଭର ହେବେ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ସମିତିର ଉପ ସହକାରୀ ନିବନ୍ଧକ ରଘୁନାଥ ପୁଝାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ବୌଦ୍ଧର ଆଇ.ପି. ଓ ଶୁଭେନ୍ଦୁ ଶେଖର ସାହୁ, ବୟନ ତତ୍ୱାବଧାରକ ଦେବେନ୍ଦ୍ର ଭୋଇ, ବୟନ ନିରୀକ୍ଷକ ପ୍ରିୟଙ୍କା ଗଡ଼ନାୟକ, ବୈଷୟିକ ସହାୟକ ଶ୍ରୀରାମ ଯାନୀ, ମିତ୍ରଭାନୁ ଭୋଇ, ଅଶୋକ ମେହେର, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିସେ। ରମେଶ ପ୍ରସାଦ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ବୁଣାକାର ପୂର୍ଣ୍ଣଚନ୍ଦ୍ର ମେହେରଙ୍କୁ ମୁଖ୍ୟଅତିଥି ଶ୍ରୀ ନାୟକ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ କେଶବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## କଇଁଫୁଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତରଭା, ୧୮ ।୨(ସମିସ):** ସୋନପୁର ବ୍ଲକ କଇଁଫୁଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସୋନପୁରର



ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ଶିଶୁମାନଙ୍କୁ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିବା ଓ ସେହି ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ତୁମେ ଯେଉଁ ସ୍ୱପ୍ନ ଦେଖୁଛ ତାକୁ ଭୁଲ ନାହିଁ, ସ୍ୱପ୍ନ ହେଉଛି ଏକ ଛୋଟ ବିଜ୍ଞାନ; ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କର, ଦେଖିବ ସ୍ୱପ୍ନ ସତ୍ୟରେ ପରିଣତ ହୋଇଯିବ ବୋଲି ସେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦାର୍ଥ ଝଙ୍କାର ଅତିଥି ପରିଚୟ ଓ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଉତ୍ସବରେ ମଲ୍ଲିକମୁଣ୍ଡା କ୍ଲଷ୍ଟର ସିଆରସିସି ରଞ୍ଜନ କୁମାର ବୁଡେକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ଼ ଡେପୁଟି କଲେକ୍ଟର ମଙ୍ଗୁଲୁ ଭୋଇ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ଷାଣ୍ଢ, ଦୋଳଗୋବିନ୍ଦ ପଣ୍ଡା ଯୋଗଦେଇଥିଲେ। ଖାରୀ କ୍ଲଷ୍ଟର ସିଆରସିସି ମନୀନ୍ଦ୍ର ମହାକୁର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭକ୍ତ ଗୁରୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ସେବା ଓ ତ୍ୟାଗ ଜାତୀୟତାର ମୂଳମନ୍ତ୍ର

## ଇଂରାଜୀ ବିଭାଗର ଜାତୀୟ ସମ୍ମାନ ଉଦ୍‌ଯାପିତ

**ଭବାନୀପାଟଣା, ୧୮ ।୨ (ସମିସ):**ନେସନ, ନେସନାଲିଟି ଆଣ୍ଡ ନେସନାଲିଜମ୍ ଇନ୍ ଏ ଗ୍ଲୋବାଲାଇଜ ୱାର୍ଲଡ: ସିଟିଜେନସିପ୍ ଆଣ୍ଡ ନ୍ୟାସନାଲ ଆଇଡିଏନଟିଟି ଇନ୍ ଲିଟରେଚର, ପପୁଲାର କଲଚର ଆଣ୍ଡ ମିଡିଆ' ଶୀର୍ଷକରେ ମା ମାଣିକେଶ୍?ରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଅନୁଷ୍ଠିତ ଦ୍ୱି ଦିବସୀୟ ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଯାଇଛି। ତ୍ୟାଗ ଓ ଉତ୍ସର୍ଗ ଦ୍ୱାରା ଜାତିର ଉନ୍ନତି ସମ୍ଭବ। ସେବା ମନୋବୃତ୍ତି ରହିଲେ ମାନବର ଅନ୍ତର୍ନିହିତ ଗୁଣାବଳୀ ବିକଶିତ ହୋଇ ଜାତୀୟତା ଓ ଜାତୀୟତାବାଦର ମହତ୍ତ୍ୱ ପ୍ରତିଷ୍ଠା ହୋଇପାରିବ ଓ ଏହିଭଳି ଜାତୀୟ ସମ୍ମାନ ସଫଳ ହୋଇପାରିବ ବୋଲି ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥିଗଣ ସମ୍ମାନର ପ୍ରଶଂସା ସହିତ ଇଂରାଜୀ ବିଭାଗର ଗୁଣଗାନ କରିଥିଲେ।ଉଦ୍‌ଯାପନୀ ସମାରୋହରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରିଥିଲେ। କୁଳସଚିବ ଡକ୍ଟର ଗୁଣନିଧି ନାଏକ ସମ୍ମାନର ମୂଲ୍ୟାୟନ କରି ଖୁସି ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିରୂପେ ବିଶିଷ୍ଟ ସାମ୍ବାଦିକ ତଥା ଲେଖକ ଉମାଶଙ୍କର କର, ଡକ୍ଟର ଉମେଶଚନ୍ଦ୍ର ଶତପଥୀ, ଡକ୍ଟର ତପନ କୁମାର ରଥ, ବଙ୍କିମ ଚନ୍ଦ୍ର ମୁଣ୍ଡ ପ୍ରମୁଖ ବିଦ୍ୱାନ ଉପସ୍ଥିତ ଥିଲେ। ଉପକୁଳସଚିବ ତଥା ଇଂରାଜୀ ବିଭାଗର ମୁଖ୍ୟ ମେଜର ଡକ୍ଟର ଜୟଦେବ ସାହୁ ଜାତୀୟ ସମ୍ମାନ ସମ୍ବନ୍ଧିତ ବିବରଣୀ ପାଠ କରିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ସଞ୍ଜିବ କୁମାର ସାହୁ ମଞ୍ଚପରିଚାଳନା



କରିଥିବାବେଳେ ସହକାରୀ ପ୍ରଫେସର ସୁବ୍ରତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରବନ୍ଧ ଉପସ୍ଥାପକ, ଉପସ୍ଥାପିକା, ଗବେଷକ, ଗବେଷିକା, ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଝରଣାରାଣୀ ଧଙ୍ଗଡ଼ାମାଝୀ, ଅମରେନ୍ଦ୍ର ମହାନ୍ତି, ଅନିତା ଆବାସ୍, ପୁଷ୍ପିତା ନାଏକ ତଥା ସମସ୍ତ ଗବେଷକ, ଗବେଷିକା ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ଉକ୍ତ ଜାତୀୟ ସମ୍ମାନ ସଫଳଭାବେ ସମାପ୍ତ ହୋଇଥିଲା।

### ଜନସେବା କ୍ଷେତ୍ରରେ କଳାହାଣ୍ଡି ପ୍ରଶାସନର ବଡ଼ ପଦକ୍ଷେପ

## ଲୋକାର୍ପିତ ହେଲା ଏଆଇ ଚାଟବଟ୍ 'ଆମର ସହାୟକ'

**ଭବାନୀପାଟଣା, ୧୮ ।୨(ସମିସ)**

ଡିଜିଟାଲ୍ ଶାସନ ଏବଂ ଜନକୈନ୍ଦ୍ରିକ ପ୍ରଶାସନ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଅତ୍ୟାଧୁନିକ ଏଆଇ ଚାଳିତ ଚାଟବଟ୍ 'ଆମର ସହାୟକ'ର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସ୍ୱତନ୍ତ୍ର କର୍ମଶାଳା ତଥା ଉଦ୍‌ଘାଟନୀ ସମାରୋହରେ ଲୋକାର୍ପିତ କରାଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଭାରତୀୟ ପ୍ରଶାସନିକ ସେବା ପ୍ରଶିକ୍ଷଣାର୍ଥୀ ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଡିଏମ୍‌ଏଫ୍ କଳାହାଣ୍ଡିର ଟିମ୍ ଲିଡ୍ ପ୍ରଶାନ୍ତ ମିଶ୍ର ପରିଚାଳନା କରିଥିଲେ। ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଥିଲେ ଯେ, 'ଆମର ସହାୟକ' ପ୍ରଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଡିଜିଟାଲ୍ ରୂପାନ୍ତରଣର ସଫଳତା ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ନିର୍ଭର କରେ



ବୋଲି ମତ ଦେଇଥିଲେ। ଜନସାଧାରଣଙ୍କୁ ଅଧିକ ଦକ୍ଷତାର ସହ ସାହାଯ୍ୟ କରିବା ପାଇଁ ସମସ୍ତ ବିଭାଗୀୟ ସେବାକୁ ଏହି ପ୍ଲାଟଫର୍ମ ସହ ଯୋଡ଼ିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। 'ଆମର ସହାୟକ' ହେଉଛି ଏକ ଅତ୍ୟାଧୁନିକ ଜେନେରେଟିଭ୍ ଏଆଇ ଏବଂ ରିଟ୍ରିଭାଲ୍-ଅଗମେଣ୍ଟେଡ୍ ଜେନେରେସନ୍ ଭିତ୍ତିକ ସହାୟକ। ହ୍ୱାଟସ୍‌ଆପ୍ ମାଧ୍ୟମରେ ଉପଲବ୍ଧ ଏହି ଚାଟବଟ୍ ନାଗରିକଙ୍କୁ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ସହଜ ସେବା ପ୍ରଦାନ କରିବାକୁ ଡିଜାଇନ୍ କରାଯାଇଛି। ଚାଟବଟ୍‌ର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ମଧ୍ୟରେ ଅଭିଯୋଗ ସମାଧାନ କରିହେବ। ନାଗରିକମାନେ ବର୍ତ୍ତମାନ ସେମାନଙ୍କ ମୋବାଇଲ୍ ଫୋନ୍ ମାଧ୍ୟମରେ ସିଧାସଳଖ ଅଭିଯୋଗ ପଞ୍ଜିକୃତ କରିପାରିବେ ଏବଂ ସ୍ଥିତି ଯାଞ୍ଚ କରିପାରିବେ। ବିଭିନ୍ନ ସରକାରୀ ଯୋଜନା, ଯୋଗ୍ୟତା ମାପଦଣ୍ଡ ଏବଂ ବିଭାଗୀୟ ପ୍ରକ୍ରିୟା ସମ୍ପର୍କରେ ଏହି ବୋଟ୍ ତୁରନ୍ତ ଏବଂ ସଠିକ୍ ସୂଚନା ପ୍ରଦାନ କରିବ। ଏହା ୨୪/୭ ଡିଜିଟାଲ୍ ସହାୟକ ଭାବରେ କାର୍ଯ୍ୟ କରିବ ଏବଂ ଅତ୍ୟାବଶ୍ୟକ ସେବା ତଥା ପ୍ରଶାସନିକ ଘୋଷଣା ସମ୍ପର୍କରେ ସୂଚନା ଦେବ। ଏହା 'ସ୍ମାର୍ଟ' ପ୍ରଶାସନ ଦିଗରେ ଏକ ପଦକ୍ଷେପ।କର୍ମଶାଳା ସମୟରେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ପାଇଁ ଏକ ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା। 'ଆମର ସହାୟକ'ପ୍ଲାଟଫର୍ମ ମାଧ୍ୟମରେ ସରକାରୀ ସେବାକୁ ଅଧିକ ସ୍ୱଚ୍ଛ, ସହଜଲଭ୍ୟ ଏବଂ ଉତ୍ତରଦାୟୀ କରିବା ଜିଲ୍ଲା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ।

# ବିକ୍ରମଙ୍କୁ ଡାକ୍ତରଖାନାରେ ଭେଟିଲେ ବିଜେଡିର ବରିଷ୍ଠ ନେତା

ବ୍ରହ୍ମପୁର,୧୮।୨(ସମିସ): ବିକ୍ରମଙ୍କ ଅପରେସନ ଜରୁରୀ ଥିବାବେଳେ ପୁଲିସ ରାତି ଅଧିଆ ପୁଣି ଜେଲକୁ ନେବାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି। ଆଜି ହସ୍ପିଟାଲରେ ବିକ୍ରମଙ୍କୁ ଭେଟିଥିବା ବରିଷ୍ଠ ବିଜେଡି ନେତାମାନେ ସିଧାସଳଖ ଏହାକୁ ନିନ୍ଦା କରିଛନ୍ତି। ବ୍ରହ୍ମପୁରରେ ବିଜେଡି ପକ୍ଷରୁ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମ ପରେ ଦଳର ବରିଷ୍ଠ ନେତୃବୃନ୍ଦ ବିକ୍ରମଙ୍କୁ ଭେଟି ଆଲୋଚନା କରିଥିଲେ। ତାଙ୍କ ପ୍ରତି କରାଯାଉଥିବା ଅତ୍ୟାଚାର ସମ୍ପର୍କରେ ଖୋଦ୍ ବିକ୍ରମଙ୍କ ମୁହଁରୁ ଶୁଣି ଚିନ୍ତା ପ୍ରକଟ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ତଥା ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ବିଜେଡି ମୁଖପାତ୍ର ଡଃ ଲେଳିନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ତୃମ୍ପନାଥ ପଣ୍ଡା, ହରପ୍ରସାଦ ସାହୁ, ରଂଜିତା ସାହୁ, ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଓ ଗୀତାଞ୍ଜଳି ପ୍ରଧାନ ପ୍ରମୁଖଙ୍କ ସହିତ ବିକ୍ରମଙ୍କ ପାଇଁ ମକଦ୍ଦମା ପରିଚାଳନା କରୁଥିବା ଦୁଇ ଆଇନଜୀବୀ କୁମାରକାନ୍ତ ବେହେରା ଓ ଦୀପକ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ବିଜେଡି ନେତୃବୃନ୍ଦ ବିକ୍ରମଙ୍କ ପରିବାର ବର୍ଗଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଗତ ରାତିରେ ପୁଣି ପେଟରେ ଯନ୍ତ୍ରଣା ହେବାଯୋଗୁ ବିକ୍ରମଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ଫଳରେ ତାଙ୍କର ପ୍ରାଥମିକ ସ୍ତରରୁ ପୁଣି ଆରମ୍ଭ ହୋଇଛି ଚିକିତ୍ସା। ପ୍ରଥମ ଦିନରେ ଆଜି ରକ୍ତ ପରୀକ୍ଷା ସହିତ ପୁନଃ ଅଲଟ୍ରାସାଉଣ୍ଡ କରାଯାଇଛି। ଗଲବ୍ଲାଡର ଷ୍ଟୋନର ଅସ୍ତ୍ରୋପଚାର ପାଇଁ ବିକ୍ରମ ଲିଖିତ ଭାବେ ସହମତି ପ୍ରଦାନ କରିଛନ୍ତି। ଫଳରେ ପୂର୍ବରୁ ଗଠିତ ୬ଜଣିଆ ଟିମ୍‌କୁ ବଦଳାଇ ପୁଣିଥରେ ଭେଷଜ, ଶଲ୍ୟ ଓ ନିଶ୍ଚେତକ ବିଭାଗର ବିଶେଷଜ୍ଞଙ୍କୁ ନେଇ ନୂଆ ୬ ଜଣିଆ କମିଟି ଗଠନ କରାଯାଇଥିବା ଡାକ୍ତରଖାନାର ଅଧୀକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀ କହିଛନ୍ତି। ସେପଟେ ବିକ୍ରମଙ୍କ ସହାୟତା ପାଇଁ ତାଙ୍କ ନିକଟରେ ଆଟେଣ୍ଡାଣ୍ଟ ନଥିବାରୁ ପରିବାର ସଦସ୍ୟଙ୍କୁ ଅନୁମତି ଦେବାକୁ ଜେଲ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା। କର୍ତ୍ତୃପକ୍ଷ ବିକ୍ରମଙ୍କ ନିକଟରେ ତାଙ୍କ ପତ୍ନୀଙ୍କୁ ସହାୟତା ପାଇଁ ରହିବାକୁ ଅନୁମତି ଦେଇଛନ୍ତି।



ଅନ୍ୟପକ୍ଷରେ ପୀତବାସ ପଣ୍ଡା ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ତଥା କର୍ପୋରେଟର ମଳୟ ବିଶୋୟୀଙ୍କୁ ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ଓ ଡାଇବେଟିସ୍ ଯୋଗୁଁ ଏମ୍‌କେସିଜି ମେଡିସିନ୍ ୟୁନିଟ୍‌ରେ ଭର୍ତ୍ତି କରାଯାଇଛି।

## ବିଧାନସଭା ଖବର

### ପିଏମ୍ ସୂର୍ଯ୍ୟଘର ସଫଳତା ୨୨%

ଭୁବନେଶ୍ୱର,୧୮।୨(ସମିସ): ଫେବୃଆରୀ ୧୦ ସୁଦ୍ଧା ରାଜ୍ୟର ୩୬,୫୩୭ଟି ସୌର ପ୍ରକଳ୍ପ ସ୍ଥାପନ କରାଯାଇଛି, ଯାହା ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୨୨.୧୪ ପ୍ରତିଶତ ବୋଲି ବୁଧବାର ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ସେ କହିଛନ୍ତି ଯେ ୨୦୨୭ ସୁଦ୍ଧା ୩ ଲକ୍ଷ ପରିବାରକୁ ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୧,୭୯,୮୧୫ ଜଣ ହିତାଧିକାରୀ ଏହି ଯୋଜନା ପାଇଁ ଆବେଦନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ୫୦ହଜାର ପରିବାର, ୨୦୨୫-୨୬ ଆର୍ଥିକ ବର୍ଷରେ ୨ ଲକ୍ଷ ୫୦ ହଜାର ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି।

### ଓଡ଼ିଶାରେ ନିମ୍ନମାନର କ୍ଷୀର ବିକ୍ରି

ଭୁବନେଶ୍ୱର,୧୮।୨(ସମିସ): ରାଜ୍ୟରେ ବିକ୍ରି ହେଉଛି ନିମ୍ନମାନର କ୍ଷୀର। ଗୃହରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ ଏହାକୁ ସ୍ୱୀକାର କରିଛନ୍ତି। ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନରେ ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ୧୦ଟି ଓଡ଼ିଶାର କମ୍ପାନୀ ଓ ୧୨ଟି ରାଜ୍ୟ ବାହାର କମ୍ପାନୀ କ୍ଷୀର ବିକ୍ରି କରୁଛନ୍ତି। ଓଡ଼ିଶା ବଜାରରେ ୨୦୨୫ରେ ୨୨ କମ୍ପାନୀର ୮୮ ନମୁନା ଯାଞ୍ଚ କରାଯାଇଥିଲା, ସେଥିରୁ ୮୦ଟି ନମୁନା ଠିକ ଥିବା ବେଳେ ୮ ଟି ନମୁନା ନିମ୍ନମାନର ଆସିଥିଲା। ତେବେ କେଉଁ କମ୍ପାନୀର କ୍ଷୀର ନିମ୍ନମାନର ତାହା ମନ୍ତ୍ରୀ ପ୍ରକାଶ କରିନାହାନ୍ତି।

### ବଜାରରୁ ସ୍ମାର୍ଟ ମିଟର କ୍ରୟ ବିକଳ୍ପ

ଭୁବନେଶ୍ୱର,୧୮।୨(ସମିସ): ଟାଟା ପାୱାରର ବିଦ୍ୟୁତ ବିତରଣ କମ୍ପାନୀମାନଙ୍କ ଦ୍ୱାରା ଅନୁମୋଦିତ ସ୍ମାର୍ଟ ମିଟରଗୁଡ଼ିକୁ ଖୋଲା ବଜାରରେ ଉପଲବ୍ଧ କରିବାପାଇଁ ସମସ୍ତ ମିଟର ନିର୍ମାତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଧାନସଭାରେ କହିଛନ୍ତି ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ସେ କହିଛନ୍ତି ଯେ ଟାଟା ପାୱାର ଦ୍ୱାରା ଲଗାଯାଉଥିବା ମିଟରର ମୂଲ୍ୟ ଭଡା ଆଧାରରେ ଗ୍ରାହକମାନଙ୍କ ଠାରୁ ଆଦାୟ କରାଯାଇଥାଏ। ସିଙ୍ଗଲ ଫେଜ୍ ଷ୍ଟାଟିକ୍ ମିଟରର ମାସିକ ଭଡା ୪୦ ଟଙ୍କା ଓ ଏଲଟି ସିଙ୍ଗିଲ ଲାଇନ୍‌ର ସ୍ମାର୍ଟ ମିଟରର ମାସିକ ଭଡା ୬୦ ଟଙ୍କା ରଖାଯାଇଛି। ଅନୁରୂପ ଭାବରେ ଥ୍ରିଫେଜ୍ ସ୍ମାର୍ଟ ମିଟର ପାଇଁ ମାସକୁ ୧୫୦ ଟଙ୍କା ଧାର୍ଯ୍ୟ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

■ ଗିରଫଦାରୀ ବେଳେ ଆଇନ ବ୍ୟବସ୍ଥା କାର୍ଯ୍ୟକାରୀ ପ୍ରସଙ୍ଗ

# ପୁଲିସ ଅଧିକାରୀଙ୍କୁ ତାଲିମ ପ୍ରଦାନ କର: ହାଇକୋର୍ଟ

କଟକ,୧୮।୨(ସମିସ): ବିଭିନ୍ନ ସମୟରେ ଅପରାଧିକ ମାମଲାଗୁଡିକରେ ଅଭିଯୁକ୍ତଙ୍କୁ ଗିରଫଦାରୀ ବେଳେ ସମ୍ବିଧାନର ଧାରା ୨୨(୧) ଓ ବିଏନଏସର ଧାରା ୪୭ ଅନୁସାରେ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଅବଗତ କରାଯାଉନାହିଁ। ଆଇନରେ ଥିବା ଏଭଳି ବ୍ୟବସ୍ଥା ପାଳନ କରାଯାଉ ନଥିବା କାରଣରୁ ଅପରାଧୀମାନେ ଖସି ଯାଉଛନ୍ତି। ଏଣୁ ଆଇନରେ ଥିବା ବାଧ୍ୟତାମୂଳକ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ପୁଲିସ ଅଧିକାରୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ଦିଗରେ ଧ୍ୟାନ ଦେବାକୁ ଗୃହ ବିଭାଗ ପ୍ରମୁଖ ସଚିବ ଓ ପୁଲିସ ଡିଜିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଏଥିସହ ଉପରୋକ୍ତ ପ୍ରସଂଗରେ ଏକ ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ କହିଛନ୍ତି। ନୟାଗଡ ଜିଲ୍ଲାର ମାନ୍ଧାତାପୁରସ୍ଥିତ ଏକ ବ୍ୟାଙ୍କରୁ ୨୭ଲକ୍ଷ ଟଙ୍କା ଲୁଟ ଘଟଣାରେ ଗିରଫ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ପ୍ରମୋଦ ନାୟକ ଓ ଶିବ ଡାକୁଆଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିବାକୁ କହିବା ସହ ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ବାଧ୍ୟତାମୂଳକ ଥିବା ଉପରୋକ୍ତ ଆଇବଗତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ନଥିବାରୁ ଜାମିନ ପ୍ରଦାନ ପାଇଁ ନିବେଦନ କରି ଉପରୋକ୍ତ ତିନୋଟି ଆବେଦନ ହାଇକୋର୍ଟରେ ଦାୟର ହୋଇଥିଲା। ଏହିଭଳି କେତେକ ମାମଲାରେ ଅଭିଯୁକ୍ତ ଅପରାଧୀ ଜାମିନ ପାଉଥଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା, କୁଳଦୀପ ମହାନ୍ତି ଓ ବିଜୟ କୁମାର ବେହେରା ମାମଲା ପରିଚାଳନା କରୁଥିଲେ।

■ ମୁଖ୍ୟମନ୍ତ୍ରୀଙ୍କୁ ଯୁବ କଂଗ୍ରେସର ଚିଠି

# ଉତ୍କଳର ଗ୍ରାମୀଣ କଲେଜ କ୍ୟାମ୍ପସ କାର୍ଯ୍ୟକ୍ଷମ କରିବାକୁ ଦାବି

ଭୁବନେଶ୍ୱର, ୧୮ ।୨(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଚଣ୍ଡିଖୋଲ ଠାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ ହେଉଛି। ୨୦୧୭ ଜୁଲାଇ ୩୧ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ ପ୍ରାୟ ୯ ବର୍ଷ ହେବ ନିର୍ମାଣ କାର୍ଯ୍ୟ ସରିନାହିଁ। ଏଣୁ ଏହି ଗ୍ରାମୀଣ କ୍ୟାମ୍ପସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ସାଧାରଣ ସମ୍ପାଦକ ସୁଦୀପ୍ ସାମଲ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୧୮ ରୁ ବିଏସି ନର୍ସିଂ, ଏମବିଏ, ଏମଏସଡବ୍ଲୁ ଓ ଏମପିଏଚ୍ ପାଠପଢ଼ା ଚାଲୁଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ପାଞ୍ଚ ଶହ ଛାତ୍ରଛାତ୍ରୀ ପଢୁଥିଲେ। ମାତ୍ର ଗତ ଦେଢ଼ ବର୍ଷ ହେବ ନାମ ଲେଖା ହେଉ ନ ଥିବାବେଳେ ପାଠପଢା ଠପ୍ ହୋଇଯାଇଛି। କୋଟି କୋଟି ଟଙ୍କାରେ ନିର୍ମିତ ଗ୍ରାମୀଣ କ୍ୟାମ୍ପସ କୋଠା ଅବ୍ୟବହୃତ ଅବସ୍ଥାରେ ଜରାଜୀର୍ଣ୍ଣ ହେବାକୁ ବସିଥିବାବେଳେ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ପଦକ୍ଷେପ ନ ନୋବା ଦୁର୍ଭାଗ୍ୟଜନକ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ଉଚ୍ଚଶିକ୍ଷା ବିବାଗ ପର୍ଯ୍ୟନ୍ତ ସମସ୍ତେ ନୀରବ ଏହାର ଭବିଷ୍ୟତ ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଣୁ ଛାତ୍ରଛାତ୍ରୀ ଓ ଅଞ୍ଚଳର ଶୈକ୍ଷିକ ବିକାଶ ପାଇଁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସେ ଦାବି କରିଛନ୍ତି।

**ଇସ୍ପାତ କଲେଜ ପରିଚାଳନା ପରିଷଦ ଆବେଦନ ହାଇକୋର୍ଟରେ ଖାରଜ**

# ପ୍ରତିପକ୍ଷ ଅଧ୍ୟାପକଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ

କଟକ,୧୮ ।୨(ସମିସ): ରାଉରକେଲାସ୍ଥିତ ଇସ୍ପାତ କଲେଜର ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟରୁ ଅନ୍ତର ସଂପର୍କିତ ନିର୍ଦ୍ଦେଶକୁ ରଦ୍ଦ କରି ହାଇକୋର୍ଟର ଜଣିକିଆ ବିଚାରପତି ପ୍ରଦାନ କରିଥିବା ରାୟକୁ କାଏମ ରଖିଛନ୍ତି ଦୁଇଜଣିଆ ଖଣ୍ଡପୀଠ। ଏଥିସହ ଜଣିକିଆ ବିଚାରପତିଙ୍କ ୨୦୨୪, ଜୁଲାଇ ୧୯ର ରାୟକୁ ଚାଲେଞ୍ଜ କରି ଇସ୍ପାତ କଲେଜ ପରିଚାଳନା ପରିଷଦ ତରଫରୁ ଦାୟର ରିଟ୍ ଅପିଲକୁ ହାଇକୋର୍ଟ ଖାରଜ କରିଛନ୍ତି। ଆବେଦନକାରୀ ଅନୁଷ୍ଠାନ ପ୍ରତିପକ୍ଷ ଅଧ୍ୟାପକଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଇସ୍ପାତ କଲେଜ ପରିଚାଳନା ପରିଷଦ ପକ୍ଷରୁ ଦାୟର ରିଟ୍ ଅପିଲର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ନିରନ୍ତର ଭାବେ ଶିକ୍ଷା କର୍ମଚାରୀଙ୍କୁ ଅସ୍ଥାୟୀ ବ୍ୟବସ୍ଥା ଆଧାରରେ ନିୟୋଜିତ କରାଯିବା ଦ୍ୱାରା ମାନ ହ୍ରାସ ପାଇବା ସହ ଜନସାଧାରଣଙ୍କ ବିଶ୍ୱାସ ମଧ୍ୟ କମୁଛି ବୋଲି ହାଇକୋର୍ଟ କହିଛନ୍ତି। ଜଣିକିଆ ବିଚାରପତିଙ୍କ ରାୟରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଇସ୍ପାତ କଲେଜ ଅଧ୍ୟକ୍ଷଙ୍କ ତରଫରୁ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ହୋଇଥିବା ଆର.ପି.ମିଶ୍ରଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା। ତେବେ ଶ୍ରୀ ମିଶ୍ରଙ୍କୁ କାର୍ଯ୍ୟରୁ ଅନ୍ତର କରି ୨୦୧୧, ଏପ୍ରିଲ ୧୧ରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ୨୦୧୧, ଏପ୍ରିଲ ୧୧ର ନିର୍ଦ୍ଦେଶକୁ ରଦ୍ଦ କରିଥିଲେ। ନିୟମିତ ଆଧାରରେ ନିଯୁକ୍ତି ନିର୍ଦ୍ଦେଶ ଶ୍ରୀ ମିଶ୍ରଙ୍କ ସପକ୍ଷରେ ପ୍ରଦାନ ପାଇଁ ଇସ୍ପାତ କଲେଜ ଅଧ୍ୟକ୍ଷଙ୍କୁ ହାଇକୋର୍ଟ କହିଥିଲେ। ଜଣିକିଆ ବିଚାରପତିଙ୍କ ଏହି ରାୟକୁ ବିରୋଧ କରି ଇସ୍ପାତ କଲେଜ ପରିଚାଳନା ପରିଷଦ ପକ୍ଷରୁ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରାଯାଇଥିଲା।

# ସହମତିରେ ଏକାଧିକ ଥର ବଦଳି ସୁଯୋଗ ଦେବାକୁ ଟିଜିଟି ଶିକ୍ଷକଙ୍କ ଦାବି

ଭୁବନେଶ୍ୱର, ୧୮ ।୨(ସମିସ): ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଟିଜିଟି ଶିକ୍ଷକଙ୍କ ଆନ୍ତଃଜିଲ୍ଲା ବଦଳି ପ୍ରକ୍ରିୟାକୁ ଅଧିକ ସରଳ କରିବାକୁ ଦାବି ହୋଇଛି। ଆନ୍ତଃଜିଲ୍ଲା ପାରସ୍ପରିକ ବଦଳି ପାଇଁ ଚାକିରି କାଳରେ କେବଳ ଥରେ ଆବେଦନ କରିବାକୁ ନିୟମ ରହିଛି। ଫଳରେ ଜଣେ ଶିକ୍ଷକ ପରିସ୍ଥିତି ଅନୁଯାୟୀ ନିଜର ବଦଳି କରିପାରୁ ନାହିଁ। ଏକାଧିକ ଥର ସୁଯୋଗ ପ୍ରଦାନ କଲେ ମଧ୍ୟ ଶିକ୍ଷାଦାନ ବା ଶିକ୍ଷକ ପଦରେ କୌଣସି ଅସଙ୍ଗତି ପରିଲକ୍ଷିତ ହେଉ ନ ଥିଲେ ମଧ୍ୟ ଏହି ବଦଳି ନିୟମକୁ ମାତ୍ର ଥରେ କରାଯାଇଥିବାରୁ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ମାନସିକ ଅଶାନ୍ତିରେ କାଳାତିପାତ କରୁଛନ୍ତି।

ସୂଚନା ଅନୁଯାୟୀ, ଗତ ମେ ୧୪ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଟିଜିଟି ଶିକ୍ଷକଙ୍କ ବଦଳି ସଂକ୍ରାନ୍ତୀୟ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିର ବିନ୍ଦୁ ସଂଖ୍ୟା ୨ରେ ପରସ୍ପର ବା ଦୁଇ ଜଣଙ୍କ ସହମତି ଭିତ୍ତିରେ ଆନ୍ତଃଜିଲ୍ଲା ବଦଳିକୁ କେବଳ ଥରେ କରାଯାଇଛି। ଅର୍ଥାତ୍ ଜଣେ ଶିକ୍ଷକ ଚାକିରିକାଳ ଅବଧି ମଧ୍ୟରେ କେବଳ ଥରେ ସହମତି ଭିତ୍ତିକ ବଦଳି ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା ଟିଜିଟି (ପିସିଏମ୍, ସିବିଜେଡ୍ ଓ କଳା) ଶିକ୍ଷକମାନେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବେ। ପରସ୍ପର ମଧ୍ୟରେ ଜିଲ୍ଲା ମଧ୍ୟରେ ବଦଳି ହେଲେ ବିଦ୍ୟାଳୟ ବା ଜିଲ୍ଲା ସ୍ତରରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଶିକ୍ଷକ ଅଭାବ ବା ଅତିରିକ୍ତ ପଦ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ନାହିଁ। ଏଣୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିୟମରେ ପରିବର୍ତ୍ତନ ଆଣିବା ସହ ଏକାଧିକ ଥର ବଦଳି ପାଇଁ ସୁଯୋଗ ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗ ନିକଟରେ ଦାବି କରିଛନ୍ତି।

# ଶିକାର ପାଇଁ ଜଙ୍ଗଲରେ ବିଛାଯାଉଛି ବିସ୍ଫୋରକ; ଜୋରଦାର ହେବ ଚଢ଼ଉ

**ଓଡ଼ିଶା ପୁଲିସ ଓ ବନ ବିଭାଗର ମିଳିତ ବୈଠକ**

କଟକ,୧୮ ।୨(ସମସି): ସାତକୋଶିଆ ଓ ଏହାର ଆଖପାଖ ଅଞ୍ଚଳରେ ବଢୁଥିବା ବିପଜ୍ଜନକ 'ବେଟ୍ ବମ୍' ରୋକିବା ଏବଂ ବନ୍ୟପ୍ରାଣୀ କରିଡରକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶା ପୁଲିସ ଏବଂ ବନ ବିଭାଗ ପକ୍ଷରୁ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ଜଙ୍ଗଲଗୁଡିକରେ ବେଆଇନ ବିସ୍ଫୋରକର ବ୍ୟବହାର ବଢୁଥିବାରୁ ଏହାର ମୁକାବିଲା ପାଇଁ କଟକ କେନ୍ଦ୍ରାଞ୍ଚଳ ଆଇଜି ଡଃ ସତ୍ୟଜିତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକରେ କଟକ ଜିଲ୍ଲାର ଆଠଗଡ଼, ବଡ଼ମ୍ବା ଓ ନରସିଂହପୁର ଭଳି ଅଞ୍ଚଳରେ ବଢୁଥିବା 'ବେଟ୍ ବମ୍'ର ବ୍ୟବହାର ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ବିସ୍ଫୋରକ ପ୍ରସ୍ତୁତି ଓ ଏହାର ବ୍ୟବହାର ବିରୋଧରେ "ଜିରୋ-ଟୋଲେରାନ୍ସ" ନୀତି ଆପଣାଇବା ସହ ଚଢଉ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଆଇଜି ଡ. ନାୟକ। ଏଥିପାଇଁ ପୁଲିସ ଓ ବନ ବିଭାଗ ଏବେ ମିଳିତ ଭାବେ କାର୍ଯ୍ୟ କରିବେ। ସାତକୋଶିଆ କରିଡରକୁ ସମ୍ପୂର୍ଣ୍ଣ ଭାବେ ବିସ୍ଫୋରକ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି। ସନ୍ଦେହଜନକ ସ୍ଥାନରେ ମିଳିତ ଚଢ଼ଉ କରାଯିବ ଏବଂ ଅପରାଧୀଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଓ ବିସ୍ଫୋରକ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରକାଶଥାଉକି, ଏହି ବୋମାଗୁଡ଼ିକୁ ଖାଦ୍ୟ ସାମଗ୍ରୀରେ ଲୁଚାଇ ରଖାଯାଏ, ଯାହା ବନ୍ୟପ୍ରାଣୀଙ୍କ ସହ ଗୃହପାଳିତ ପଶୁ ଏବଂ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ପ୍ରାଣଘାତୀ ସାବ୍ୟସ୍ତ ହେଉଛି। ଖାଦ୍ୟ ଭାବି ଏହାକୁ ଚୋବାଇବା କ୍ଷଣି ବିସ୍ଫୋରଣରେ ସମ୍ପୃକ୍ତ ବନ୍ୟପ୍ରାଣୀ ମୃତ୍ୟୁମୁଖରେ ପଡିଥାଏ ଓ ଶିକାରୀମାନେ ସହଜରେ ଶିକାର ପାଇଁ ସକ୍ଷମ ହୋଇଥାନ୍ତି ବୋଲି ଜଣାପଡିଛି। ଏହି ବୈଠକରେ କେନ୍ଦ୍ରାଞ୍ଚଳର ଏସପି, ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏବଂ ଆଠଗଡ଼ ଓ କଟକର ବନଖଣ୍ଡ ଅଧିକାରୀ ଯୋଗ ଦେଇଥିଲେ। ଏହି ଅଭିଯାନରେ ସାଧାରଣ ଜନତାଙ୍କ ସହଯୋଗ ଦୃଷ୍ଟିରୁ ସନ୍ଦେହଜନକ କାର୍ଯ୍ୟକଳାପ ବା ବିପଜ୍ଜନକ ବିସ୍ଫୋରକକୁ ନେଇ ତୁରନ୍ତ ନିକଟସ୍ଥ ଥାନା ବା ବନ ବିଭାଗ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରିବାକୁ ନିବେଦନ କରାଯାଇଛି।

32001/101/2526

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର
## (ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ପତ୍ର ସଂଖ୍ୟା: ୪୫ — ତାରିଖ: ୨୦.୦୧.୨୦୨୬

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବଲାଙ୍ଗୀର ଜିଲ୍ଲାର ଅପର ଲାନ୍ଥ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ନିମନ୍ତେ ମୌଜା – ବାଦିମାଳ, ଥାନା- ଖପରାଖୋଲ ନଂ -୩୭, ତହସିଲ ଖପରାଖୋଲ ନଂ - ୩୭, ଜିଲ୍ଲା- ବଲାଙ୍ଗୀରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୩୬.୨୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାଯ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ ବେଲପଡା, ବଲାଙ୍ଗୀର ନିର୍ବାହୀ ଯନ୍ତ୍ରୀ, ଅପର ଲାନ୍ଥ ଜଳସେଚନ ବିଭାଜନ, ବେଲପଡା, ବଲାଙ୍ଗୀର।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଅପର ଲାନ୍ଥ ଜଳସେଚନ ଯୋଜନାର ଜଳ ଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ମୌଜା ପାଇଁ ପ୍ରଯୁଜ୍ୟ ନୁହେଁ।

୫. ଥଇଥାନ ଓ ପୁନଃର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ଅପରଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର।

୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରସ୍ତର ନାମ |
|---|---|---|---|---|---|---|---|---|
| ବଲାଙ୍ଗୀର | ଖପରାଖୋଲ | ବାଦିମାଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୬.୨୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ –ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ବେଲପଡା, ବଲାଙ୍ଗୀର ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ ବେଲପଡା ବଲାଙ୍ଗୀରଙ୍କ କାର୍ଯ୍ୟାଳୟର କାର୍ଯ୍ୟଦିବସ ମାନଙ୍କ ରେ ଦେଖିବାକୁ ମିଳିପାରିବ।

ଉକ୍ତ ଅସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳ ଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଓ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାଯ୍ୟୋଚିତ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ କ୍ଷତିପୂରଣ ଅଧିକାର ଏବଂ ଭୂ – ଅର୍ଜନର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ, ବଲାଙ୍ଗୀର

**Mouza Badimal Thana No.- 37 Thana Khaprakhol Dist.: Balangir**
**Private Land:-**

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ୍ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | କମଲୁ ଗଣ୍ଡା, ସୁନ୍ଦର ଗଣ୍ଡା, ପି: କାର୍ତ୍ତିକ ଗଣ୍ଡା, ଜା: ଗଣ୍ଡା, ବା: ନିଜଗାଁ | ୨୬ | ଆଟ ଉହ୍ନାରି | ୧.୩୨୦ | ୦.୫୪୦ |
| ୨ | ୨ | କଲାର ସିଂହ ବରିହା, ପି: ଲୁହାର ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୮୮ | ବାହାଲ ପାଣି ଦୁଇ | ୦.୬୩ | ୦.୨୪ |
| ୩ | ୩ | କଲା ସିଂହ ବରିହା, ହରିହର ସିଂହ ବରିହା, ରାମକୃଷ୍ଣ ବରିହା, ଇନ୍ଦ୍ର ବରିହା, ରୁଷି ବରିହା, ନିଳାମ୍ବର ବରିହା, ପି: ଧନ ସାଏ ବରିହା, ତୁଳସା ବରିହା, ସ୍ୱା: ଧନ ସାଏ ବରିହା, ଜା: ବିଂଝାଲ, ବା: ନିଜଗାଁ | ୩ | ଆଟ ମାମୁଲି | ୧.୮ | ୦.୮୨ |
| | | | ୪ | ଅନ୍ୟାନ୍ୟ | ୦.୩୩୦ | ୦.୩୩୦ |
| | | | ୫ | ଆଟ ମାମୁଲି | ୦.୪୫୦ | ୦.୪୫୦ |
| | | | ୬ | ବାହାଲ ମାମୁଲି | ୨.୩୪୦ | ୨.୧୩୦ |
| | | | ୧୭ | ଆଟ ମାମୁଲି | ୪.୭୮ | ୦.୨ |
| | | | ୭୯ | ଆଟ ମାମୁଲି | ୨.୬୩୦ | ୨.୬୩୦ |
| | | | ୮୦ | ବେର୍ଣ୍ଣା ମାମୁଲି | ୦.୪୮୦ | ୦.୪୮୦ |
| | | | ୮୧ | ବାହାଲ ପାଣି ଦୁଇ | ୬.୫୯୦ | ୬.୫୫୦ |
| | | | ୮୮ | ବେର୍ଣ୍ଣା ମାମୁଲି | ୧.୨୪୦ | ୦.୭୫୦ |
| ୪ | ୬ | ଗୁର୍ଜି ସିକା, ପି: ଭୁତୁଲୁ ସିକା, ଜା: ଗଣ୍ଡା, ବା: ନିଜଗାଁ | ୧୦୨ | ଆଟ ମାମୁଲି | ୦.୩୫୦ | ୦.୧୪୦ |
| | | | ୨୯ | ଆଟ ଉହ୍ନାରି | ୦.୧୧୦ | ୦.୧୧୦ |
| | | | ୭୭ | ବାହାଲ ମାମୁଲି | ୧.୦୪୦ | ୧.୦୪୦ |
| | | | ୭୮ | ବାହାଲ ପାଣି ଦୁଇ | ୦.୧୭୦ | ୦.୧୭୦ |
| | | | ୯୩ | ଆଟ ମାମୁଲି | ୦.୪୬୦ | ୦.୪୬୦ |
| | | | ୯୪ | ବାହାଲ ମାମୁଲି | ୧.୧୩୦ | ୧.୧୩୦ |
| | | | ୯୫ | ଆଟ ମାମୁଲି | ୨.୦୫୦ | ୧.୫୧୧ |
| | | | ୯୬ | ଆଟ ମାମୁଲି | ୦.୩୯୦ | ୦.୩୭୦ |
| | | | ୯୭ | ମାଳ ମାମୁଲି | ୦.୩୮୦ | ୦.୦୭୦ |
| ୫ | ୮ | ଡମ ବୁଢ଼ା କରୁଆଁ, ପି: ମଙ୍ଗନ କରୁଆଁ, ବେଣୁ କରୁଆଁ, ପି: ଗଣଡା କରୁଆଁ, ଜା: ଗଉଡ଼, ବା: ନିଜଗାଁ: | ୩୦ | ଆଟ ଉହ୍ନାରି | ୧.୧୦୦ | ୦.୬୦୦ |
| | | | ୩୧ | ଆଟ ଉହ୍ନାରି | ୧.୦୨୦ | ୦.୫୫୦ |
| | | | ୭୬ | ବାହାଲ ପାଣି ଦୁଇ | ୦.୭୫୦ | ୦.୨୩୦ |
| ୬ | ୯ | ଡମ ବୁଢ଼ା କରୁଆଁ, ପି: ମଙ୍ଗନ କରୁଆଁ, ବେଣୁ କରୁଆଁ, ମତି କରୁଆଁ, ପି: ଗଣ୍ଡା କରୁଆଁ, ଜା: ଗଉଡ଼, ବା: ନିଜଗାଁ: | ୮୨ | ଆଟ ମାମୁଲି | ୦.୮୬୦ | ୦.୮୬୦ |
| | | | ୮୩ | ଅନ୍ୟାନ୍ୟ | ୦.୧୦୦ | ୦.୧୦୦ |
| | | | ୮୪ | ବାହାଲ ପାଣି ଦୁଇ | ୪.୭୦୦ | ୪.୭୦୦ |
| | | | ୮୫ | ବେର୍ଣ୍ଣା ମାମୁଲି | ୦.୧୨୦ | ୦.୧୨୦ |
| | | | ୮୬ | ଅନ୍ୟାନ୍ୟ | ୦.୩୦୦ | ୦.୩୦୦ |
| | | | ୮୭ | ବେର୍ଣ୍ଣା ମାମୁଲି | ୦.୨୩୦ | ୦.୨୩୦ |
| | | | ୮୯ | ମାଳ ମାମୁଲି | ୧.୧୯୦ | ୦.୫୨୦ |
| | | | ୯୦ | ବେର୍ଣ୍ଣା ମାମୁଲି | ୧.୨୪୦ | ୦୯୫୦ |
| | | | ୯୧ | ଆଟ ମାମୁଲି | ୦.୧୭୦ | ୦.୧୭୦ |
| | | | ୯୨ | ଆଟ ମାମୁଲି | ୦.୪୧୦ | ୦.୪୧୦ |
| ୭ | ୧୦ | ଡମ୍ବରୁ ବରିହା, ପି: ବେଙ୍ଗ ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୯୯ | ବାହାଲ ପାଣି ଦୁଇ | ୦.୫୪ | ୦.୨୨ |
| ୮ | ୧୧ | ତୁଲାଧର ବିରିହା, ପି: ପର୍ଶୁ ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୯୭ | ବାହାଲ ପାଣି ଦୁଇ | ୦.୩ | ୦.୩ |
| ୯ | ୧୩ | ବାଲାସିଂହ ବରିହା, ପି: ବେଙ୍ଗେ ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୨୦୦ | ବାହାଲ ପାଣି ଦୁଇ | ୦.୭୨ | ୦.୦୧ |
| ୧୦ | ୧୫ | ବେଙ୍ଗେ ବରିହା, ପି: ଚନ୍ଦ୍ର ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୯୬ | ବାହାଲ ପାଣି ଦୁଇ | ୦.୩ | ୦.୩ |
| ୧୧ | ୧୮ | ସନ୍ୟାସି ବରିହା, ପି: ସଦାନନ୍ଦ ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୯୮ | ବାହାଲ ପାଣି ଦୁଇ | ୦.୫୨ | ୦.୫୨ |
| ୧୨ | ୧୯ | ସୁକଲା ବରିହା, ମେନା ବରିହା, ପି: ନାଥ ବରିହା, ଜା: ବିଂଝାଲ, ବା: ନିଜଗାଁ | ୨୦ | ବେର୍ଣ୍ଣା ମାମୁଲି | ୦.୮୭ | ୦.୮୭ |
| | | | ୨୧ | ଆଟ ମାମୁଲି | ୦.୬୪ | ୦.୬୪ |
| | | | ୨୩ | ବାହାଲ ମାମୁଲି | ୦.୩୫ | ୦.୩୫ |
| | | | ୨୪ | ଆଟ ଉହ୍ନାରି | ୨.୯୬ | ୨.୪୩ |
| | | | ୨୩/୧୭୨ | ଅନ୍ୟାନ୍ୟ | ୦.୦୬ | ୦.୦୬ |
| | | | ୨୧/୧୮୧ | ଆଟ ମାମୁଲି | ୦.୬ | ୦.୬ |
| ୧୩ | ୨୦ | ସୁବାସିଂହ ବରିହା, ଉଦେସିଂହ ବରିହା, ପି: ଗଙ୍ଗା ବରିହା, ରାଏମତୀ ବରିହା, ସ୍ୱା: ଗଙ୍ଗା ବରିହା, ଜା: ଗଣ୍ଡା, ବା: ନିଜଗାଁ | ୧୮ | ଆଟ ଉହ୍ନାରି | ୪.୮୬୦ | ୦.୧୩୦ |
| | | | | | Total Pvt. Land | 36.220 |

**Govt. Land:-**

| | | | | | | |
|---|---|---|---|---|---|---|
| ୧ | ୨୧ | ରକ୍ଷିତ | ୨୨ | ପାଣି ନାଳ | ୦.୩୨୦ | ୦.୩୨୦ |
| | | | ୨୭ | ସର୍ବ ସାଧାରଣ ଯୋଗ୍ୟ | ୧.୦୨୦ | ୧.୦୨୦ |
| | | | ୧୦୩ | ସର୍ବ ସାଧାରଣ ଯୋଗ୍ୟ | ୧.୩୯୦ | ୦.୦୨୦ |
| | | | ୬/୧୯୩ | ପାଣି ନାଳ | ୦.୦୮୦ | ୦.୦୮୦ |
| | | | ୨୩/୧୮୩ | ପାଣି ନାଳ | ୦.୦୬୦ | ୦.୦୬୦ |
| | | | ୨୪/୧୮୫ | ପାଣି ନାଳ | ୦.୩୦୦ | ୦.୩୦୦ |
| ୨ | ୨୨ | ସର୍ବ ସାଧାରଣ | ୩୩ | ରାସ୍ତା | ୦.୭୨୦ | ୦.୭୨୦ |
| | | | ୨୧/୧୮୨ | ରାସ୍ତା | ୦.୩୪୦ | ୦.୩୪୦ |
| | | | ୮୮/୧୮୯ | ରାସ୍ତା | ୦.୧୪୦ | ୦.୦୭୦ |
| ୩ | ୨୩ | ଆବାଦ ଅଯୋଗ୍ୟ ଅନାବାଦୀ | ୧୯ | ନଦୀ | ୪.୬୦୦ | ୪.୬୦୦ |
| | | | ୨୮ | ନଦୀ | ୧୯.୨୦୦ | ୧୯.୨୦୦ |
| | | | | | Total Govt. Land | 27.070 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.: 2365, Dt.: 30.12.2024

Asst. Engineer, Upper Lanth Irr, Sub-Div. No-II, Belpada.

Asst. Executive Engineer, Upper Lanth Irr, Sub-Div. No-II, Belpada.

Executive Engineer, Upper Lanth Irr, Sub-Div. No-II, Belpada.

AMIN pacial Land Acquisition &Rehabllitation On

Revanue Inspector Special Land Acquisition & Rahabilitauon Officer

ZONE OFFCER Special Land Acquisition & Rehablitation Officer ULIP, Belpada

SPL. Land Acqulsition & Rehablitation Officer ULIP, Belpada

OIPR-32001/32557/3/25-26/0001

# ଭାରତୀୟ ନାଗରିକଙ୍କୁ ତଡୁଛି କାନାଡ଼ା




■ ୨୦୨୫ରେ ଦେଶାନ୍ତର ହୋଇଛନ୍ତି ୨୮୦୦ ଭାରତୀୟ
■ ଆଉ ୬୫୧୫ଙ୍କୁ ବାହାର କରିବାକୁ ପ୍ରକ୍ରିୟା ଜାରି

ଓଟାୱା, ୧୮ ।୨(ଏଜେନ୍ସି): କାନାଡ଼ା ସରକାର ୨୦୨୫ର ପ୍ରଥମ ୧୦ମାସରେ ୨, ୮୩୧ ଜଣ ଭରାତୀୟ ନାଗରିକଙ୍କୁ ଦେଶାନ୍ତର କରିଛନ୍ତି। କାନାଡ଼ା ବର୍ଡର ସର୍ଭିସେସ ଏଜେନ୍ସି (ସିବିଏସ୍ଏ) ଦ୍ୱାରା ପ୍ରକାଶିତ ତଥ୍ୟରୁ ଏହି ସୂଚନା ମିଳିଛି। ତଥ୍ୟ ଅନୁଯାୟୀ, କାନାଡ଼ାରୁ ମୋଟ୍ ୧୮, ୭୮୫ ବାହାର କରାଯାଇଛି। ଦେଶାନ୍ତର ନେଇ ପ୍ରକାଶିତ ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ସର୍ବାଧିକ ୩, ୯୭୨ ଜଣ ମେକ୍ସିକୋ ନାଗରିକଙ୍କୁ ଦେଶାନ୍ତର କରାଯାଇଛି। ବର୍ତ୍ତମାନ ଆହୁରି ୨୯, ୫୪୨ ନାଗରିକଙ୍କୁ ଦେଶରୁ ବିଦା କରିବାକୁ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଆହୁରି ୬, ୫୧୫ ଭାରତୀୟଙ୍କୁ କାନାଡ଼ାରୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କାନାଡ଼ା ସରକାରଙ୍କ କହିବା ଅନୁଯାୟୀ, ବାହାର କରାଯାଇଥିବା ଅନେକ ଲୋକଙ୍କ ନାମରେ ଆପରାଧିକ ମାମଲା ରହିଥିଲା। ଏଥିସହ ଏକ ବଡ଼ ସଂଖ୍ୟାରେ ଲୋକ ଶରଣାର୍ଥୀ ଆବେଦନ ସମ୍ବନ୍ଧୀୟ ନିୟମକୁ ସଠିକ ଭାବେ ପାଳନ କରି ନ ଥିଲେ। କାନାଡ଼ାରୁ ବାହାର କରିବାର ୩ଟି ନିୟମ ରହିଛି ଓ ଏଥିପାଇଁ ୩ ପ୍ରକାରର ଆଦେଶ ଦିଆଯାଇଥାଏ। ବ୍ୟକ୍ତିଙ୍କୁ ୩୦ ଦିନ ମଧ୍ୟରେ କାନାଡ଼ା ଛାଡ଼ିବାକୁ ହୋଇଥାଏ। ଏହାକୁ ପାଳନ ନ କଲେ ଏହା 'ଡିପୋର୍ଟେସନ ଅର୍ଡର'ରେ ପରିଣତ ହୋଇଥାଏ। ଆମେରିକା ଭଳି କାନାଡ଼ାରେ ମଧ୍ୟ ପ୍ରବାସୀ ନୀତି ଏକ ବଡ଼ ରାଜନୈତିକ ପ୍ରସଙ୍ଗ ପାଲଟିଛି। ୨୦୨୫ ଜୁନ୍‌ରେ 'ଷ୍ଟ୍ରଙ୍ଗ ବର୍ଡର ଆକ୍ଟ' ନାମକ ଏକ ନୂତନ ଆଇନ୍ ପ୍ରଣୟନ କରାଯାଇଛି। କାନାଡ଼ା ସରକାର ସୀମା ସୁରକ୍ଷା ପାଇଁ ୧.୩ ବିଲିୟନ ଡଲାର ଯୋଜନା କରିଛନ୍ତି, ଯେଉଁଥିରେ ଡ୍ରୋନ୍ ଓ ନୂତନ ସିସିଟିଭି ଟେକ୍ନୋଲୋଜିର ବ୍ୟବହାର କରାଯାଉଛି। ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି କହିଛନ୍ତି ଯେ ଦେଶର ଘରୋଇ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରବାସୀଙ୍କ ସଂଖ୍ୟାକୁ ନିୟନ୍ତ୍ରଣରେ ରଖାଯିବ। ମାତ୍ର କାନାଡ଼ା ସରକାର ଉଚ୍ଚଶିକ୍ଷା ପାଇଁ ସୁଯୋଗ ପ୍ରଦାନ କରୁଛନ୍ତି। ସରକାର ସାଧାରଣ ପ୍ରବାସୀଙ୍କ ସଂଖ୍ୟା କମାଉଥିବା ବେଳେ ବିଦେଶରୁ ଅଧିକ ସଂଖ୍ୟାରେ ମାଷ୍ଟର୍ସ ଏବଂ ପିଏଚ୍‌ଡି ଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ କରୁଛନ୍ତି। ୨୦୨୫ରେ ନୂତନ ବିଦେଶୀ ଛାତ୍ରଙ୍କ ସଂଖ୍ୟା ୬୧ ପ୍ରତିଶତ ହ୍ରାସ ହେବା ପରେ ସରକାର ଏହି ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି।

## ମହାରାଷ୍ଟ୍ରରେ ମୁସଲମାନଙ୍କ ୫% ସଂରକ୍ଷଣ ଆଦେଶ ରଦ୍ଦ

ନୂଆଦିଲ୍ଲୀ, ୧୮ ।୨(ଏଜେନ୍ସି): ମହାରାଷ୍ଟ୍ର ସରକାରଙ୍କ ସାମାଜିକ ନ୍ୟାୟ ବିଭାଗ ମଙ୍ଗଳବାର ଏକ ଗଭର୍ଣ୍ଣମେଣ୍ଟ ରିଜୋଲୁସନ (ଜିଆର) ଅର୍ଥାତ ସରକାରୀ ସଂକଳ୍ପ ଜାରି କରି ମୁସଲମାନ ସମୁଦାୟ ପାଇଁ ଉଦ୍ଦିଷ୍ଟ ୧୦ ବର୍ଷର ପୁରୁଣା ସଂରକ୍ଷଣ ଆଦେଶକୁ ରଦ୍ଦ କରିଦେଇଛନ୍ତି। ଏହି ଆଦେଶରେ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରିରେ ମୁସଲମାନଙ୍କୁ ୫ ପ୍ରତିଶତ ସଂରକ୍ଷଣ ଦେବାକୁ କୁହାଯାଉଥିଲା। ପ୍ରକୃତରେ ଏହି ଆଦେଶ ଗତ ୧୦ ବର୍ଷ ଧରି ଇନ୍‌ଭାଲିଡ୍ ଅର୍ଥାତ ଅବୈଧ ଥିଲା। ୨୦୧୪ରେ କଂଗ୍ରେସ-ଏନ୍‌ସିପି ସରକାର ଏହି ଅଧ୍ୟାଦେଶ ଆଣିଥିଲେ ମଧ୍ୟ ନିର୍ଦ୍ଧାରିତ ୬ ସପ୍ତାହ ମଧ୍ୟରେ ଏହାକୁ ବିଧାନସଭାରେ ପାସ୍ କରାଯାଇ ନ ଥିଲା। ଯାହା ଫଳରେ ଏହା ଆପେ ଆପେ ଅକାମୀ ହୋଇଯାଇଥିଲା। ବର୍ତ୍ତମାନ ରାଜ୍ୟ ସରକାର କେବଳ ସେହି ପୁରୁଣା ଆଦେଶକୁ ଆନୁଷ୍ଠାନିକ ଭାବେ ରଦ୍ଦ କରିଦେଇଛନ୍ତି, ଯାହା ବୈଷୟିକ ଦୃଷ୍ଟିକୋଣରୁ ଅକାମୀ ହୋଇସାରିଥିଲା।

## ୩ ଜାହାଜ ଉପରେ ଆମେରିକା ସେନାର ଆକ୍ରମଣ: ୧୧ ମୃତ

ୱାସିଂଟନ, ୧୮ ।୨(ଏଜେନ୍ସି): ଆମେରିକା ସେନା ମଙ୍ଗଳବାର ରାତିରେ କାରିବିଆନ ଓ ପ୍ରଶାନ୍ତ ମହାସାଗରରେ ୩ଟି ନୌକା ଉପରେ ଆକ୍ରମଣ କରିଛି। ଏହି କାର୍ଯ୍ୟାନୁଷ୍ଠାନରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଆମେରିକୀୟ ସଦର୍ଣ୍ଣ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଏହି ନୌକାଗୁଡ଼ିକ ମାଧ୍ୟମରେ ଡ୍ରଗ୍ସ ଚୋରା ଚାଲାଣ କରାଯାଉଥିଲା। ସେଥିପାଇଁ ସେଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିଲା। ତେବେ ଏହି ଅପରେସନରେ କୌଣସି ଆମେରିକୀୟ ସୈନିକ ଆହତ ହୋଇନାହାନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଗତବର୍ଷ ସେପ୍ଟେମ୍ବର ମାସରୁ କାରିବିଆନ ସାଗରରେ ଏହି ଭଳି ଅନେକ ଜାହାଜଙ୍କୁ ଟାର୍ଗେଟ କରିଆସୁଛି। ଆମେରିକା ପ୍ରତିରକ୍ଷା ବିଭାଗ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଆମେରିକା ସେନା ଏହି ଭଳି ୪୦ରୁ ଅଧିକ ଆକ୍ରମଣ କରିସାରିଛି, ଯେଉଁଥିରେ ୧୩୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ନିଶାଦ୍ରବ୍ୟ ତଥା ଡ୍ରଗ୍ସ ଚୋରା ଚାଲାଣକୁ ଦୃଷ୍ଟିରେ ରଖି ଆଗକୁ ଏହି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୂର୍ବରୁ ଟ୍ରମ୍ପ ପ୍ରଶାସନ ଏକାଧିକବାର ସ୍ପଷ୍ଟ କରିଛି।

### ଅଜିତ ପାୱାର ବିମାନ ଦୁର୍ଘଟଣା

## ବ୍ଲାକ୍‌ବକ୍ସ, ଡାଟା ରେକର୍ଡର ନଷ୍ଟ

ମୁମ୍ବଇ, ୧୮ ।୨(ଏଜେନ୍ସି): ମହାରାଷ୍ଟ୍ର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାର ତଦନ୍ତ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) କରୁଛି। ଜାନୁଆରି ୨୮ରେ ବାରାମତୀ ବିମାନ ବନ୍ଦରରେ ହୋଇଥିବା ଏହି ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅନୁଯାୟୀ, ଦୁର୍ଘଟଣା ପରେ ବିମାନର ବ୍ଲାକ ବକ୍ସ ପ୍ରବଳ ନିଆଁ ଓ ଉତ୍ତାପ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ତଥାପି, ଏଏଆଇବି ସଫଳତାର ସହ ଡିଜିଟାଲ ଫ୍ଲାଇଟ୍ ଡାଟା ରେକର୍ଡର (ଡିଏଫ୍‌ଡିଆର)ରୁ ଡାଟା ଡାଉନଲୋଡ୍ କରିବାରେ ସଫଳ ହୋଇଛି। ସେହିପରି ଆମେରିକୀୟ କମ୍ପାନୀ ହନିୱେଲ ଦ୍ୱାରା ନିର୍ମିତ ସିଭିଆର ଡାଟା ଉଦ୍ଧାର କରିବା ପାଇଁ କମ୍ପାନୀର ସାହାଯ୍ୟ ମଗାଯାଇଛି। ଏଥିରୁ ଦୁର୍ଘଟଣା ପୂର୍ବରୁ ପାଇଲଟଙ୍କ ମଧ୍ୟରେ ହୋଇଥିବା ଶେଷ କଥାବାର୍ତ୍ତା ଜଣାପଡ଼ିବ। ଇତିମଧ୍ୟରେ ବ୍ଲାକ ବକ୍ସକୁ ନେଇ ବିବାଦ ସୃଷ୍ଟି ହୋଇଛି। ବ୍ଲାକ ବକ୍ସ ଭୟଙ୍କର ନିଆଁ ଓ ବିସ୍ଫୋରଣରୁ ସୁରକ୍ଷିତ ରହିପାରେ, କିନ୍ତୁ ମହାରାଷ୍ଟ୍ର ରାଜନୀତିରୁ ନୁହେଁ ବୋଲି ଏନ୍‌ସିପିର ବିଧାୟକ ରୋହିତ ପାୱାର କହିଛନ୍ତି।

## ବାଂଲା ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଜାଲିଆତି ଅଭିଯୋଗ

ଡାକା, ୧୮।୨ (ଏଜେନ୍ସି): ଶେଖ ହସିନାଙ୍କ ପରେ ଏବେ ନବନିର୍ବାଚିତ ପ୍ରଧାନମନ୍ତ୍ରୀ ତାରିକ ରହେମାନଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ। ରହେମାନ ନିର୍ବାଚନରେ ଜାଲିଆତି କରିଥିବା ଅଭିଯୋଗ କରିଛନ୍ତି। ସେମା ।ନେ କହିଛନ୍ତି ଯେ ନିର୍ବାଚନରେ ହେରଫେର କରାଯାଇଛି। ଏଥିପାଇଁ ବିଏନପିକୁ ୨୦୦ରୁ ଅଧିକ ଆସନ ମିଳିଛି। ସୂଚନାଯୋଗ୍ୟ ଯେ ପ୍ରାୟ ୨୦ ବର୍ଷ ପରେ ବିଏନପି ବୃହତ ବିଜୟ ହାସଲ କରିଛି। ଜମାତ-ଇ-ଇସଲାମୀ ନେତୃତ୍ୱାଧୀନ ୧୧ ଦଳର ମେଣ୍ଟ ଅଭିଯୋଗ କରିଛି ଯେ ଅନେକ ଆସନରେ ବଡ଼ଧରଣର ଗଡ଼ବଡ଼ ହୋଇଛି। ଏନ୍‌ସିପି ନେତା ନସିରୁଦ୍ଦିନ ପଟୱାରୀ ସାମାଜିକ ଗଣମାଧ୍ୟମରେ ରହେମାନଙ୍କୁ ଇଞ୍ଜିନିୟର କହିଛନ୍ତି। ଏହାର ପ୍ରମାଣ ଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ମତଦାନ ଠିକ୍ ଥିବାବେଳେ ଗଣତି ସମୟରେ ହେରଫେର ହୋଇଥିଲା। କିଛି ସ୍ଥାନରେ ଗଣତି ଶେଷ ହେବା ପୂର୍ବରୁ ଫଳାଫଳ ଘୋଷଣା କରାଯାଇଥିଲା। ୩୨ ଆସନକୁ ନେଇ ଜମାତ ପ୍ରଶ୍ନ ଉଠାଇଛି।

## ଅଭିନେତ୍ରୀ ପ୍ରବୀଣା ଦେଶପାଣ୍ଡେଙ୍କ ପରଲୋକ

ନୂଆଦିଲ୍ଲୀ, ୧୮ ।୨(ଏଜେନ୍ସି): ଜଣାଶୁଣା ବଲିଉଡ୍ ଅଭିନେତ୍ରୀ ପ୍ରବୀଣା ଦେଶପାଣ୍ଡେ ୬୦ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ରେଷ୍ଟୀ, ଗବର ଇଜ୍ ବ୍ୟାକ୍, ଡି-ଡେ ଭଳି ସିନେମାରେ ନିଖୁଣ ଅଭିନୟ ପାଇଁ ପ୍ରବୀଣା ବେଶ୍ ଜଣାଶୁଣା ଥିଲେ।



ତାଙ୍କ ପରିବାର ପକ୍ଷରୁ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ଏହି ଦୁଃଖଦ ଖବର ସେୟାର କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସେ ଦୀର୍ଘଦିନ ହେବ ବ୍ଲଡ଼ କ୍ୟାନସର ସହ ଲଢୁଥିଲେ। ସେ ଶେଷଥର ପାଇଁ ନେଟ୍‌ଫ୍ଲିକ୍ସର ଲୋକପ୍ରିୟ ସିରିଜ 'ତସ୍କାରୀ: ଦି ସ୍ମଗଲର୍ସ ୱେବ'ରେ ହେମା ଖଙ୍ଗାନୀ ଚରିତ୍ରରେ ଅଭିନୟ କରିଥିଲେ। ସେ ହିନ୍ଦୀ ସିନେମା ସହିତ ମରାଠୀ ଥିଏଟର, ଟେଲିଭିଜନ ଓ ଚଳଚ୍ଚିତ୍ରରେ ବହୁ ବର୍ଷ ଧରି କାମ କରିଥିଲେ। ତାଙ୍କର ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ପରମାଣୁ, ଏକ ଭିଲେନ ଓ ଘର ଏକ ମନ୍ଦିର ଆଦି ଅନ୍ତର୍ଭୁକ୍ତ। ଅନ୍ଧେରୀର ଚକାଲା ହିନ୍ଦୁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।

# ଅସ୍ତ୍ରୋପଚାର ପରେ ଦୃଷ୍ଟିଶକ୍ତି ହରାଇଲେ ୧୮ ଜଣ



■ ୩୦ ଜଣ କରିଥିଲେ ଅସ୍ତ୍ରୋପଚାର
■ ୨୪ ଘଣ୍ଟା ପରେ ବିଗିଡ଼ିଲା ସ୍ୱାସ୍ଥ୍ୟାବସ୍ଥା
■ ୯ ରୋଗୀଙ୍କ ଆଖି ବାହାର କରିବାକୁ ପଡ଼ିଲା

ଗୋରଖପୁର, ୧୮।୨ (ଏଜେନ୍ସି): ସରକାର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବଡ଼ ବଡ଼ ଦାବି କରୁଛନ୍ତି। ଭିତ୍ତିଭୂମିକୁ ସୁଧାରି ଦିଆଯାଇଥିବା କୁହାଯାଉଛି। ମାତ୍ର ଉତ୍ତର ପ୍ରଦେଶ ଗୋରଖପୁରରୁ ଏହାର ବିକଳ ଚିତ୍ର ସାମନାକୁ ଆସିଛି। ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରେ ୯ ରୋଗୀଙ୍କ ଆଖି ବାହାର କରିବାକୁ ପଡିଛି। ଆଉ ୯ ଜଣ ଦୃଷ୍ଟିଶକ୍ତି ମଧ୍ୟ ହରାଇଛନ୍ତି। ପରେ ଜଣେ ରୋଗୀ ଦୃଷ୍ଟିଶକ୍ତି ଫେରି ପାଇଥିଲେ। ରିପୋର୍ଟ ଅନୁଯାୟୀ, ଗତ ୧ ତାରିଖରେ 'ନ୍ୟୁ ରାଜେଶ ହାଇଟେକ ହସ୍ପିଟାଲ' ଆଇ କ୍ୟାମ୍ପ ଲଗାଇ ଥିଲା। ଏଠାରେ ୩୦ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ହୋଇଥିଲା। ତିନି ଚାରି ଘଣ୍ଟା ପରେ ସେମାନଙ୍କୁ ଡିସଚାର୍ଜ କରିଦିଆଯାଇଥିଲା। ମାତ୍ର ଏହାର ୨୪ ଘଣ୍ଟା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ୧୮ ଜଣଙ୍କ ଆଖିରେ ସାଂଘାତିକ ସଂକ୍ରମଣ ହୋଇଥିଲା। ଜଣଙ୍କ ପରେ ଜଣଙ୍କୁ ସେହି ହସ୍ପିଟାଲରେ ପୁଣି ଭର୍ତ୍ତି କରାଯାଇଥିଲା। ଆୟୁଷ୍ମାନ ଯୋଜନା ଅଧିନରେ ଏମାନଙ୍କ ଅସ୍ତ୍ରୋପଚାର ହୋଇଥିଲା। ରୋଗୀଙ୍କୁ ପୁଣି ଦେଖି ଡାକ୍ତର ବିଚଳିତ ହୋଇଯାଇଥିଲେ। ସ୍ଥିତି ଅଧିକ ବିଗିଡ଼ିବାରୁ ସେମାନଙ୍କୁ ଗୋରଖପୁରର ସୁଜନ ଆଇ କେୟାରକୁ ପଠାଇ ଦିଆଯାଇଥିଲା। ଏଠାରେ ପ୍ରାଥମିକ ଯାଞ୍ଚ ପରେ ରୋଗୀଙ୍କ ଆଖିରେ ଭୟଙ୍କର ସଂକ୍ରମଣ ହୋଇଥିବା ଜଣା ପଡ଼ିଥିଲା। ଏଠାରେ ମଧ୍ୟ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳି ନ ଥିଲା। ଶେଷରେ ସମ୍ପର୍କୀୟ ରୋଗୀଙ୍କୁ ଦିଲ୍ଲୀ, ଲକ୍ଷ୍ନୌ ଏବଂ ବାରାଣସୀର ସୁପର ସ୍ପେସିଆଲିଟି ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ଏବେ ସେଠାରେ ରୋଗୀଙ୍କ ଚିକିତ୍ସା ଜାରି ରହିଛି। ମାତ୍ର ରାଜେଶ ହସ୍ପିଟାଲର ଅବହେଳା ଯୋଗୁଁ ୧୮ ଜଣଙ୍କୁ ଦୃଷ୍ଟିଶକ୍ତି ହରାଇବାକୁ ପଡ଼ିଛି। ଆୟୁଷ୍ମାନ କାର୍ଡର ଟଙ୍କା ହଡ଼ପ କରିବା ପାଇଁ ଏହି ଡାକ୍ତରଖାନା ଏଭଳି ଅସ୍ତ୍ରୋପଚାର କରିଥିଲା।

ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟରେ ସଂକ୍ରମଣ ଥିବା ଜଣାପଡ଼ିଛି। ପ୍ରଥମେ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ବିରୋଧରେ ମାଜିଷ୍ଟ୍ରେଟ ସ୍ତରୀୟ ଯାଞ୍ଚ ଆରମ୍ଭ କରାଯାଇଛି। ନ୍ୟୁ ରାଜେଶ ହସ୍ପିଟାଲର ନେତ୍ର ବିଭାଗକୁ ସିଲ୍ କରିଦିଆଯାଇଛି। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ନେଇ ସରକାରଙ୍କୁ ନିଶାଣ କରିଛନ୍ତି। ଗୋରଖପୁରରେ ଲୋକେ ଦୃଷ୍ଟିଶକ୍ତି ହରାଇଛନ୍ତି ଏବଂ ଜଣେ ସ୍ଥିର ହୋଇ ବସିଛି। ମୁଖ୍ୟମନ୍ତ୍ରୀ ଗୋରଖପୁର ଯିବା ବେଳେ କିଛି ହିସାବକିତାବ କରୁଛନ୍ତି କି ନା ଖାଲି ଲେଖାଯୋଖା କରି ପଳେଇ ଆସୁଛନ୍ତି ବୋଲି ଅଖିଳେଶ ପଚାରିଛନ୍ତି।

## ହିମନ୍ତ ହେଉଛନ୍ତି ଆସାମର ଜିନ୍ନା: ଗୌରବ ଗୋଗୋଇ

ଗୌହାଟୀ, ୧୮ ।୨(ଏଜେନ୍ସି): ଆସାମ କଂଗ୍ରେସ ନେତା ଗୌରବ ଗୋଗୋଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ହିମନ୍ତଙ୍କୁ 'ଆସାମର ଜିନ୍ନା' ବୋଲି ଆଖ୍ୟା ଦେବା ସହ ନେତାମାନଙ୍କୁ ହିନ୍ଦୁ ପ୍ରମାଣପତ୍ର ଦେବାକୁ ବନ୍ଦ କରନ୍ତୁ ବୋଲି କହିଛନ୍ତି। ଗୌହାଟୀରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଯେଉଁ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି, ସେମାନେ ନିଜ ଦଳ ପାଇଁ ଅପ୍ରାସଙ୍ଗିକ ବା ଗୌଣ ହୋଇଯାଉଛନ୍ତି। ଆସାମ କଂଗ୍ରେସର ପୂର୍ବତନ ସଭାପତି ଭୂପେନ କୁମାର ବୋରା ଆସନ୍ତା ୨୨ରେ ବିଜେପିରେ ଆନୁଷ୍ଠାନିକ ଭାବେ ସାମିଲ ହେବେ। ମୁଖ୍ୟମନ୍ତ୍ରୀ ହିମନ୍ତ ନିଜେ ବୋରାଙ୍କ ବାସଭବନକୁ ଯାଇ ତାଙ୍କୁ ସ୍ୱାଗତ କରିଛନ୍ତି। ହିମନ୍ତ କହିଛନ୍ତି ଯେ ବୋରାଙ୍କୁ ବିଜେପିରେ ସମ୍ପୂର୍ଣ୍ଣ ସମ୍ମାନ ମିଳିବ। ଏ ନେଇ ପ୍ରତିକ୍ରିୟା ଦେଇ ଗୌରବ କହିଛନ୍ତି ଯେ ଭୂପେନ ବିଜେପିରେ ଯୋଗଦେବା ଦ୍ୱାରା କଂଗ୍ରେସ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏହି କ୍ରମରେ ସେ ସର୍ବାନନ୍ଦ ସୋନୋୱାଲଙ୍କ ଉଦାହରଣ ଦେଇ କହିଛନ୍ତି ଯେ ବିଜେପିକୁ ଗଲା ପରେ ନେତାମାନଙ୍କ ଗୁରୁତ୍ୱ କମିଯାଏ। ଅନ୍ୟପଟେ ଗୌରବ ତାଙ୍କୁ ଅପମାନିତ କରିଛନ୍ତି ବୋଲି ଭୂପେନ କହିଛନ୍ତି। ଦଳୀୟ ନିଷ୍ପତ୍ତି ଓ ମେଣ୍ଟ ପ୍ରସଙ୍ଗରେ ତାଙ୍କୁ ଅଣଦେଖା କରାଯାଇଥିଲା, ସେଥିପାଇଁ ସେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି।

# ରିଜିଜୁଙ୍କ ଟାର୍ଗେଟରେ ରାହୁଲ



ଏଭଳି ବିରୋଧୀ ନେତା ଇତିହାସରେ ଦେଖିନାହିଁ

ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ। ଭାରତର ସୁରକ୍ଷା ପାଇଁ ରାହୁଲ ସବୁଠାରୁ ବିପଜ୍ଜନକ ବ୍ୟକ୍ତି ପାଲଟି ଯାଇଛନ୍ତି ବୋଲି ସେ କହିଛନ୍ତି। ରିଜିଜୁ ଅଭିଯୋଗ କରିଛନ୍ତି ଯେ ରାହୁଲ ଭାରତ ବିରୋଧୀ ଶକ୍ତିଙ୍କ ସହ ମିଶିଛନ୍ତି। ନକ୍ସଲ, ଉଗ୍ରବାଦୀ ଏବଂ ଜର୍ଜ ସୋରସଙ୍କ ଭଳି ଲୋକଙ୍କୁ ଭେଟୁଛନ୍ତି। ସଂସଦରେ ପିଲାଙ୍କ ଭଳି ବ୍ୟବହାର କରୁଛନ୍ତି। ରାହୁଲ ଜଣେ ଦାୟିତ୍ୱହୀନ ବ୍ୟକ୍ତି। ବିରୋଧୀ ଦଳ ନେତା ସବୁ ବିରୋଧୀଙ୍କୁ ପ୍ରତିନିଧିତ୍ୱ କରିଥାନ୍ତି। ସଂସଦ ବାହାରେ ଯାଇ ଲୋକଙ୍କୁ ଦେଶଦ୍ରୋହୀ କହିବା, ଡ୍ରାମା କରିବା ଏବଂ ଅପ୍ରକାଶିତ ପୁସ୍ତକକୁ ଆଧାର କରିବା ଆଦି ତାଙ୍କ ପିଲାଳିଆମୀକୁ ଦର୍ଶାଉଛି। ଭାରତ ଇତିହାସରେ ଏଭଳି ବିରୋଧୀ ଦଳ ନେତା କେବେ ଦେଖିବାକୁ ମିଳି ନ ଥିଲା।

କଂଗ୍ରେସକୁ ନିଶାଣ କରି ରିଜିଜୁ କହିଛନ୍ତି ଯେ ସଂସଦରେ ହଙ୍ଗାମା କରିବା ଏହି ଦଳର କାର୍ଯ୍ୟ। ଆମେ କହିବାକୁ ଦେଉନାହୁଁ ବୋଲି କଂଗ୍ରେସ ଅଭିଯୋଗ କରୁଛି। ମାତ୍ର ରାହୁଲ ଗୃହ ଭିତରକୁ ପ୍ରବେଶ କରିବା ମାତ୍ରେ ହଙ୍ଗାମା ସହ ବ୍ୟାନର ପୋଷ୍ଟର ଧରି ସ୍ଲୋଗାନ ଦେବା ଆରମ୍ଭ ହୋଇଯାଉଛି। କଂଗ୍ରେସ ନେତା ମଣିଶଙ୍କର ଆୟରଙ୍କ ମନ୍ତବ୍ୟ 'ମୁଁ ରାହୁଲବାଦୀ ନୁହେଁ'କୁ ନେଇ ରିଜିଜୁ କହିଛନ୍ତି ଯେ ପୂର୍ବରୁ କଂଗ୍ରେସରେ ମଝବୁତ ନେତା ଥିଲେ। ମାତ୍ର ଧିରେ ଧିରେ କଂଗ୍ରେସ ରାହୁଲଙ୍କ ଭଳି ହୋଇଗଲାଣି। ରାହୁଲଙ୍କ ପାଖରେ ଯିଏ ରହୁଛନ୍ତି ସେ ବି ତାଙ୍କ ପରି ହୋଇଯାଉଛନ୍ତି। ସମର୍ଥକ ମଧ୍ୟ ତାଙ୍କୁ ଗମ୍ଭୀରତାର ସହ ନେଉନାହାନ୍ତି। କାରଣ ରାହୁଲ ଚିନ୍ତା ନ କରି କହିଥାନ୍ତି। ଯଦି ପ୍ରଧାନମନ୍ତ୍ରୀ କାହାକୁ ଭେଟିଛନ୍ତି କିମ୍ବା କୌଣସି ଦଲିଲ ଅଛି, ତେବେ ରାହୁଲ ତାହାକୁ ଉପସ୍ଥାପନ କରିବା କଥା। ସେ ବିନା ଆଧାରରେ ପ୍ରଧାନମନ୍ତ୍ରୀଙ୍କ ନାମ ନେଉଛନ୍ତି। ଲୋକସଭାରେ ରାହୁଲ ନିରର୍ଥକ ଟିପ୍ପଣୀ କରୁଥିଲେ। ବିରୋଧୀ ଦଳ ନେତା ନିୟମଠାରୁ ଊର୍ଦ୍ଧ୍ୱରେ ନୁହଁନ୍ତି ବୋଲି ସେ ଜାଣିବା ଉଚିତ। ପ୍ରଧାନମନ୍ତ୍ରୀ ଭାରତର ସ୍ୱାର୍ଥ ପାଇଁ କାମ କରୁଛନ୍ତି। ଆମେରିକା ସହ ବାଣିଜ୍ୟ ଚୁକ୍ତିରେ ଚାଷୀ, ଶ୍ରମିକ, ବୟନ ଶିଳ୍ପ କର୍ମଚାରୀ କିମ୍ବା କ୍ଷୁଦ୍ର ଉଦ୍ୟୋଗୀଙ୍କ କଥା ଚିନ୍ତା କରିବାର ଆବଶ୍ୟକତା ନାହିଁ। କାରଣ ପ୍ରଧାନମନ୍ତ୍ରୀ ସମସ୍ତଙ୍କ ଧ୍ୟାନ ରଖିଛନ୍ତି। ମାତ୍ର ରାହୁଲ ନିଜ ବ୍ୟବସ୍ଥାରେ କାମ କରୁଥିବା ଦେଖାଯାଉଛି। ରିଜିଜୁ ଦାବି କରିଛନ୍ତି ଯେ ଭାରତର '୧୫-୨୦% ଲେଫ୍ଟ ଇକୋସିଷ୍ଟମ' ରାଷ୍ଟ୍ରବାଦକୁ ବିରୋଧ କରୁଛି।

## ପ୍ୟାଣ୍ଟ ସୂତା ଟାଣିବା, ଛାତି ଧରିବା ଦୁଷ୍କର୍ମ ଉଦ୍ୟମ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି): କୌଣସି ଯୁବତୀଙ୍କ ପାଇଜାମାର ସୂତା ଟାଣିବା ଏବଂ ଛାତି ଧରିବାକୁ ଦୁଷ୍କର୍ମ ପ୍ରୟାସ ଧରାଯିବ। ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ପଲଟାଇ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ହାଇକୋର୍ଟ ପୂର୍ବରୁ ଏହାକୁ ଦୁଷ୍କର୍ମ ପ୍ରୟାସ ବଦଳରେ ଦୁଷ୍କର୍ମ ପାଇଁ ପ୍ରସ୍ତୁତି ବୋଲି କହିଥିଲେ। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଏକକ ଖଣ୍ଡପୀଠ ଉକ୍ତ ରାୟକୁ ବଦଳାଇ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆପରାଧିକ ଆଇନର ସିଦ୍ଧାନ୍ତକୁ ହାଇକୋର୍ଟ ଅପବ୍ୟବହାର କରିଛନ୍ତି। ଅଭିଯୁକ୍ତ କେବଳ ପ୍ରସ୍ତୁତି ପାଇଁ ସୀମିତ ଥିବା ହାଇକୋର୍ଟ କହିଥିଲେ। ମାତ୍ର ସୁପ୍ରିମକୋର୍ଟ ଏଥିରେ ସହମତ ନୁହନ୍ତି। ଏହା ଦୁଷ୍କର୍ମ ପ୍ରୟାସ ବୋଲି ସଙ୍କେତ ଦେଉଛି। ଏହା ପୂର୍ବରୁ ଗତ ବର୍ଷ ମାର୍ଚ୍ଚ ୧୭ରେ ଆହ୍ଲାବାଦ ହାଇକୋର୍ଟ କହିଥିଲେ ଯେ ଏହା ଦୁଷ୍କର୍ମ କିମ୍ବା ଦୁଷ୍କର୍ମ ପ୍ରୟାସ ଶ୍ରେଣୀରେ ଆସୁନାହିଁ। ତେଣୁ କୋର୍ଟ ଦୁଷ୍କର୍ମ ପ୍ରୟାସ ଅଭିଯୋଗ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ରାୟ ସାମ୍‌ନାକୁ ଆସିବା ପରେ ବିବାଦ ବଢ଼ିଥିଲା। ଏହା ପରେ ସୁପ୍ରିମକୋର୍ଟ ନିଜ ଆଡୁ ମାମଲାରେ ହସ୍ତକ୍ଷେପ କରି ଗତ ବର୍ଷ ମାର୍ଚ୍ଚ ୨୫ରେ ହାଇକୋର୍ଟଙ୍କ ରାୟ ଉପରେ ରୋକ୍ ଲଗାଇ ଦେଇଥିଲେ।

## ଅପରାଧୀର ଦଣ୍ଡ ହ୍ରାସ କରି କ୍ଷତିପୂରଣ ବଢ଼ାଇବା ବିପଜ୍ଜନକ ଧାରା

ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି): ଗୁରୁତର ଅପରାଧରେ କାହାର ଦଣ୍ଡ ହ୍ରାସ କରି କ୍ଷତିପୂରଣ ବଢ଼ାଇବା ବିପଜ୍ଜନକ ଧାରା ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମାଡ୍ରାସ ହାଇକୋର୍ଟଙ୍କ ଏକ ରାୟକୁ ରଦ୍ଦ କରି ଜଷ୍ଟିସ ରାଜେଶ ବିନ୍ଦଲ ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା ସମାଜକୁ ଭୁଲ୍ ବାର୍ତ୍ତା



ଦେଉଛି। ଅଭିଯୁକ୍ତ କେବଳ ଅର୍ଥ ଦେଇ ନିଜ ଦାୟିତ୍ୱରୁ ବର୍ତ୍ତିପାରିବ ନାହିଁ। ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବା ଦଣ୍ଡର ଉଦ୍ଦେଶ୍ୟ। ଭବିଷ୍ୟତର ଅପରାଧକୁ ରୋକିବା ପାଇଁ ଏହି ଦଣ୍ଡ ଦିଆଯାଇଥାଏ। ଦଣ୍ଡ ଅତ୍ୟଧିକ କଠୋର ହେବା ଅନୁଚିତ। ଅତ୍ୟଧିକ କୋହଳ ହେଲେ ବି ଅଭିଯୁକ୍ତର ଭୟ ଚାଲିଯିବ। ମାଡ୍ରାସ ହାଇକୋର୍ଟର ମଦୁରାଇ ଖଣ୍ଡପୀଠଙ୍କ ଏକ ରାୟ ବିରୋଧରେ ଦାଏର ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଜଣେ ବ୍ୟକ୍ତିଙ୍କ ଉପରେ ଛୁରା ମାଡ଼ କରି ଗୁରୁତର ଆଘାତ ଦେଇଥିବା ଅଭିଯୁକ୍ତ ଉପରେ ହାଇକୋର୍ଟ ଜୋରିମାନା ରାଶି ୫ ହଜାର ଟଙ୍କା ଲେଖାଏଁ ବଢ଼ାଇ ୩ ବର୍ଷର ଦଣ୍ଡକୁ ହ୍ରାସ କରିଦେଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଏହି ରାୟକୁ ରଦ୍ଦ କରିଦେଇଛନ୍ତି।

■ ଅର୍ଥ ଦେଇ ଅଭିଯୁକ୍ତ ବର୍ତ୍ତି ପାରିବେ ନାହିଁ
■ ମାଡ୍ରାସ ହାଇକୋର୍ଟଙ୍କ ରାୟ ରଦ୍ଦ

ଜଷ୍ଟିସ ବିନ୍ଦଲ କହିଛନ୍ତି ଯେ ବିନା କାରଣ ଦର୍ଶାଇ ହାଇକୋର୍ଟ ଦଣ୍ଡ କୋହଳ କରିଥିଲେ। ଘଟଣାକୁ ୧୦ ବର୍ଷ ବିତି ଯାଇଛି କିମ୍ବା ଅନ୍ୟ ମାମଲାରେ ପୀଡ଼ିତର ମୃତ୍ୟୁ ହୋଇ ଯାଇଥିବା କହି ଦଣ୍ଡକୁ କୋହଳ କରାଯାଇପାରିବ ନାହିଁ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ କ୍ଷତିପୂରଣ ଜରୁରୀ, ମାତ୍ର ଏହା ଦଣ୍ଡର ବିକଳ୍ପ ନୁହେଁ। ଭାରତୀୟ ନ୍ୟାୟ ବ୍ୟବସ୍ଥା ପ୍ରତିଶୋଧ ପାଇଁ ନୁହେଁ, ବରଂ ସୁଧାର ନୀତି ଉପରେ ଆଧାରିତ। ଦଣ୍ଡ ଦେବା ସମୟରେ କୋର୍ଟ ଗୁଡ଼ିକ ଅପରାଧ ଓ ଦଣ୍ଡ ମଧ୍ୟରେ ଅନୁପାତ, ମାମଲାର ତଥ୍ୟ ଓ ପରିସ୍ଥିତି, ସମାଜ ଉପରେ ପ୍ରଭାବ ଆଦିକୁ ଦୃଷ୍ଟିରେ ରଖିବା ଦରକାର।

# ଏଆଇ ସମ୍ମିଳନୀରେ ବିବାଦ

ନୂଆଦିଲ୍ଲୀ, ୧୮ ।୨(ଏଜେନ୍ସି): ସ୍ଥାନୀୟ ଭାରତ ମଣ୍ଡପମ୍‌ରେ ଚାଲିଥିବା ୨୦୨୬ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଇମ୍ପାକ୍ଟ ସମ୍ମିଳନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଚୀନ ରୋବଟ୍ ଓ କୋରିଆର ଡ୍ରୋନ୍‌ଗୁଡ଼ିକୁ ନିଜର ପ୍ରୋଜେକ୍ଟ ବୋଲି ଦାବି କରିବା ପରେ ଗଲଗୋଟିଆ ବିଶ୍ୱବିଦ୍ୟାଳୟକୁ 'ଇଣ୍ଡିଆ ଇମ୍ପାକ୍ଟ ଏଆଇ ସମିଟ ଏକ୍ସପୋ'ରୁ ବାଦ୍ ଦିଆଯାଇଛି।



ଆୟୋଜକମାନେ ପ୍ରଥମେ ବିଶ୍ୱବିଦ୍ୟାଳୟର ପାଭିଲିଅନରୁ ବିଦ୍ୟୁତ ସଂଯୋଗ କାଟି ଦେଇଥିଲେ ଏବଂ ତାପରେ ଯାଇ ସେଠାରେ ତାଲା ପକାଇ ବ୍ୟାରିକେଡିଂ କରିଦେଇଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଏକ ଭିଡ଼ିଓ ଭାଇରାଲ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହି ଭିଡ଼ିଓରେ ଗଲଗୋଟିଆ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଏକ ଚୀନ କମ୍ପାନୀର ରୋବଟିକ କୁକୁରକୁ ବିଶ୍ୱବିଦ୍ୟାଳୟ ଉଦ୍ଭାବନ କରିଥିବା କହିଥିଲେ। ଏହା ସହ ଏକ କୋରିଆ କମ୍ପାନୀର ଡ୍ରୋନକୁ ମଧ୍ୟ ସେମାନେ ନିଜର ପ୍ରୋଜେକ୍ଟ ବୋଲି ଦର୍ଶାଇ ଥିଲେ। ଏହାକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ଭାରତର ପ୍ରତିଭା ଓ ଡାଟାର ସଠିକ୍ ବ୍ୟବହାର ପରିବର୍ତ୍ତେ ଏହି ଏଆଇ ସମିଟ ଏକ ତାମସା ପାଲଟିଛି, ଯେଉଁଠାରେ ଚୀନ୍ ଉତ୍ପାଦ ପ୍ରଦର୍ଶନ କରାଯାଉଛି। ବିଶ୍ୱବିଦ୍ୟାଳୟ ତରଫରୁ ଏହି ରୋବୋଟିକ କୁକୁରକୁ ନିଜର ବୋଲି ଦାବି କରାଯାଉଥିବା ବେଳେ ଏହା ପ୍ରକୃତରେ ଚୀନ କମ୍ପାନୀ ୟୁନିଟର

ଚୀନ୍ ରୋବଟ, କୋରିଆ ଡ୍ରୋନ୍‌କୁ ନିଜର କହିଲା ଗଲ୍‌ଗୋଟିଆ ବିଶ୍ୱବିଦ୍ୟାଳୟ

'ଜିଓ୨' ମଡ଼େଲ, ଯାହା ବଜାରରେ ୨-୩ ଲକ୍ଷ ଟଙ୍କାରେ ମିଳୁଛି। ସେହିପରି ଡ୍ରୋନଟି ଏକ ରେଡିମେଡ 'ଷ୍ଟ୍ରାଇକର ଭି୩ ଏଆରଏଫ୍' ମଡେଲ ବୋଲି ଜଣାପଡ଼ିଛି। ତେବେ ବିଶ୍ୱବିଦ୍ୟାଳୟ ତରଫରୁ ସଫେଇ ଦେଇ କୁହାଯାଇଛି ଯେ ସେମାନେ ଏହି ରୋବଟ ତିଆରି କରିନାହାନ୍ତି। ଏହାକୁ କେବଳ ଛାତ୍ରଛାତ୍ରୀମାନଙ୍କୁ ଶିଖାଇବା ପାଇଁ ଅଣାଯାଇଥିଲା। ପ୍ରଫେସର ନେହା ସିଂ କହିଛନ୍ତି ଯେ ଅତ୍ୟଧିକ ଉତ୍ସାହ ଯୋଗୁଁ ସେ କଥାଟିକୁ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ।

## ଚୀନ୍ ବାଣ ଦୋକାନରେ ବିସ୍ଫୋରଣ; ୧୨ ମୃତ

ଶିଞ୍ଜିଆନ୍, ୧୮ ।୨(ଏଜେନ୍ସି): ଚୀନର ହୁବେଇ ପ୍ରାନ୍ତରେ ଥିବା ଏକ ବାଣ ଦୋକାନରେ ଭୟଙ୍କର ବିସ୍ଫୋରଣ ଘଟି ୧୨ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି ଦୁର୍ଘଟଣା ବୁଧବାର ଅପରାହ୍ଣ ଶିଞ୍ଜିଆନ ସହରରେ ଘଟିଛି। ବିସ୍ଫୋରଣ ପରେ ଦୋକାରେ ଭୟାଭୟ ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ପାଇବା ମାତ୍ରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବହୁ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ବିସ୍ଫୋରଣର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରାଯାଇଛି। ଚୀନରେ 'ଲୁନାର ନ୍ୟୁ ଇୟର' ଏବଂ ସ୍ପ୍ରିଙ୍ଗ ଫେଷ୍ଟିଭାଲ ସମୟରେ ବ୍ୟାପକ ଭାବେ ବାଣ ଫୁଟାଯାଏ। ସେଥିପାଇଁ ଏହି ସମୟରେ ଦୁର୍ଘଟଣାର ଆଶଙ୍କା ବଢ଼ିଯାଏ।

# ନେଦରଲାଣ୍ଡସ-ଭାରତ ବିଶ୍ୱକପ୍ ମୁକାବିଲା

# ୨୫ ବଲରେ ଦୁବେଙ୍କ ଦ୍ରୁତ ଅର୍ଦ୍ଧଶତକ



ଅହମ୍ମଦାବାଦ, ୧୮ ।୨ (ଏଜେନ୍ସି):

ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଆୟୋଜକ ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ବୁଧବାର ନେଦରଲାଣ୍ଡସକୁ ଭେଟିଛି। ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ-ଏ'ର ଏହି ମ୍ୟାଚରେ ଘରୋଇ ଭାରତ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୯୩ ରନର ବିଶାଳ ସ୍କୋର ସଂଗ୍ରହ କରିଛି। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ମଧ୍ୟକ୍ରମରେ ଶିଭମ ଦୁବେ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ନେଦରଲାଣ୍ଡସ ୧୬ ଓଭରରେ ୬ ୱିକେଟ ହରାଇ ୧୨୬ ରନ ସଂଗ୍ରହ କରି ପରାଜୟ ଦ୍ୱାରରେ ରହିଛି। ଭାରତ ଏଥିପୂର୍ବରୁ ଆମେରିକା (୨୯ ରନ), ନାମିବ୍ୟା (୯୩ ରନ) ଓ ପାକିସ୍ତାନ (୬୧ ରନ)କୁ ହରାଇ ହ୍ୟାଟ୍ରିକ ବିଜୟ ସହ ଗ୍ରୁପ୍-ଏ'ରୁ ପ୍ରଥମ ଦଳ ଭାବେ ସୁପର୍-୮ରେ ପ୍ରବେଶ କରିସାରିଥିଲା। ଅପରପକ୍ଷରେ ନେଦରଲାଣ୍ଡସ ୩ ମ୍ୟାଚରୁ ୧ ବିଜୟ ଓ ୨ ପରାଜୟ ସହ ୨ ପଏଣ୍ଟ ପାଇ ସୁପର୍-୮ ପର୍ଯ୍ୟାୟରୁ ବାଦ୍ ପଡ଼ିସାରିଛି।

ଏହି ମ୍ୟାଚରେ ଟସ୍ ଜିତି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତେବେ ପୁଣିଥରେ ନିରାଶ କରି ଓପନର୍ ଅଭିଷେକ ଶର୍ମା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ଦ୍ରୁତ ବ୍ୟାଟିଂ କରି ବଡ଼ ସ୍କୋର ଅଭିମୁଖେ ଅଗ୍ରସର ହେଉଥିବା ଇନଫର୍ମ ଇଶାନ କିଶାନ ମଧ୍ୟ ପ୍ଲେଡ-ଅନ ହୋଇ ସ୍ପିନର ଆର୍ଯ୍ୟନ ଦତ୍ତଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସେ ୭ଟି ବଲରେ ୨ଟି ଚୌକା ଓ ୧ ଛକା ସହ ୧୮ ରନ କରିଥିଲେ। ସେହିଭଳି ସାମାନ୍ୟ ଧୀମା ବ୍ୟାଟିଂ କରୁଥିବା ତିଲକ ବର୍ମା ମଧ୍ୟ ୨୭ ବଲରେ ୩୧ ରନ କରି ଲୋଗାନ ଭାନ୍ ବିକ୍‌ଙ୍କ ଶିକାର ବନିଥିଲେ। ଫଳରେ ଭାରତ ୯ ଓଭରବେଳକୁ ୬୯ ରନରେ ୩ ୱିକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ଏହି ସମୟରେ ଅଧିନାୟକ ସୂର୍ଯ୍ୟକୁମାର ଓ ଶିଭମ ଦୁବେ ସ୍ଥିତି ସମ୍ଭାଳିଥିଲେ। ସୂର୍ଯ୍ୟକୁମାର ସତର୍କତାର ସହ ଖେଳୁଥିବାବେଳେ ଦୁବେ କିନ୍ତୁ ଠିକ୍ ଏହାର ଓଲଟା ବ୍ୟାଟିଂ କରିଥିଲେ। ଦୁବେ ଏଠାରେ ୨୫ ବଲରେ ଅର୍ଦ୍ଧଶତକ ପୂରଣ କରିବା ସହ ଦଳକୁ ବଡ଼ ସ୍କୋର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୁବେ ୪ର୍ଥ ୱିକେଟ୍‌ରେ ସୂର୍ଯ୍ୟକୁମାରଙ୍କ ସହ ୪୧ ରନ ଏବଂ ୫ମ ୱିକେଟ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ୩୫ ବଲରୁ ୭୬ ରନର ଉପଯୋଗୀ ଭାଗୀଦାରି ଗଢ଼ିଥିଲେ। ଫଳରେ ଭାରତ ୬ ୱିକେଟରେ ୧୯୩ ରନ କରିପାରିଥିଲା। ଦୁବେ ୬ ଛକା ଓ ୪ ଚୌକା ସହ ୩୧ ବଲରୁ ସର୍ବାଧିକ ୬୬ ରନ କରିଥିଲେ। ସେହିଭଳି ସୂର୍ଯ୍ୟକୁମାର ୨୮ ବଲରେ ୩୪ ଏବଂ ପାଣ୍ଡ୍ୟା ୨୧ ବଲରେ ୩୦ ରନ କରି ଆଉଟ୍ ହୋଇଥିଲେ। ନେଦରଲାଣ୍ଡର ଭାନ ବିକ୍ ସର୍ବାଧିକ ୩ଟି ଓ ଆର୍ଯ୍ୟନ ୨ଟି ୱିକେଟ୍ ନେଇଥିଲେ।


## ଅଭିଷେକଙ୍କ ହ୍ୟାଟ୍ରିକ 'ଶୂନ'

ବିଶ୍ୱକପ୍‌ରେ ଭାରତ ଏହାର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ବୁଧବାର ନେଦରଲାଣ୍ଡସକୁ ଭେଟିଥିଲା। ଏହି ମ୍ୟାଚରେ ଭାରତର ତାରକା ଓପନର୍ ଅଭିଷେକ ଶର୍ମା ନୈରାଶଜନକ ପ୍ରଦର୍ଶନ ଜାରି ରଖି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ନେଦରଲାଣ୍ଡସ ପାଇଁ ଇନିଂସ ଆରମ୍ଭ କରିଥିବା ଅଫସ୍ପିନର ଆର୍ଯ୍ୟନ ଦତ୍ତଙ୍କ ପ୍ରଥମ ୩ଟି ବଲ୍ ଖେଳିଥିଲେ ମଧ୍ୟ ଅଭିଷେକ ଖାତା ଖୋଲିପାରି ନ ଥିଲେ। ସେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ଚଳିତ ବିଶ୍ୱକପ୍‌ରେ ଅଭିଷେକଙ୍କ ଏହା କ୍ରମାଗତ ୩ୟ 'ଶୂନ' ହୋଇଛି। ଏଥିପୂର୍ବରୁ ଅଭିଷେକ ଆମେରିକା ବିପକ୍ଷ ମ୍ୟାଚର ପ୍ରଥମ ବଲରେ ଏବଂ ପାକିସ୍ତାନ ବିପକ୍ଷରେ ୪ଟି ବଲ୍ ଖେଳିଥିଲେ ମଧ୍ୟ କୌଣସି ରନ ନ କରି ଆଉଟ୍ ହୋଇଥିଲେ। ପେଟଜନିତ ସମସ୍ୟା ଲାଗି ସେ ନାମିବ୍ୟା ବିପକ୍ଷ ୨ୟ ମ୍ୟାଚ୍ ଖେଳିପାରି ନ ଥିଲେ। ନେଦରଲାଣ୍ଡସ ବିପକ୍ଷ ମ୍ୟାଚରେ ଅଭିଷେକ ତାଙ୍କ ଜର୍ସି ପରିବର୍ତ୍ତେ ଅର୍ଶଦୀପଙ୍କ ଜର୍ସି ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ।

# ଦକ୍ଷିଣ ଆଫ୍ରିକା ୪ରୁ ୪ ବିଜୟ

ଦିଲ୍ଲୀ, ୧୮ ।୨ (ଏଜେନ୍ସି): ଚଳିତ ବିଶ୍ୱକପ୍‌ରେ ଚତୁର୍ଥ ମ୍ୟାଚରୁ ୪ର୍ଥ ବିଜୟ ସହ ଦକ୍ଷିଣ ଆଫ୍ରିକା ଅପରାଜେୟ ରହି ସୁପର୍-୮ରେ ପହଞ୍ଚିଛି। ବୁଧବାର ଏଠାରେ ଦକ୍ଷିଣ ଆଫ୍ରିକା ଖେଳିଥିବା ଏହାର ଶେଷ ତଥା ୪ର୍ଥ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ୬ ୱିକେଟରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ହରାଇଦେଇଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ୬ ୱିକେଟରେ ୧୨୨ ରନ କରିଥିଲା। ଦଳ ପକ୍ଷରୁ ଆଲିଶାନ ଶରାଫୁ ୩୮ ବଲରେ ୪୫ ରନ ଓ ଅଧିନାୟକ ମହମ୍ମଦ ୱାସିମ ୨୨ ରନ କରିଥିଲେ। ଦକ୍ଷିଣ ଆଫ୍ରିକାର କୋର୍ବିନ ବୋଶ୍‌ଙ୍କୁ ୩ଟି ଓ ଆନରିଚ ନୋର୍ଜେ ୨ଟି ୱିକେଟ ନେଇଥିଲେ। ୧୨୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୮୦ଟି ବଲ୍ ଖେଳି ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ଡେୱାଲ୍ଡ ବ୍ରେଭିସ ୩୬, ର୍‍ୟାନ ରିକ୍ଲେଟନ ୩୦, ଅଧିନାୟକ ଆଇଡେନ ମାର୍କରମ ୨୮ ଓ କ୍ୱିଣ୍ଟନ ଡିକକ୍ ୧୪ ରନ କରିଥିଲେ। କୋର୍ବିନ ବୋଶ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସମସ୍ତ ୪ଟି ଯାକ ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା ୮ ପଏଣ୍ଟ ପାଇ ଗ୍ରୁପ୍-ଡି ଶୀର୍ଷରେ ରହିଛି। ସେହିଭଳି ୟୁଏଇ ୪ର୍ଥ ମ୍ୟାଚରୁ ୩ୟ ପରାଜୟ ସହ ୨ ପଏଣ୍ଟ ପାଇ ବିଦାୟ ନେଇଛି।

## ଆଜିର ବିଶ୍ୱକପ୍ ମ୍ୟାଚ୍



| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ୱେଷ୍ଟଇଣ୍ଡିଜ-ଇଟାଲୀ | ପୂର୍ବାହ୍ନ ୧୧ଟା | କୋଲକାତା |
| ଶ୍ରୀଲଙ୍କା-ଜିମ୍ବାୱେ | ଅପରାହ୍ଣ ୩ଟା | କଲମ୍ବୋ |
| ଆଫଗାନିସ୍ତାନ-କାନାଡା, | ରାତି ୭ଟା | ଚେନ୍ନଇ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ସୁପର-୮ ଖେଳସୂଚୀ

| କେବେ | କାହା ମଧ୍ୟରେ | କେଉଁଠି |
|---|---|---|
| ୨୧।୨ | ନ୍ୟୁଜିଲାଣ୍ଡ-ପାକିସ୍ତାନ | କଲମ୍ବୋ |
| ୨୨।୨ | ଶ୍ରୀଲଙ୍କା-ଇଂଲଣ୍ଡ | ପାଲେକେଲେ * |
| ୨୨।୨ | ଭାରତ-ଦ.ଆଫ୍ରିକା | ଅହମ୍ମଦାବାଦ୍ |
| ୨୩।୨ | ୱେଷ୍ଟଇଣ୍ଡିଜ୍-ଜିମ୍ବାୱେ | ମୁମ୍ବଇ |
| ୨୪।୨ | ଇଂଲଣ୍ଡ-ପାକିସ୍ତାନ | ପାଲେକେଲେ |
| ୨୫।୨ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୨୬।୨ | ଦ.ଆଫ୍ରିକା-ୱେଷ୍ଟଇଣ୍ଡିଜ୍ | ଅହମ୍ମଦାବାଦ୍ * |
| ୨୬।୨ | ଭାରତ-ଜିମ୍ବାୱେ | ଚେନ୍ନଇ |
| ୨୭।୨ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୨୮।୨ | ଶ୍ରୀଲଙ୍କା-ପାକିସ୍ତାନ | ପାଲେକେଲେ |
| ୦୧।୩ | ଦ.ଆଫ୍ରିକା-ଜିମ୍ବାୱେ | ନୂଆଦିଲ୍ଲୀ * |
| ୦୧।୩ | ଭାରତ-ୱେଷ୍ଟଇଣ୍ଡିଜ୍ | କୋଲକାତା |
| ୦୪।୩ | ପ୍ରଥମ ସେମିଫାଇନାଲ | ପରେ ସ୍ଥିର ହେବ |
| ୦୫।୩ | ଦ୍ୱିତୀୟ ସେମିଫାଇନାଲ | ୱାଙ୍ଖେଡେ |
| ୦୮।୩ | ଫାଇନାଲ | ପରେ ସ୍ଥିର ହେବ |

ବି.ଦ୍ର: * ଚିହ୍ନିତ ମ୍ୟାଚ୍ ଗୁଡିକ ଅପରାହ୍ଣ ୩ଟାରୁ ଓ ଅନ୍ୟ ସମସ୍ତ ମ୍ୟାଚ୍ ରାତି ୭ଟାରୁ ଆରମ୍ଭ ହେବ।

ଗ୍ରୁପ-୧: ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ
ଗ୍ରୁପ୍-୨: ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ

# ଫରହାନଙ୍କ ଶତକ: ସୁପର-୮ରେ ପାକିସ୍ତାନ୍



କଲମ୍ବୋ, ୧୮ ।୨ (ଏଜେନ୍ସି): କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶେଷରେ ଚଳିତ ଟି-୨୦ ବିଶ୍ୱକପ୍‌ର ଅନ୍ତିମ ତଥା ୮ମ ଦଳ ଭାବେ ପାକିସ୍ତାନ ସୁପର୍-୮ରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ସିଂହଳୀ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ପାକିସ୍ତାନ ୧୦୨ ରନର ବଡ଼ ବ୍ୟବଧାନରେ ନାମିବ୍ୟାକୁ ହରାଇ ଏହି ସଫଳତା ପାଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ଓପନର୍ ଶାହିବଜାଦ ଫରହାନଙ୍କ ଅପରାଜିତ ଶତକ ବଳରେ ୩ ୱିକେଟ୍‌ରେ ୧୯୯ ରନର ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ୧୧ ଚୌକା ଓ ୪ ଛକା ସହ ୫୮ ବଲରେ ଫରହାନ ଠିକ୍ ୧୦୦ ରନ କରି ଅପରାଜିତ ରହିଥିଲେ। ଅହମ୍ମଦ ଶେହଜାଦ (୧୧୧ ରନ, ବନାମ ବାଂଲାଦେଶ, ୨୦୧୪)ଙ୍କ ପରେ ଦ୍ୱିତୀୟ ପାକିସ୍ତାନ ବ୍ୟାଟର୍ ଭାବେ ଫରହାନ ଟି-୨୦ ବିଶ୍ୱକପ୍‌ରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଲମାନ ଆଘା ୩୮, ସମିମ ଆୟୁବ ୧୪, ଖୱାଜ ନଫି ୫ ଏବଂ ଶଦାବ ଖାନ ୨୨ ବଲରେ ଅପରାଜିତ ୩୬ ରନର ପାଳି ଖେଳିଥିଲେ। ବୋଲିଂରେ ନାମିବ୍ୟାର ଜ୍ୟାକ ବ୍ରାସେଲଙ୍କୁ ୨ଟି ୱିକେଟ୍ ମିଳିଥିଲା।

ଜବାବରେ ୨୦୦ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ନାମିବ୍ୟା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୩ ଓଭରରେ ମାତ୍ର ୯୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଓପନର୍ ଲୌରେନ ଷ୍ଟିନକାମ୍ପ (୨୩ ରନ) ଓ ଆଲେକ୍ସଜାଣ୍ଡର ଭୋଲଶେଙ୍କ (୨୦ରନ)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଚର୍ଚ୍ଚିତ ସ୍ପିନର ଉସମାନ ତାରିକ (୪/୧୬) ଓ ଶଦାବ ଖାନ (୩/୧୯) ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ। ଶତକ ହାସଲକାରୀ ଫରହାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପାକିସ୍ତାନ ୪ର୍ଥ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇ ଭାରତ ପଛକୁ ୨ୟ ସ୍ଥାନରେ ରହିଛି। ସେହିଭଳି ନାମିବ୍ୟା ସମସ୍ତ ୪ଟି ଯାକ ମ୍ୟାଚ୍ ହାରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି।

# ପଥିରାଣାଙ୍କ ସ୍ଥାନରେ ମଦୁଶନକା



କଲମ୍ବୋ, ୧୮ ।୨ (ଏଜେନ୍ସି): ଆହତ ମଥୀଶା ପଥିରାଣାଙ୍କ ସ୍ଥାନରେ ବାମହାତୀ ଦ୍ରୁତ ବୋଲର ଦିଲଶାନ ମଦୁଶନକାଙ୍କୁ ଶ୍ରୀଲଙ୍କା ବିଶ୍ୱକପ୍ ଦଳରେ ସାମିଲ କରାଯାଇଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ଇଭେଣ୍ଟ ଟେକନିକାଲ କମିଟି ବିଶ୍ୱକପ ମଝିରେ ଏହି ଖେଳାଳି ଅଦଳବଦଳକୁ ଅନୁମତି ପ୍ରଦାନ କରିଛି। ସୋମବାର ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବୋଲିଂ କରୁଥିବାବେଳେ ପଥିରାଣାଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଫଳରେ ସେ ମାତ୍ର ୪ଟି ବଲ୍ ପକାଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ୨୫ ବର୍ଷୀୟ ବାମହାତୀ ବୋଲର ମଦୁଶନକା ୧୫ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳି ୧୫ଟି ୱିକେଟ୍ ନେଇଛନ୍ତି। ଶେଷଥର ଲାଗି ୨୦୨୪ରେ ସେ ଭାରତ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ଚଳିତ ବିଶ୍ୱକପ୍‌ର ସହ-ଆୟୋଜକ ରହିଥିବା ଶ୍ରୀଲଙ୍କା ବର୍ତ୍ତମାନ ସୁଦ୍ଧା ୩ ମ୍ୟାଚରୁ ୩ ବିଜୟ ସହ ୬ ପଏଣ୍ଟ ପାଇ ସୁପର-୮ରେ ସ୍ଥାନ ପକ୍କା କରିସାରିଛି। ସିଂହଳୀ ଦଳ ଏହାର ଶେଷ ମ୍ୟାଚରେ ଗୁରୁବାର ଜିମ୍ବାୱେକୁ ଭେଟିବ। ସୁପର୍-୮ରେ ଶ୍ରୀଲଙ୍କା ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ସହ ସ୍ଥାନ ପାଇଛି।

# ସୁନ୍ଦରଗଡ଼, ନବରଙ୍ଗପୁର, ସମ୍ବଲପୁର-ଏ ବିଜୟୀ

## କଳାହାଣ୍ଡି କପ୍

ଭୁବନେଶ୍ୱର, ୧୮ ।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ କଳାହାଣ୍ଡି କପ୍‌ର ଗ୍ରୁପ୍-ଏ, ବି ଓ ସି ମ୍ୟାଚ୍ ଖେଳାଯାଉଛି। ଦ୍ୱିତୀୟ ଦିବସରେ ବୁଧବାର ୯ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସୁନ୍ଦରଗଡ଼ ୪୭ ରନରେ ନୟାଗଡ଼କୁ, ନବରଙ୍ଗପୁର ୭ ୱିକେଟ୍‌ରେ ସମ୍ବଲପୁର-ବି'କୁ, କେନ୍ଦ୍ରାପଡ଼ା ୭ ୱିକେଟରେ ଢେଙ୍କାନାଳକୁ, ପୂର୍ବତଟ ରେଳବାଇ ୪୪ ରନରେ ବଲାଙ୍ଗିରକୁ, ସମ୍ବଲପୁର-ଏ ୨୩ ରନରେ ସୋନପୁରକୁ, ଖୋର୍ଦ୍ଧା ୬ ୱିକେଟରେ କଟକ-ବି'କୁ, ଭୁବନେଶ୍ୱର-ଏ ୭ ୱିକେଟ୍‌ରେ କୋରାପୁଟକୁ, ଯାଜପୁର ୬ ୱିକେଟରେ ବୌଦ୍ଧକୁ ଏବଂ ଦେଓଗଡ଼ ୧ ୱିକେଟରେ ମାଲକାନଗିରିକୁ ହରାଇଛି। ସୁନ୍ଦରଗଡ଼ର ସୌମ୍ୟ ଲେଙ୍କା (୨୯ ରନ ଓ ୨ ୱିକେଟ), ନବରଙ୍ଗପୁରର ଅର୍ଜୁନ କୁମାର (୮୨ ରନ), କେନ୍ଦ୍ରପଡ଼ାର ଆକାଶ ନାୟକ (୭୭ ରନ), ରେଳବାଇର ଜୟନ୍ତ ବେହେରା (୩ ୱିକେଟ), ସମ୍ବଲପୁରର ଦେବାଶିଷ ବାଗ୍ (୧୧୯ ରନ), ଖୋର୍ଦ୍ଧାର ବିଶ୍ୱଭୂଷଣ ବିହାରୀ (୯୩ ରନ ଓ ୨ ୱିକେଟ), ଭୁବନେଶ୍ୱର-ଏ'ର ଆଶୁତୋଷ ନାୟକ (୪ ୱିକେଟ), ଯାଜପୁରର ପପୁ ରୟ (୩ ୱିକେଟ ଓ ୨୧ ରନ) ଏବଂ ଦେବଗଡ଼ର ସୋହମରାଜ ମହାପାତ୍ର (୨ ୱିକେଟ୍ ଓ ୩୧ ରନ) ପ୍ରଭାବୀ ପ୍ରଦର୍ଶନ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଅର୍ଜୁନ କୁମାର



ଦେବାଶିଷ ବାଗ୍

# ଆଜିଠୁ ବାରବାଟୀରେ ବଧିର ଏସିଆ କପ୍

ଭୁବନେଶ୍ୱର, ୧୮ ।୨ (ସମିସ): ଐତିହାସିକ ବାରବାଟୀ ଷ୍ଟାଡିୟମରେ ଗୁରୁବାରଠାରୁ ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି। ଏଥିରେ ଆୟୋଜକ ଭାରତ ସମେତ ଶ୍ରୀଲଙ୍କା ଓ ନେପାଳ ଦଳ ଅଂଶଗ୍ରହଣ କରିବ। ଏସିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଏଡିସିଏ) ଓ ଇଣ୍ଡିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଆଇଡିସିଏ) ମିଳିତ ଆନୁକୂଲ୍ୟରେ ପ୍ରଥମଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହେବ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପୂର୍ବାହ୍ନ ୧୧ଟାରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ପ୍ରତି ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫେବୃଆରୀ ୨୫ରେ ଫାଇନାଲ ଖେଳାଯିବ ବୋଲି ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଡିସିଏ ସଭାପତି ସୁମିତ୍ ଜୈନ ସୂଚନା ଦେଇଛନ୍ତି। ପ୍ରତିଯୋଗିତାକୁ ଆୟୋଜନ ଲାଗି ସମସ୍ତ ସହଯୋଗ ଯୋଗାଇ ଦେଉଥିବାରୁ ସଭାପତି ସୁମିତ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)କୁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରତିଯୋଗିତା ପୂର୍ବରୁ ଅଧିନାୟକ ବୀରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଭାରତୀୟ ଦଳ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଫେବୃଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ କରିଥିଲା।




## ଭାରତୀୟ ଦଳରେ ଓଡ଼ିଶାରୁ ଶିବୁନା, ସନ୍ତୋଷ

ବିଶ୍ୱକପ୍ ଲାଗି ଘୋଷିତ ୧୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଶିବୁନା ନନ୍ଦ ଓ ସନ୍ତୋଷ କୁମାର ମହାପାତ୍ର। ବୀରେନ୍ଦ୍ରଙ୍କ ନେତୃତ୍ୱରେ ଘୋଷିତ ଦଳରେ ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ସିଂ, ଉମର ଅସ୍ରଫ, ସାଇ ଆକାଶ, ପ୍ରନିଲ ମୋରେ, କୁଲଦୀପ୍ ସିଂ, ଆକାଶ ସାଇନି, ହିଲାଲ ୱାନି, ଯଶବନ୍ତ ନାଇଡୁ, ବୈଭବ, ସନିଥ ସେଟ୍ଟୀ, ଦୀପକ ଲାମ୍ବା, ଅମନ ରିଜଭି ଓ ଜିଗର ଠାକର ରହିଛନ୍ତି। ଦିଲ୍ଲୀର ଦେବ ଦତ୍ତ ମୁଖ୍ୟକୋଚ୍ ଓ ଓଡ଼ିଶାର ଶକ୍ତି ସ୍ୱରୂପ ଦାଶ ସହାୟକ କୋଚ୍ ଦାୟିତ୍ୱ ତୁଲାଇବେ।

## ଆଇଏସ୍‌ଏଲ୍ ୨୦୨୫-୨୬

# କଳିଙ୍ଗରେ ଘରୋଇ ମ୍ୟାଚ୍ ଖେଳିବ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୧୮ ।୨ (ସମିସ): ବହୁ ବାଦବିବାଦ ପରେ ଶେଷରେ ବିଳମ୍ବରେ ଆରମ୍ଭ ହୋଇଛି ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣ। ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଚଳିତ ସିଜନ ଲାଗି କଳିଙ୍ଗ ଷ୍ଟାଡିୟମକୁ ଏହାର ହୋମ୍ ଭେନ୍ୟୁ ଭାବେ ଘୋଷଣା କରିଛି। ଓଡ଼ିଶା ଏଫ୍‌ସି ଏଥିପୂର୍ବରୁ ଗତ ସରକାର ସମୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ଯେଉଁଥିରେ କଳିଙ୍ଗ ଷ୍ଟାଡିୟମକୁ ଏହାର ଘରୋଇ ପଡ଼ିଆ ଭାବେ ବ୍ୟବହାର କରିବା ନେଇ ସରକାରଙ୍କ ସହ ବହୁବର୍ଷୀୟ ଚୁକ୍ତି କରିଥିଲା। ଏହି ଚୁକ୍ତି ଗତ ବର୍ଷ ଶେଷ ହୋଇଯାଇଥିଲା। ଇତିମଧ୍ୟରେ ବହୁ ବିଳମ୍ବରେ ମାର୍ଚ୍ଚ ୧୪ରୁ ଆଇଏସଏଲ୍-୧୨ ଆରମ୍ଭ ହୋଇଥିଲେ ମଧ୍ୟ ଓଡ଼ିଶା ଏଫ୍‌ସି ଘରୋଇ ଭେନ୍ୟୁକୁ ନେଇ କୌଣସି ନିଶ୍ଚିତ କରିପାରି ନ ଥିଲା। ଯେଉଁଥି ପାଇଁ ସୋମବାର ପଞ୍ଜାବ ଏଫ୍‌ସି ବିପକ୍ଷ ଓଡ଼ିଶା ଏଫ୍‌ସିର ପ୍ରଥମ ମ୍ୟାଚକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। କିନ୍ତୁ ଏବେ ଓଡ଼ିଶା ଏଫ୍‌ସି କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ନୂଆ ଚୁକ୍ତିନାମା ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଅଧିକାଂଶ ଖେଳାଳି ଆସି ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଆଉ ଦିନେ ଦୁଇଦିନ ମଧ୍ୟରେ କଳିଙ୍ଗରେ ଓଡ଼ିଶା ଏଫ୍‌ସିର ଅଭ୍ୟାସ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଫେବୃଆରୀ ୨୪ରେ କଳିଙ୍ଗରେ ଇଣ୍ଟର କାଶୀ ବିପକ୍ଷରେ ଖେଳି ଓଡ଼ିଶା ଏଫ୍‌ସି ଚଳିତ ସିଜନ ଆରମ୍ଭ କରିବ।

# ମାର୍ଚ୍ଚ ୧ରେ ଏଓସିଏ'ର ଆପାତକାଳୀନ ସାଧାରଣ ବୈଠକ

କଟକ, ୧୮ ।୨ (ସମିସ): ଅଲ୍‌ଓଡ଼ିଶା ଚେସ୍ ସଂଘ (ଏଓସିଏ)ର କାର୍ଯ୍ୟକାରିଣୀ ସମିତି ବୈଠକ ବୁଧବାର କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଚେସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୪ରେ ଅନୁଷ୍ଠିତ ଗତ ଇସି ବୈଠକରେ ଗୃହୀତ ପ୍ରସ୍ତାବକୁ ନିଶ୍ଚିତ କରାଯାଇଥିଲା। ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷର ଅଡିଟ ଓ ହିସାବ ପାଇଁ ଖଜାଞ୍ଚୀଙ୍କ ଦ୍ୱାରା ଅହେତୁକ ବିଳମ୍ବ ହେଉଥିବା ବିଷୟରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଏହି କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ଏହି ଅବସରରେ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୪ ତାରିଖରେ ସଂଘର ସଭାପତିଙ୍କ ଡାକରେ ବାରବାଟୀ ଚେସ୍ ହଲ୍‌ରେ ବୈଠକରେ ଯୋଗଦେବାକୁ ଉପସ୍ଥିତ ସଦସ୍ୟ ସମ୍ମତି ଜଣାଇଥିଲେ। ଏଥିରେ ଚେସ ଅଭିଭାବକମାନେ ମଧ୍ୟ ଯୋଗଦେଇପାରିବେ ବୋଲି ନିଷ୍ପତ୍ତି ହୋଇଛି। ସେହିଭଳି ଆସନ୍ତା ମାର୍ଚ୍ଚ ୧ରେ ଏଓସିଏ'ର ଆପାତକାଳୀନ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିପାଇଁ ଶୀଘ୍ର ଅଧିସୂଚନା ଜାରି କରାଯିବ। ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ ଏପ୍ରିଲରେ ସମ୍ପନ୍ନ କରାଯିବ ବୋଲି ସମ୍ପାଦକ ଦେବବ୍ରତ ଭଞ୍ଜ ବୈଠକରେ ପ୍ରତିଶ୍ରୁତି ଦେଇଛନ୍ତି।

# ୬୭ ବର୍ଷ ପ୍ରତୀକ୍ଷାର ଅନ୍ତ

# ରଣଜୀ ଟ୍ରଫି ଫାଇନାଲରେ ଜମ୍ମୁ-କାଶ୍ମୀର




କୋଲକାତା, ୧୮ ।୨ (ଏଜେନ୍ସି):

ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ଇତିହାସରେ ପ୍ରଥମଥର ଲାଗି ଜମ୍ମୁ କାଶ୍ମୀର ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛି। ଏଠାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଜମ୍ମୁ କାଶ୍ମୀର ୬ ୱିକେଟରେ ଦୁଇଥରର ବିଜେତା ଘରୋଇ ବେଙ୍ଗଲକୁ ପରାସ୍ତ କରିଛି। ୧୨୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଜମ୍ମୁ କାଶ୍ମୀର ବୁଧବାର ମ୍ୟାଚର ୪ର୍ଥ ଦିବସରେ ଦ୍ୱିତୀୟ ପାଳିରେ ୪ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବଂଶରାଜ ଶର୍ମା ୪୩, ଅବଦୁଲ ସମାଦ ଅପରାଜିତ ୩୦, ଶୁଭମ ପୁନ୍ଦିର ୨୭, ଅଧିନାୟକ ପାରସ ଡୋଗ୍ରା ୯ ରନ କରିଥିଲେ। ବେଙ୍ଗଲର ଆକାଶଦୀପ ୩ଟି ୱିକେଟ୍ ନେଇଥିଲେ। ପୂର୍ବରୁ ଏହି ମ୍ୟାଚରେ ବେଙ୍ଗଲ ସୁଦୀପ ଘରାମି (୧୪୬)ଙ୍କ ଶତକ ବଳରେ ପ୍ରଥମ ପାଳିରେ ୩୨୮ ରନ କରିଥିଲା। ଜବାବରେ ଜମ୍ମୁ କାଶ୍ମୀର ୩୦୨ ରନରେ ସୀମିତ ରହିଥିଲା। ଏହାପରେ ୨୬ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ବେଙ୍ଗଲ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୯୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜମ୍ମୁର ଏହି ଐତିହାସିକ ବିଜୟରେ ଦୁଇ ଦ୍ରୁତ ବୋଲର ଆକ୍ୱିବ ନବି (୮ଟି) ଓ ସୁନିଲ କୁମାର (୭ଟି) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବେଙ୍ଗଲର ମୋଟ୍ ୨୦ ୱିକେଟ୍‌ରୁ ଏହି ଦୁଇ ବୋଲର ମିଳିତ ଭାବେ ୧୫ଟି ୱିକେଟ ନେଇଥିଲେ। ବେଙ୍ଗଲର ଅଭିଜ୍ଞ ବୋଲର ମହମ୍ମଦ ସାମି ମଧ୍ୟ ମ୍ୟାଚରେ ମୋଟ୍ ୯ଟି ୱିକେଟ୍ ହାସଲ କରିଥିଲେ। କିନ୍ତୁ ଏହା ବୃଥା ଯାଇଥିଲା।

## ୧୯୫୯-୬୦ରେ ପଦାର୍ପଣ ଏବେ ୫୦ତମ ବିଜୟ

ଜମ୍ମୁ କାଶ୍ମୀର କ୍ରିକେଟ୍ ଦଳ ୧୯୫୯-୬୦ ସିଜନରେ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲା। ୬୭ ବର୍ଷ ଓ ୩୪୩ଟି ମ୍ୟାଚ୍ ଖେଳିବା ପରେ ଶେଷରେ ଏହି କେନ୍ଦ୍ରଶାସିତ ରାଜ୍ୟ ରଣଜୀ ଟ୍ରଫି ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛି। ଜମ୍ମୁ ଏହାର ପ୍ରଥମ ରଣଜୀ ବିଜୟ ୧୯୮୨-୮୩ ସିଜନରେ ସର୍ଭିସେସ ବିପକ୍ଷରେ ହାସଲ କରିଥିଲା। ଏହି ସେମିଫାଇନାଲ ବିଜୟ ରଣଜୀ ଟ୍ରଫିରେ ଜମ୍ମୁ କାଶ୍ମୀରର ୫୦ତମ ମ୍ୟାଚ୍ ବିଜୟ ମଧ୍ୟ ହୋଇଛି।

## କର୍ଣ୍ଣାଟକ ୮୦୨ ରନରେ ଆଗୁଆ

ଲକ୍ଷ୍ନୌ, ୧୮ ।୨ (ଏଜେନ୍ସି): ଅପରପକ୍ଷରେ ସ୍ଥାନୀୟ ଏକ୍କନା ଷ୍ଟାଡିୟମରେ ଉତ୍ତରାଖଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ମୋଟ୍ ଉପରେ ୮୦୨ ରନରେ ଅଗ୍ରଣୀ ହାସଲ କରିଛି। ଦେବଦତ୍ତ ପଡ଼ିକଲଙ୍କ ନେତୃତ୍ୱାଧୀନ କର୍ଣ୍ଣାଟକର ପ୍ରଥମ ପାଳି ସ୍କୋର ୭୩୬ ରନ ଜବାବରେ ଉତ୍ତରାଖଣ୍ଡ ବୁଧବାର ଚତୁର୍ଥ ଦିବସରେ ୨୩୩ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ପ୍ରଥମଥର ସେମିଫାଇନାଲ ଖେଳୁଥିବା ଉତ୍ତରାଖଣ୍ଡ ୫୦୩ ରନ ପଛରେ ଥାଇ ଫଲୋଅନ ହୋଇଥିଲା। କିନ୍ତୁ ଫଲୋଅନ ନ ଦେଇ କର୍ଣ୍ଣାଟକ ଦ୍ୱିତୀୟ ପାଳି ଆରମ୍ଭ କରିଥିଲା। ବୁଧବାର ଷ୍ଟମ୍ପ ସୁଦ୍ଧା କର୍ଣ୍ଣାଟକ ଦ୍ୱିତୀୟ ପାଳିରେ ୭୩.୫ ଓଭର ଖେଳି ୬ ୱିକେଟରେ ୨୯୯ ରନ ସଂଗ୍ରହ କରିଛି। ସ୍ମରଣ ରବିଚନ୍ଦ୍ରନ ପୁଣି ଏକ ଶତକୀୟ ପାଳି ଖେଳି ୧୨୭ ରନ କରିଥିଲେ। ପ୍ରଥମ ପାଳିରେ ସେ ୧୩୫ ରନର ପାଳି ଖେଳିଥିଲେ। ଗୁରୁବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ। ତେଣୁ ଯଦି ମ୍ୟାଚ୍ ଡ୍ର ରୁହେ ତେବେ କର୍ଣ୍ଣାଟକ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ଫାଇନାଲ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS